



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-174 ♦BHUBANESWAR ♦FRIDAY ♦20 DECEMBER 2024 ♦PAGE-14 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୧୭୪ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦



## ସଂସଦରେ କାଳିମା

# ‘ସମ୍ବିଧାନ’ରୁ ସଂଘର୍ଷ

## ଠେଲାପେଲାରେ ଦୁଇ ସାଂସଦ ଆହତ, ମେଡିକାଲରେ ଭର୍ତ୍ତି

■ **ନୂଆଦିଲ୍ଲୀ, ୧୯ ।୧୨ (ଏଜେନ୍ସି):** ବିଭିନ୍ନ ପ୍ରସଙ୍ଗକୁ ନେଇ ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ହଙ୍ଗାମା ଲାଗି ରହିଥିବା ବେଳେ ସଂସଦ ସମ୍ମୁଖରେ ଆଜି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସମ୍ବିଧାନ ଉପରେ ବିତର୍କରୁ ଆରମ୍ଭ ହୋଇଥିବା ତିକ୍ତତା ସଂଘର୍ଷର ରୂପ ନେଇଛି। ସଂସଦର ପ୍ରବେଶ ଦ୍ୱାରରେ ଆଜି ଶାସକ ଓ ବିରୋଧୀ ସାଂସଦମାନଙ୍କ ମଧ୍ୟରେ ଠେଲାପେଲା ଓ ମାର୍‌ପିଟ୍ ଯୋଗୁଁ ଦୁଇଜଣ ସାଂସଦ ଆହତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦ ସମ୍ମୁଖରେ ବିଜ୍ଞ ଲୋକପ୍ରତିନିଧିଙ୍କ ଏଭଳି ଆଚରଣ ଭାରତର ସଂସଦୀୟ ଇତିହାସରେ କଳାଦାଗ ଲଗାଇଦେଇଛି। ଆଜିର ଏହି ଘଟଣାକୁ ଦେଶବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସଂସଦରେ ସମ୍ବିଧାନ ଉପରେ ବିତର୍କ ବେଳେ ଆମ୍ବେଦକରଙ୍କ ପ୍ରତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ମନ୍ତବ୍ୟକୁ ନେଇ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସଂସଦ ସାମ୍ନାରେ ଶାସକ ଓ ବିରୋଧୀ ସାଂସଦ ମୁହାଁମୁହିଁ ହେବା ସହିତ ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏଥିରେ ତଳେ ପଡ଼ିଯାଇ ଦୁଇଜଣ ବିଜେପି ସାଂସଦ ଆହତ ହୋଇଛନ୍ତି। ଓଡ଼ିଶାର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ଉତ୍ତର ପ୍ରଦେଶର ମୁକେଶ ରାଜପୁତଙ୍କୁ ଚିକିତ୍ସା ଲାଗି ରାମ ମନୋହର ଲୋହିଆ ହସ୍‌ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି।





### ପରସ୍ପରକୁ ଦୋଷଦେଲେ ବିଜେପି, କଂଗ୍ରେସ

### ଉଭୟ ପକ୍ଷରୁ ଥାନାରେ ଏତଲା ଦାୟର

ବିଜେପି ନେତାମାନେ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ଠେଲିଦେବାରୁ ସେମାନେ ତଳେ ପଡ଼ିଯାଇ ଆହତ ହୋଇଛନ୍ତି। ସେମାନଙ୍କ ମୁଣ୍ଡରେ ଆଘାତ ଲାଗିଛି। ତେବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ରାହୁଲ୍ ତାଙ୍କୁ ସିଧାସଳଖ ଠେଲାପେଲା କରିନାହାନ୍ତି। ସେ ଅନ୍ୟ ଜଣେ ସାଂସଦଙ୍କୁ ଠେଲିବାବେଳେ ମୋ ଉପରେ ପଡ଼ିଯିବାରୁ ମୁଁ ତଳେ ପଡ଼ିଯାଇଥିଲି।

ବିଜେପି ଏହି ଘଟଣାରେ ରାହୁଲ ଗୁଣ୍ଡାଗର୍ଦ୍ଦି କରୁଥିବା ଅଭିଯୋଗ କରିବା ସହ ବିରୋଧୀ ଦଳର ନେତା ହେବାକୁ ସେ ଯୋଗ୍ୟ ନୁହନ୍ତି ବୋଲି କହିଛି। ଏ ସଂପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ବିଜେପିର ଜଣେ ମହିଳା ସାଂସଦ ଅଭିଯୋଗ କରିଛନ୍ତି, ରାହୁଲ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି।

ଅନ୍ୟପକ୍ଷରେ ରାହୁଲ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ସଂସଦରେ ପ୍ରବେଶ କରିବା ସମୟରେ ବିଜେପି ସାଂସଦମାନେ ତାଙ୍କୁ ଅଟକାଇଥିଲେ। ଭିତରକୁ ଯିବାକୁ ନ ଦେବାଲାଗି ସେମାନେ ତାଙ୍କୁ ଠେଲାପେଲା କରିଥିଲେ। ସେ କାହାକୁ ଠେଲାପେଲା କରି ନାହାନ୍ତି। ଅସଲ ପ୍ରସଙ୍ଗରୁ ଧ୍ୟାନ ହଟାଇବା ଲାଗି ବିଜେପିର ଏହା ଏକ ଚାଲ୍ ବୋଲି ରାହୁଲ୍ ଅଭିଯୋଗ କରିଛନ୍ତି।

ଉଭୟ ଦଳର ନେତା ଇତିମଧ୍ୟରେ ଥାନାକୁ ଯାଇ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି। ବିଜେପି ନେତାମାନେ ରାହୁଲଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତାମାନେ ଥାନାରେ ବିଜେପି ନେତାମାନଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ଭେଟି ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି। ସମଗ୍ର ଘଟଣାର ତଦନ୍ତ ଲାଗି ବିରୋଧୀ ସାଂସଦମାନେ ଦାବି କରିଛନ୍ତି। ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ▶ପୃଷ୍ଠା-୭

## ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ନୋଟିସ ଖାରଜ

■ **ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି):** ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ନୋଟିସ ଖାରଜ ହୋଇଯାଇଛି। ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଏହି ପ୍ରସ୍ତାବକୁ ଖାରଜ କରିଦେବା ସହିତ ମହାଭିଯୋଗ ପାଇଁ କୌଣସି ଆଧାର ନ ଥିବା କହିଛନ୍ତି। ବିରୋଧୀ ଦଳ କେବଳ ପ୍ରଚାରପ୍ରସାର ମାଧ୍ୟମରେ ଲୋକ ସମର୍ଥନ ହାସଲ କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟ କରିଛନ୍ତି ବୋଲି ହରିବଂଶ କହିଛନ୍ତି। ଧନଖଡ଼ ଗୃହ କାର୍ଯ୍ୟ ପରିଚାଳନା ବେଳେ ପକ୍ଷପାତ ନୀତିରେ କାର୍ଯ୍ୟ କରୁଥିବା ଏବଂ ଶାସକ ଦଳକୁ ସୁହାଇବା ଭଳି ଆଚରଣ କରୁଥିବା ଅଭିଯୋଗ କରି ସମ୍ବିଧାନର ଧାରା ୬୭(ବି) ଅଧୀନରେ ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ▶ପୃଷ୍ଠା-୭

## ବେଆଇନ ନିର୍ମାଣକୁ ‘ସୁପ୍ରିମ୍’ ଛାଟ

- ଅବୈଧ ଘରକୁ ମିଳିବ ନାହିଁ ବିଜୁଳି ଓ ପାଣି ସଂଯୋଗ
- ନିର୍ମାଣ କାର୍ଯ୍ୟ ପାଇଁ ଋଣ ପ୍ରଦାନ କରିବେ ନାହିଁ ବ୍ୟାଙ୍କ
- ବ୍ୟବସାୟ ପାଇଁ ଟ୍ରେଡ୍ ଲାଇସେନ୍ସ ଦେବେନାହିଁ ସରକାର
- ଅବୈଧ ନିର୍ମାଣ ଉଚ୍ଛେଦରେ ପୁଲିସ ସହାୟତା ଦେବାକୁ ବାଧ୍ୟ
- ସବୁ ରାଜ୍ୟ ସରକାର ଓ ବ୍ୟାଙ୍କକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

■ **ଭୁବନେଶ୍ୱର,୧୯।୧୨(ସମିସ):** ଜବରଦଖଲ ଜମିରେ ନିର୍ମାଣ, ବେଆଇନ ବା ଅବୈଧ ନିର୍ମାଣକାରୀଙ୍କ ପାଇଁ କଠୋର ହୋଇଛନ୍ତି ସର୍ବୋଚ୍ଚ ଅଦାଲତ। ବିଭିନ୍ନ ରାଜ୍ୟ ସରକାର ଓ ବ୍ୟାଙ୍କକୁ ଏ ସମ୍ପର୍କରେ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଜାରି କରିବା ସହ ବାସୋପଯୋଗୀ ପ୍ରମାଣପତ୍ର ନ ମିଳିବା ଯାଏ ବିଜୁଳି, ପାଣି ଓ ସ୍ୱେରେଜ ସଂଯୋଗ ପ୍ରଦାନ ନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ବ୍ୟାଙ୍କଗୁଡ଼ିକ ଏପରି ନିର୍ମାଣଗୁଡ଼ିକୁ ଋଣ ପ୍ରଦାନରୁ ବିରତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ କହିଛନ୍ତି ଯେ ନିର୍ମାଣ ଅବସ୍ଥାରେ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ▶ପୃଷ୍ଠା-୭

## ମାମଲା ବୋଝରେ ଚେପା ଗ୍ରାମ୍ୟ ନ୍ୟାୟାଳୟ

■ **ଭୁବନେଶ୍ୱର, ୧୯।୧୨ (ସମିସ):** ରାଜ୍ୟରେ ଆଉ ୬ଟି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ହେବ, ଗାଁ ଗାଁରେ ଲୋକଙ୍କୁ ଦ୍ରୁତ ନ୍ୟାୟ ମିଳିବ ଓ ଲୋକଙ୍କ ଦୁଆରେ ନ୍ୟାୟିକ ସେବା ନ୍ୟାୟ ଦେବ ବୋଲି ଗତମାସରେ ଆଇନମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ପ୍ରତି ବ୍ଲକ୍‌ରେ ଗ୍ରାମ ନ୍ୟାୟାଳୟ ସରକାରଙ୍କ ଲକ୍ଷ୍ୟ ବୋଲି ଆଇନମନ୍ତ୍ରୀ ନଭେମ୍ବର ମାସରେ ଘୋଷଣା କରିଥିଲେ। କିନ୍ତୁ ବାସ୍ତବତା ହେଉଛି ମାମଲା ବୋଝରେ ଗ୍ରାମ ନ୍ୟାୟାଳୟ ଚାପି ହୋଇଗଲାଣି।

### ▶ ଶୁଣାଣି ଅପେକ୍ଷାରେ ୪୮ ହଜାର ମାମଲା

### ▶ ଅନୁମୋଦନ ୩୧; କାର୍ଯ୍ୟକ୍ଷମ ଅଛି ୨୧

ଶୁଣାଣି ଅପେକ୍ଷାରେ ୪୮ ହଜାରରୁ ଅଧିକ ମାମଲା ପଡ଼ି ରହିଛି। ସରକାର ଏହାପ୍ରତି ଦୃଷ୍ଟି ଦେଉ ନାହାନ୍ତି କିମ୍ବା ଖାଲି ପଦବୀ ପୂରଣ କରୁନାହାନ୍ତି।

ଓଡିଶାରେ ୩୧ଟି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିଲେ ସୁଦ୍ଧା ମାତ୍ର ୨୧ଟି ସ୍ଥାପନ ହୋଇପାରିଛି। ଚଳିତ ବର୍ଷ କେନ୍ଦ୍ର ସରକାର ଆଉ ୬ଟି ଗ୍ରାମ୍ୟ ନ୍ୟାୟାଳୟ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଭାରତ ▶ପୃଷ୍ଠା-୭




## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ ଜରୁରୀ।


**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୭୫୭- ରବର୍ଟ କ୍ଲାଇବ୍ ବଙ୍ଗର ଗଭର୍ଣ୍ଣର୍ ହେଲେ।
- ୧୯୨୪- ଆଡ୍‌ଲଫ୍ ହିଟଲର୍ ଜେଲ୍‌ରୁ ମୁକୁଳିଲେ।
- ୧୯୫୫- ଭାରତୀୟ ଗଲ୍‌ଫ ସଂଘର ଗଠନ।
- ୧୯୯୦- ଭାରତ ଓ ପାକିସ୍ତାନ ପରସ୍ପର ଉପରେ ପରମାଣୁ ଆକ୍ରମଣ ନ କରିବା ପାଇଁ ସହମତି ପ୍ରକାଶ କଲେ।
- ୨୦୦୨- ଉତ୍ତର କୋରିଆ ପ୍ରସଙ୍ଗରେ ଦକ୍ଷିଣ କୋରିଆ ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନେଲା।

## ସରିଲା 'ସ୍କାଏ ଫୋର୍ସ'ର ସୁଟିଂ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ଆକ୍ସନ୍ ଥ୍ରିଲର୍ ଫିଲ୍ମ 'ସ୍କାଏ ଫୋର୍ସ'କୁ ଦର୍ଶକେ ଅପେକ୍ଷା କରିଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ସନ୍ଦୀପ କେବଲାନୀ ଓ ଅଭିଷେକ ଅନୀଲ କପୁର ରହିଛନ୍ତି। ଏହି ଫିଲ୍ମ ମାଧ୍ୟମରେ ବୀର ପହାଡ଼ିଆ ଡେବ୍ୟୁ କରିବେ। ବୀର ପହାଡ଼ିଆ, ଜାହ୍ନବୀ କପୁରଙ୍କ ପ୍ରେମିକ ଶିଖର ପହାଡ଼ିଆଙ୍କ ଭାଇ। ଏହାସହ ଏଥିରେ ଜାହ୍ନବୀ କପୁର, ଶରଦ କେଲକର ଓ ନିମ୍ରତ କୌର୍ ଲିଡ୍ ରୋଲରେ ନଜର ଆସିବେ। ଏହା ଆସନ୍ତା ଜାନୁଆରୀ ୨୫ରେ ରିଲିଜ୍ ହେବ। 'ସ୍କାଏ ଫୋର୍ସ'ର କାହାଣୀ ଭାରତ-ପାକ୍ ଯୁଦ୍ଧ ଉପରେ ଆଧାରିତ ହେବ। ଫିଲ୍ମର ସୁଟିଂ ମୁମ୍ବାଇ, ଲକ୍ଷ୍ନୌ, ସୀତାପୁର, ହାଇଦ୍ରାବାଦ୍, ଦିଲ୍ଲୀ, ପଠାନ୍‌କୋଟ୍, ଉତ୍ତରାଖଣ୍ଡରେ କରାଯାଇଛି। ଇତିମଧ୍ୟରେ ଫିଲ୍ମର ସୁଟିଂ ସରିଯାଇଛି। ଉଭୟ ସନ୍ଦୀପ ଓ ଅଭିଷେକ ଏଥିପାଇଁ ପୂରା ଟିମ୍‌କୁ ଇନ୍‌ଷ୍ଟାଗ୍ରାମ୍‌ରେ ଧନ୍ୟବାଦ ଜଣାଇଛନ୍ତି।


## ଗଛକୁ ଗାଳି




ଭାରତୀୟ ପରମ୍ପରାରେ ସମସ୍ତ ପ୍ରାଣୀ ପ୍ରତି ସମ୍ମାନ ଓ ଆଦର ପ୍ରଦର୍ଶନ କରିବାର ବିଧି ରହିଛି। ପ୍ରକୃତିରେ ପ୍ରତ୍ୟେକ ପ୍ରାଣୀର ଉପସ୍ଥିତି ଓ ମହତ୍ତ୍ୱକୁ ସ୍ୱୀକାର କରିବା ଏହାର ବିଶେଷତା ଅଟେ। ପ୍ରକୃତିରେ ବାସ କରୁଥିବା ପ୍ରତ୍ୟେକ ପଶୁ, ପକ୍ଷୀ ଓ ବୃକ୍ଷଲତା ପ୍ରତି ମଧ୍ୟ ଏହା ସମ୍ବେଦନର ଶିକ୍ଷା ଦେଇଥାଏ। ସେଥିପାଇଁ ଭାରତରେ ପ୍ରକୃତି ପୂଜାକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଖାସ୍ ଏଥିପାଇଁ ଆମ ଦେଶରେ ବର, ଅଶ୍ୱତ୍ଥ, ନିମ, ବେଲ, ଅଁଳା, ଶମୀ , କଦଳୀ ଆଦି ବୃକ୍ଷକୁ ପୂଜା କରାଯାଏ। ଅନ୍ୟପକ୍ଷରେ ପରିବେଶ ସଂରକ୍ଷଣ, ନଦୀ ଏବଂ ଗଛର ସୁରକ୍ଷା ମାମଲାରେ ଜାପାନବାସୀ ସବୁବେଳେ ଆଗରେ ରହିଥାନ୍ତି। ହେଲେ ଆଶ୍ଚର୍ଯ୍ୟ ଲାଗେ, ଏଠାକାର ଲୋକେ ମଣିଷଙ୍କ ପରି ଗଛକୁ ମଧ୍ୟ ଗାଳି ଦିଅନ୍ତି। ତେବେ ଗଛକୁ ଗାଳି ଦେବା ପଛରେ ଏକ ରୋଚକ କଥା ରହିଛି। ଯଦି ଏଠାରେ ଗୋଟିଏ ଗଛକୁ କାଟିବାର ଆବଶ୍ୟକତା ରହିଛି, କିନ୍ତୁ ଏହାର ମୋଟେଇ ଅଧିକ ଥିବାରୁ ଏହାକୁ କାଟିବା ସମ୍ଭବ ନୁହେଁ, ତେବେ ଲୋକେ ଏହାକୁ ଶୁଖିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି। ଗଛଟିକୁ ଶୁଖିବା ପାଇଁ ସେମାନେ ଗାଳି ଦେବା ଆରମ୍ଭ କରନ୍ତି। ଯଦି କୌଣସି ଗଛକୁ ଅପଶବ୍ଦ ପ୍ରୟୋଗ କରାଯାଏ ବା ଗାଳିଗୁଲଜ କରାଯାଏ ତେବେ ତାହା ମଣିଷଙ୍କ ପରି ଉଦାସ ହୋଇଯାଏ। ଗଛଟିର ଆୟୁ କମିଯାଏ। ଏହା ୩୦ ଦିନ ମଧ୍ୟରେ ଶୁଖିଯାଇ ଆପେ ଆପେ ତଳେ ଖସି ପଡ଼ିଥାଏ ବୋଲି ଜାପାନବାସୀଙ୍କ ମଧ୍ୟରେ ବିଶ୍ୱାସ ରହିଛି। ତେଣୁ ଏଠାକାର ଲୋକେ ଗଛଟିକୁ ଘେରି ଯାଇ ତାକୁ ନାନା କଟୁକଥା କହିଥାନ୍ତି। ଗଛଟି ଶୁଖିଯିବା ପରେ ସେମାନେ ଏହାକୁ କାଟିଥାନ୍ତି।

## ସେନା ଟ୍ରକ୍ ସାଜିଲା ବିଳାସପୂର୍ଣ୍ଣ ହୋଟେଲ

ଦିନକୁ ଦିନ ବିଭିନ୍ନ ଥିମ୍‌ରେ ହୋଟେଲ ନିର୍ମାଣ କରାଯାଇ ଗ୍ରାହକମାନଙ୍କୁ ଆକୃଷ୍ଟ କରାଯିବା ପାଇଁ ଚେଷ୍ଟା କରାଯାଉଛି। ଏହି ପରିପ୍ରେକ୍ଷୀରେ ଅଣ୍ଡର ୱାଟର ହୋଟେଲ, ଇଗଲୁ ହୋଟେଲ, ଟ୍ରି ହୋଟେଲ ବେଶ୍ ଚର୍ଚ୍ଚାରେ ରହିଛି। ଏବେ ଇଂଲଣ୍ଡର ଗୋଟିଏ ସେନା ଟ୍ରକ୍‌କୁ ବିଳାସପୂର୍ଣ୍ଣ ହୋଟେଲରେ ରୂପାନ୍ତରିତ କରାଯାଇଛି। ଏହାର ନାଁ 'ଆର୍ନି ଦ ଆର୍ମି ଟ୍ରକ।' ଉକ୍ତ ହୋଟେଲ ଇହ୍ୟାର୍ ବେଚାମ୍ପ ଗାଁରେ ଅବସ୍ଥିତ। ୧୯୮୭ ମସିହାରେ ଏହି ଗାଡ଼ିକୁ ବୋମା ନିଷ୍କ୍ରିୟ କରିବା ପାଇଁ ନିର୍ମାଣ କରାଯାଇଥିଲା। କିନ୍ତୁ ଏବେ ଏହାକୁ ଏକ ସୁନ୍ଦର ତଥା ଆକର୍ଷଣୀୟ ହୋଟେଲରେ ପରିଣତ କରାଯାଇଛି। ଏହି ହୋଟଲରେ ଦୁଇ ଜଣ ଲୋକଙ୍କ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିରେ ଗୋଟିଏ ରାତି ରହିବା ପାଇଁ ୧୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ। ଏହା ମଧ୍ୟରେ ଗୋଟିଏ ଡବଲ୍ ବେଡ୍ ଅଛି। ତା'ସହ ରୋଷେଇଘର, ବାଥ୍‌ରୁମ୍ ଏବଂ ୱାଇଫାଇର ବି ସମସ୍ତ ସୁବିଧା ଅଛି। ସେହିଭଳି ଟ୍ରକ୍ ବାହାରେ ଦୁଇଟି ଚେୟାର୍ ଓ ଗୋଟିଏ ଟେବୁଲ୍ ରଖାଯାଇଛି। ଯଦ୍ୱାରା ଲୋକେ ପ୍ରକୃତି କୋଳରେ ଖାଦ୍ୟ ଖାଇବାର ମଜା ନେଇ ପାରିବେ। ଏହି ଟ୍ରକ୍‌ଟିର ଡିଜାଇନ୍ ଏବଂ ସାଜସଜ୍ଜା ଏଭଳି ଭାବେ କରାଯାଇଛି ଯେ, ଏହାକୁ କେହି ମିଲିଟାରି ଟ୍ରକ୍ ବୋଲି ଭାବି ପାରିବେ ନାହିଁ।





# ସଞ୍ଜୀବନୀ

## ୟୁରିକ୍ ଏସିଡ୍



**ସମ୍ପ୍ରତି ୟୁରିକ୍ ଏସିଡ୍ ସମସ୍ୟା ୪୦ ବର୍ଷରୁ ଊର୍ଦ୍ଧ୍ୱ ତଥା କମ୍ ବୟସର ପିଲାଙ୍କ ଠାରେ ଦେଖିବାକୁ ମିଳୁଛି। ୟୁରିକ୍ ଏସିଡ୍ ଶରୀରର ଏକ ବର୍ଜ୍ୟବସ୍ତୁ। ଶରୀରରେ ପ୍ୟୁରିନ୍ ନାମକ ଏକ ପଦାର୍ଥ ଭାଙ୍ଗିବା ଦ୍ୱାରା ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ବୃକ୍‌କରୁ ଛାଣି ହୋଇ ପରିସ୍ରା ଏବଂ ମଳ ମାଧ୍ୟମରେ ଶରୀରରୁ ବାହାରିଥାଏ। କିନ୍ତୁ ୟୁରିକ୍ ଏସିଡ୍ ସ୍ତର ଅଧିକ ତିଆରି ହେଲେ, ଏହା ସ୍ଫଟିକରେ ପରିଣତ ହୁଏ। ଏହା ଗଣ୍ଠିରେ ଜମା ହୋଇ ଯନ୍ତ୍ରଣା ସହ ଫୁଲିଯାଏ। ଅନ୍ୟାନ୍ୟ ରୋଗ ସୃଷ୍ଟି କରାଏ। ତେଣୁ ୟୁରିକ୍ ଏସିଡ୍‌କୁ ନିୟନ୍ତ୍ରଣ ପାଇଁ ଏହି ଖାଦ୍ୟକୁ ଆପଣାନ୍ତୁ...**

ଖରାପ ଜୀବନଶୈଳୀ ଏବଂ ଖାଦ୍ୟାଭ୍ୟାସ କାରଣରୁ ଶରୀରରେ ୟୁରିକ୍ ଏସିଡ୍ ସ୍ତର ବୃଦ୍ଧି ପାଇଥାଏ। ୟୁରିକ୍ ଏସିଡ୍ ବଢ଼ିଲେ, ଆର୍ଥ୍ରାଇଟିସ୍, ପିଠିର ତଳପାର୍ଶ୍ୱ, ଗୋଡ଼, ଗୋଇଠିରେ ଅସହ୍ୟ ଯନ୍ତ୍ରଣା ହୁଏ। ଲାଲ୍ ମାଂସ,ମାଛ, ସାମୁଦ୍ରିକ ଖାଦ୍ୟ, ମଦ,ମୋଟାପଣ, ବଂଶାନୁଗତ, ଡାଇୟୁରେଟିକ୍ସ, ଉଚ୍ଚ ରକ୍ତଚାପ, ଥାଇରଏଡ, ବୃକ୍‌କ ଜନିତ ସମସ୍ୟା, ଶର୍କରାଯୁକ୍ତ ଡ୍ରିଙ୍କ୍ ଏବଂ ପ୍ରୋଟିନ୍‌ଯୁକ୍ତ ଖାଦ୍ୟକୁ ଅଧିକ ସେବନ ଦ୍ୱାରା ଶରୀରରେ ପ୍ୟୁରିନ୍ ମାତ୍ରା ବଢ଼ିବା ଯୋଗୁଁ ୟୁରିକ୍ ଏସିଡ୍ ସ୍ତର ମଧ୍ୟ ବଢ଼ିଥାଏ। ଏହାଛଡ଼ା ବୃକ୍‌କର କାର୍ଯ୍ୟକ୍ଷମତା ହ୍ରାସ ପାଇଲେ ୟୁରିକ୍ ଏସିଡ୍ ସ୍ତର ବଢ଼ିଥାଏ। ପୁରୁଷଙ୍କ ଠାରେ ୟୁରିକ୍ ଏସିଡ୍ ସ୍ତର ୨.୫-୭.୦ ମିଲିଗ୍ରାମରୁ ଅଧିକ ଏବଂ ମହିଳାଙ୍କଠାରେ ୧.୫- ୬.୦ ମିଗ୍ରା/ ଡିଏଲ୍‌ରୁ ଅଧିକ ହେଲେ ଏହାକୁ ବିପଦ ବୋଲି ବିବେଚନା କରାଯାଏ। ଏଥିଯୋଗୁଁ ପରିସ୍ରା ଜଳାପୋଡ଼ା, ବୃକ୍‌କ ପଥୁରି, ବୃକ୍‌କ ଅକାମୀ, ହୃଦ୍ ସମ୍ବନ୍ଧୀୟ ସମସ୍ୟା, ମଧୁମେହ, ଉଚ୍ଚ ରକ୍ତଚାପ ହୋଇପାରେ।

**କ'ଣ ଖାଇବେନି :** ଖଟାଯୁକ୍ତ ଖାଦ୍ୟ ଯଥା- ଆମଚୂର, ତେନ୍ତୁଳି, ପ୍ୟାକେଡ ଜୁସ୍, ପ୍ରୋସେସ୍ଡ ଖାଦ୍ୟ, ରାଜ୍‌ମା, ଚଣା, କନ୍ଦମୂଳ, ଫୁଲକୋବି, ଲୁଣ, ତେଲ ମସଲା ଖାଦ୍ୟ, ଆଇସ୍‌କ୍ରିମ୍, ଆଦି ସେବନ ଅନୁଚିତ।

**କ'ଣ ଖାଇବେ:** କଦଳୀରେ ପ୍ୟୁରିନ୍ ମାତ୍ରା କମ୍ ଥାଏ। ଏହା ୟୁରିକ୍ ଏସିଡ୍‌ରୁ ହେଉଥିବା ରୋଗକୁ କମ୍ କରିବ। ସେଓ, କମଳା, କିୱି, ଚେରୀ, ଷ୍ଟ୍ରବେରୀ, ଖରବୁଜା, ତରଭୁଜ, ଲେମ୍ବୁ ଆଦି ସେବନ କରିପାରିବେ। ଦୁଗ୍ଧ, ଗ୍ରୀନ୍ –ଟି, ଟମାଟୋ, କାକୁଡ଼ି, ପିଆଜ ଆଦି ଖାଇପାରିବେ। ପ୍ରଚୁର ମାତ୍ରାର ପାଣି ପିଇବା, ବ୍ୟାୟାମ କରିବା ଜରୁରି। ଓଜନ ନିୟନ୍ତ୍ରଣରେ ରଖିବା ଭଲ।

## କାଶରୁ ଫୁସ୍‌ଫୁସ୍ ରୋଗ ଚିହ୍ନଟ

ଅଧିକାଂଶଙ୍କର ଧୂଳି ସଂସ୍ପର୍ଶରେ ଆସିଲେ କିମ୍ବା ଜ୍ୱର କାରଣରୁ କାଶ ହୋଇଥାଏ। ଦୀର୍ଘ ଦିନ ଧରି କାଶ ହେବା ଦ୍ୱାରା ଏହା ଜଟିଳ ପରିସ୍ଥିତି ସୃଷ୍ଟି କରେ। ଯଦିଓ କାଶ ଉପଶମ ପାଇଁ ଅନେକ ବିକଳ୍ପ ରହିଛି, କିନ୍ତୁ କାଶ ଶବ୍ଦରୁ ବି ଜଣେ ବ୍ୟକ୍ତିଙ୍କର ଫୁସ୍‌ଫୁସ୍ ଜନିତ ସମସ୍ୟା ଅଛିକି ନାହିଁ ଜଣାପଡ଼ିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଉପଯୋଗ କରି ଏପରି ଏକ କୌଶଳ ବିକଶିତ କରାଯାଇଛି। ଯେଉଁଥିରେ କାଶର ଶବ୍ଦ ପ୍ରକାରଭେଦକୁ ବିଶ୍ଳେଷଣ କରି ଯକ୍ଷ୍ମା ତଥା ଟ୍ୟୁବରକୁଲୋସିସି ପରି ଗମ୍ଭୀର ରୋଗ ଅଛି କି ନାହିଁ ଜଣାପଡ଼ିବ। ଗୁଗଲ ରିସର୍ଚ୍ଚର ଏଆଇ ବିଶେଷଜ୍ଞଙ୍କ ଏକ ଟିମ୍ ଜାମ୍ବିଆ ସ୍ଥିତ ସଂକ୍ରାମକ ରୋଗ ଅନୁସନ୍ଧାନ କେନ୍ଦ୍ର ସହଯୋଗରେ ଫୁସ୍‌ଫୁସ୍ ରୋଗ ବିଷୟରେ ଜାଣିବାକୁ ଏକ ମେସିନ୍ ଲର୍ଣ୍ଣିଂ ପ୍ରଣାଳୀ ବିକଶିତ କରିଛନ୍ତି। ଏହି ପ୍ରଣାଳୀ କାଶର ବିଶ୍ଳେଷଣ କରି ରୋଗକୁ ଚିହ୍ନଟ କରିବାରେ ସକ୍ଷମ ହେବ। ଏହି ନୂତନ ପ୍ରଣାଳୀକୁ ହେଲ୍‌ଥ୍ ଅକୁଷ୍ଟିକ୍ ରିପ୍ରେଜେଣ୍ଟେସନ (ଏଚ୍‌ଇଏଆର୍) ନାଁ ଦିଆଯାଇଛି। ଗୁଗଲ ଚାଟ୍‌ଜିପିଟି ଏଲ୍‌ଏଲ୍‌ଏମ୍ ତିଆରି ପାଇଁ ହେଉଥିବା କୌଶଳର ସାହାଯ୍ୟ ନେଇଥିଲେ। ନେଚର ଜର୍ଣ୍ଣାଲରେ ପ୍ରକାଶିତ ଅଧ୍ୟୟନ ଅନୁସାରେ, ଏଚ୍‌ଇଏଆର୍ ପ୍ରଣାଳୀରେ ନିଃଶ୍ୱାସ, କାଶିବା ବା ଛିଙ୍କିବା ଆଦି ଶବ୍ଦକୁ ସ୍ପେକ୍ଟ୍ରୋଗ୍ରାମରେ ପରିଣତ କରି ଏହି ସ୍ପେକ୍ଟ୍ରାଗ୍ରାମକୁ କିଛି ଅଂଶରେ ଲୁଚାଇ ଏଆଇ ଏହି ଅଂଶକୁ ପୂରା କରିବାକୁ ନିର୍ଦ୍ଦେଶ ଦେଇଥାଏ। ଏଲ୍‌ଏଲ୍‌ଏମ ବାକ୍ୟରେ ଆଗାମୀ ଶବ୍ଦର ପ୍ରକାରଭେଦ ଯେପରି ଭବିଷ୍ୟବାଣୀ କରିବା ଶିଖାଇଥାଏ ଏହି ପ୍ରଣାଳୀକୁ ଉପଯୋଗ କରି ଟିବି ଏବଂ କରୋନା ଚିହ୍ନଟରେ ବ୍ୟବହାର କରାଯାଇଥାଏ। ତେବେ ଏହାକୁ ଅଧିକ ପ୍ରଭାବୀ କରିବାକୁ ବିଶେଷଜ୍ଞ ଏହା ଉପରେ ଅଧିକ ଅଧ୍ୟୟନ ଜାରି ରଖିଛନ୍ତ।

## ସକାଳର ସ୍ୱାସ୍ଥ୍ୟ

## ୱାକିଂ ନିମୋନିଆ



ବର୍ଦ୍ଧିତ ଜନସଂଖ୍ୟା ସାଙ୍ଗକୁ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି, ଜଙ୍ଗଲ କ୍ଷୟ, ଅଧିକ କଳକାରଖାନା ସ୍ଥାପନ ଆଦି ଯୋଗୁଁ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ବଢ଼ି ବଢ଼ି ଚାଲିଛି। ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) କ୍ରମାଗତ 'ଗମ୍ଭୀର' ବର୍ଗରେ ରହିଆସୁଥିବାବେଳେ ପ୍ରଦୂଷଣର ପ୍ରଭାବ ସିଧାସଳଖ ସ୍ୱାସ୍ଥ୍ୟ ଉପରେ ପଡୁଛି। ଏପରି ଏକ ସ୍ଥିତିରେ ଏବେ ଚିନ୍ତା ବଢ଼ାଇଛି 'ୱାକିଂ ନିମୋନିଆ'। ସାଧାରଣ ନିମୋନିଆ ଠାରୁ ଏହା ବିପରୀତ, ଏହାର ଲକ୍ଷଣ ମଧ୍ୟ ଭିନ୍ନ ହୋଇଥାଏ। ୱାକିଂ ନିମୋନିଆକୁ ଏଟିପିକଲ ନିମୋନିଆ କୁହାଯାଏ। ଏହା ମାଇକୋପ୍ଲାଜମା ନିମୋନି ନାମକ ସାଧାରଣ ଜୀବାଣୁ ଦ୍ୱାରା ହୋଇଥାଏ। ଏହା ଏକ ପ୍ରକାର ଫୁସ୍‌ଫୁସ୍ ସଂକ୍ରମଣଜନିତ ସମସ୍ୟା। ଏହି ରୋଗରେ ପୀଡ଼ିତଙ୍କ ଠାରେ ସାମାନ୍ୟ ଥଣ୍ଡା, ସର୍ଦ୍ଦି, କାଶ, ମାଂସପେଶୀ ଯନ୍ତ୍ରଣା ଆଦି ସମସ୍ୟା ହୋଇଥାଏ। ଯେହେତୁ ଏହି ରୋଗରେ ସଂକ୍ରମିତ ବ୍ୟକ୍ତି ଦୈନନ୍ଦିନ କାର୍ଯ୍ୟ କରିପାରିବା ସହ ସ୍ୱାଭାବିକ ଚଲାବୁଲା କରନ୍ତି, ତେଣୁ ଏହାକୁ ୱାକିଂ ନିମୋନିଆ କୁହାଯାଇଥାଏ। ୱାକିଂ ନିମୋନିଆରେ ପ୍ରାୟତଃ କମ୍ ତୀବ୍ରତା ଦେଖିବାକୁ ମିଳେ। ୱାକିଂ ନିମୋନିଆରେ କମ୍ ଜ୍ୱର ହେବା ସହ କଫ ଶୁଖିଯାଏ, ଗଳା ଯନ୍ତ୍ରଣା ଏବଂ କାଶ ଭଳି ଲକ୍ଷଣ ଦେଖାଯାଏ। ଚଳନ୍ତା ନିମୋନିଆରେ ଆକ୍ରାନ୍ତବ୍ୟକ୍ତିମାନେ ଶ୍ୱାସକ୍ରିୟାରେ ସାମାନ୍ୟ ଅସୁବିଧା ଅନୁଭବ କରନ୍ତି। ଏହି ସଂକ୍ରମଣ ୩ରୁ ୫ ଦିନ ମଧ୍ୟରେ ରହିଥାଏ। ସଂକ୍ରମିତ ବ୍ୟକ୍ତିଙ୍କ କାଶ କିମ୍ବା ଛିଙ୍କ ଦ୍ୱାରା 'ଚଳନ୍ତା ନିମୋନିଆ' ବ୍ୟାପିଥାଏ। ୱାକିଂ ନିମୋନିଆ ଚିକିତ୍ସା ଆଣ୍ଟି ବ୍ୟାକ୍ଟେରିଆଲ ଔଷଧରୁ କରାଯାଇଥାଏ। ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଯଥା- ଆଜ୍‌ମା, ହୃଦ୍‌ରୋଗ, ମଧୁମେହରେ ପୀଡ଼ିତ ବ୍ୟକ୍ତିଙ୍କୁ ୱାକିଂ ନିମୋନିଆ ପ୍ରତି ଅଧିକ ସତର୍କ ରହିବା ଜରୁରି।

## ସମସ୍ୟା ବଢ଼ାଏ ତ୍ରୁଟିପୂର୍ଣ୍ଣ ମାସ୍କ ବ୍ୟବହାର



ଦିନକୁ ଦିନ ପ୍ରଦୂଷଣର ମାତ୍ରା ବଢ଼ିବା ଯୋଗୁଁ ଲୋକେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଉଛି। ମାସ୍କ ପିନ୍ଧିବା ଅଭ୍ୟାସ ଲୋକଙ୍କ ପାଇଁ ନୂଆ ନୁହେଁ, ଏହା ପୂର୍ବରୁ କୋଭିଡ୍ ସମୟରେ ସମସ୍ତେ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦେଉଥିଲେ। ମାସ୍କ ପିନ୍ଧିବା ଦ୍ୱାରା ସମସ୍ତ ଭୂତାଣୁ ଓ ଜୀବାଣୁରୁ ସୁରକ୍ଷା ମିଳିପାରେ। ହେଲେ ଜାଣିଛନ୍ତି କି, ମାସ୍କକୁ ଦୀର୍ଘ ସମୟ ପିନ୍ଧିଲେ ବି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ହେବାର ଅଧିକ ଆଶଙ୍କା ଥାଏ। ଏନେଇ ଆଇଏଏନ୍‌ଏସ୍, ନଏଡା ସ୍ଥିତ ସିଏଚ୍‌ସି ଭଙ୍ଗେଲର ବରିଷ୍ଠ ଚିକିତ୍ସା ଅଧିକାରୀ ତଥା ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ମୀରା ପାଠକଙ୍କ କହିବାନୁସାରେ, ଯଦି ଜଣେ ବ୍ୟକ୍ତି ବାୟୁ ପ୍ରଦୂଷଣରୁ ସୁରକ୍ଷା ପାଇଁ ମାସ୍କ ଉପଯୋଗ କରୁଛନ୍ତି, ଏଥିପାଇଁ ସଠିକ୍ ମାସ୍କ ଚୟନ ଜରୁରି। ଏନ୍୯୫, ଏନ୍୯୯ କିମ୍ବା କେଏନ୍ ୯୯ ମାସ୍କ ଫିଲ୍ଟର ସହିତ ଥିବାରୁ ଏହା ପ୍ରଦୂଷଣରୁ ସୁରକ୍ଷା ଦେବାରେ ସବୁଠୁ ପ୍ରଭାବୀ। ସର୍ଜିକାଲ ମାସ୍କ ପ୍ରଦୂଷଣରୁ ସୁରକ୍ଷା ଦେବାରେ ବିଫଳ। ଏହାର କାରଣ ହେଉଛ। ପ୍ରଦୂଷଣ କଣକୁ ଏହା ସମ୍ପୂର୍ଣ୍ଣ ଭାବେ ରୋକିବାରେ ସକ୍ଷମ ହୋଇନଥାଏ। ଅଧିକ ସମୟ ମାସ୍କ ପିନ୍ଧିବା ଯୋଗୁଁ ଶ୍ୱାସକ୍ରିୟାରେ ବାଧା ଉପୁଜିପାରେ। ସେହିପରି ଅଧିକ ଟାଇଟ୍‌ଯୁକ୍ତ ମାସ୍କ ପିନ୍ଧିଲେ ମଧ୍ୟ ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେବାର ଅଧିକ ଆଶଙ୍କା ଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ଲୋକମାନେ ପୂର୍ବରୁ ଶ୍ୱାସସମ୍ବନ୍ଧୀୟ ରୋଗ, ହୃଦ୍‌ରୋଗରେ ପୀଡ଼ିତ, ସେମାନେ ଏଥିପ୍ରତି ଅଧିକ ସଚେତନ ରହିବା ଜରୁରି। ଏହବାଦ୍ ଯଦି ମାସ୍କ ଅଧିକ ଢିଲା ରହିଛି, ତେବେ ମାସ୍କ ଠିକ୍ ଭାବେ ଦୂଷିତ ବାୟୁକୁ ଫିଲ୍ଟର କରିପାରେନାହିଁ। ଏହା ମଧ୍ୟ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ।

# ଟ୍ରିବ୍ୟୁନାଲରେ ମହାନଦୀ ବିବାଦର ସମାଧାନ ହୋଇପାରିବ ନାହିଁ: ରାଜେନ୍ଦ୍ର ସିଂହ

- ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସାର୍ବଜନୀନ କରନ୍ତୁ ଓଡ଼ିଶା ମୁଖ୍ୟମନ୍ତ୍ରୀ
- ଟ୍ରିପଲ ଇଞ୍ଜିନ ସରକାରଠାରୁ ମହାନଦୀ ନ୍ୟାୟ ମାଗୁଛନ୍ତି ଓଡ଼ିଶାର ଜନସାଧାରଣ
- ଆଗାମୀ ଦିନରେ ବ୍ୟାପକ ଓ ଶାଣିତ ହେବ ମହାନଦୀ ବଞ୍ଚାଅ ଆନ୍ଦୋଳନ
- ଜାନୁଆରୀରେ ରାଜ୍ୟ ଓ ଫେବ୍ରୁଆରୀରେ ଦିଲ୍ଲୀରେ ଆଲୋଚନାଚକ୍ର

**ଭୁବନେଶ୍ୱର,୧୯।୧୨(ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ ମହାନଦୀ ଜଳ ବିବାଦ ସମ୍ପର୍କରେ ଅନୌପଚାରିକ ଆଲୋଚନା କରିଥିବା କହିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ କଣ ଆଲୋଚନା କଲେ, ତାହା ସ୍ୱାଭାବିକ ଭାବରେ ଓଡ଼ିଶାବାସୀଙ୍କର ଜାଣିବାର ଅଧିକାର ରହିଛି। ଏହି ପରିପ୍ରେକ୍ଷୀରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଓଡ଼ିଶା ମୁଖ୍ୟମନ୍ତ୍ରୀ କ'ଣ ଆଲୋଚନା କରିଛନ୍ତି; ଏହାର କଣ ନିଷ୍କର୍ଷ ବାହାରିଲା, ତାହାକୁ ଓଡ଼ିଶାବାସୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାର୍ବଜନୀନ କରନ୍ତୁ ବୋଲି ଦାବି କରିଛନ୍ତି ଜଳ ପୁରୁଷ ରାଜେନ୍ଦ୍ର ସିଂ । ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ



ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂହ କହିଛନ୍ତି ଯେ ଓଡ଼ିଶା ଓ ଛତିଶଗଡ଼ରେ ବର୍ତ୍ତମାନ ସମାନ ବିଚାରଧାରା ଓ ଦଳର ସରକାର ଚାଲିଛି। ତେଣୁ ମହାନଦୀ ଜଳ ବିବାଦର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ଖୋଲିଛି। ଟ୍ରିପଲ ଇଞ୍ଜିନ ସରକାର ଏହାର ସୁଯୋଗ ନେଇ ଓଡ଼ିଶାବାସୀ ଓ ମହାନଦୀକୁ ନ୍ୟାୟ ଦିଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂହ କହିଛନ୍ତି ଯେ ଦେଶର ଇତିହାସକୁ ଦେଖିଲେ କୌଣସି ଜଳ ବିବାଦ ଟ୍ରିବ୍ୟୁନାଲ ନଦୀ ସମସ୍ୟାର ସମାଧାନ ବାସ୍ତବରେ କରି ପାରିନାହିଁ। କାବେରୀ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଏହାର ଜ୍ୱଳନ୍ତ ଉଦାହରଣ। କାବେରୀ ରାସ୍ତାରେ ମହାନଦୀ ଜଳ ବିବାଦକୁ ନେ ନବା ପାଇଁ ଓଡ଼ିଶା ସରକାର, ରାଜନୈତିକ ଦଳ ଓ ସାମାଜିକ ଅନୁଷ୍ଠାନମାନଙ୍କୁ ରାଜେନ୍ଦ୍ର ସିଂ ନିବେଦନ କରିଛନ୍ତି। ଏନେଇ ଓଡ଼ିଶା ସରକାର ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ପ୍ରଥମେ ରାଜ୍ୟ ସରକାର ନିଜ ରାଜ୍ୟରେ ଏକ ସ୍ୱତନ୍ତ୍ର ନଦୀ ନୀତି ଆଣନ୍ତୁ। ରାଜ୍ୟ ଭିତରେ ମଧ୍ୟ ନଦୀର ସୁରକ୍ଷା ଓ ପ୍ରାକୃତିକ, ନିର୍ମଳ ଓ ନିରନ୍ତର ପ୍ରବାହ ପାଇଁ ଦୃଢ ନିଷ୍ପତ୍ତି ନିଅନ୍ତୁ। ନଦୀର ସୁରକ୍ଷା ପାଇଁ ଅତିକ୍ରମଣ, ପ୍ରଦୂଷଣ ଓ ପ୍ରବହମାନ ଧାରାକୁ ଅବ୍ୟାହତ ରଖିବା ଉପରେ ସାଲିସ କରାଯିବା ଅନୁଚିତ୍। ନଦୀର ଅବବାହିକା ବା ନଦୀର ଜମିର ଅତିକ୍ରମଣ ରୋକିବା, ଜଳର ପ୍ରଦୂଷଣ ବନ୍ଦ ଏବଂ ବିଶେଷ କରି ନଦୀର ନିର୍ମଳ ନିରନ୍ତର ପ୍ରବାହକୁ ସୁରକ୍ଷା ପ୍ରଦାନ ସରକାରଙ୍କ ପ୍ରାଥମିକତା ହେବା ଉଚିତ । ରାଷ୍ଟ୍ରୀୟ ସ୍ତରରେ ଏହା ଉପରେ ବିଚାର ବିମର୍ଷ କରିବା ପାଇଁ ସେ ଦିଲ୍ଲୀରେ ମହାନଦୀ ସୁରକ୍ଷା ଉପରେ ଏକ ଦୁଇ ଦିନିଆ ସମ୍ମିଳନୀ ଆୟୋଜନ କରିବାର ଦାୟିତ୍ୱ ନେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି।

ଅପରପକ୍ଷେ ଆସନ୍ତା ଜାନୁଆରୀ ମାସରେ ମହାନଦୀ ସମସ୍ୟାକୁ ନେଇ ରାଜ୍ୟସ୍ତରୀୟ ଓ ଫେବ୍ରୁୟାରୀ ମାସରେ ଜାତୀୟସ୍ତରୀୟ ଆଲୋଚନା ସଭା ଆୟୋଜିତ ହେବ ବୋଲି ଶ୍ରୀ ସିଂହ ଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓ ଉପସ୍ଥିତ ନେତୃବର୍ଗ ଘୋଷଣା କରିଛନ୍ତି। ଅପରପକ୍ଷେ ଶ୍ରୀ ଦାସ କହିଛନ୍ତି ଯେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆନ୍ଦୋଳନକୁ ପୁଣିଥରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ନେବାର ପ୍ରୟାସ କରାଯିବ। ମହାନଦୀ ସହିତ ଓଡ଼ିଶାର ଅନ୍ୟ ନଦୀ ଗୁଡ଼ିକରେ ସମସ୍ୟାକୁ ନେଇ ରାଜ୍ୟରେ ଏକ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବା ପାଇଁ ପ୍ରୟାସ କରାଯିବ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ ବିନାୟକ ରଥ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ରେଭେନ୍ସାର ପୂର୍ବତନ ସଭାପତି ଅଜୟ ମିଶ୍ର, ମହାନଦୀ ବଞ୍ଚାଓ ଆନ୍ଦୋଳନ ମୁଖପାତ୍ର ପ୍ରସନ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଷ୍ଠା ଦିବସରେ ଉତ୍ସାହ ଭରିବେ ନବୀନ

## ଜିଲ୍ଲାସ୍ତରରେ ସରକାରଙ୍କ ବିଫଳତା ନେଇ ହେବ ଗର୍ଜନ

**ଭୁବନେଶ୍ୱର,୧୯ ।୧୨(ସମିସ):** ଆସନ୍ତା ଡିସେମ୍ବର ୨୬ ତାରିଖରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସଂଲଗ୍ନ ଜିଲ୍ଲାମାନଙ୍କୁ ନେଇ ଶଙ୍ଖ ଭବନଠାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଏକ ପ୍ରେସ ବିବୃତିରେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଛନ୍ତି।



ସେ କହିଛନ୍ତି ଯେ ଆସନ୍ତା ୨୬ ତାରିଖ ଦିନ ବିଜେଡିର ୨୮ ତମ ପ୍ରତିଷ୍ଠା ଦିବସ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ଏହି ଦିବସରେ ଦଳର ଛାମୁଆଁ ନେତା, ପଦାଧିକାରୀ ତଥା ଶୁଭେଚ୍ଛୁମାନଙ୍କୁ ନେଇ ଅନୁଷ୍ଠିତ କ୍ଷେତ୍ରୀୟ ସମ୍ମିଳନୀ/ସଭାରେ ସାମ୍ପ୍ରତିକ ସରକାରର ଜନବିରୋଧୀ କାର୍ଯ୍ୟ, ଦରଦାମ ବୃଦ୍ଧି ଠାରୁ ଆରମ୍ଭ କରି ନିର୍ବାଚନ ସମୟରେ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତି ରକ୍ଷା କରିବାରେ ସରକାରଙ୍କ ବିଫଳତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ଓଡ଼ିଶାର ସର୍ବାଧିକ ଜନାଦେଶ ପାଇଥିବା ବିଜୁ ଜନତା ଦଳ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ତାର ବିକାଶର ଆଭିମୁଖ୍ୟକୁ ଆଗେଇ ନେବା ସହିତ ବିଭିନ୍ନ ଜନ ସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡିକରେ ସଚେତନ କରାଇବ ଓ ଓଡ଼ିଶାର ସ୍ୱାର୍ଥ ପାଇଁ ନିରନ୍ତର ଭାବେ ସ୍ୱର ଉତ୍ତୋଳନ କରିବ। ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶଙ୍ଖ ଭବନ ଠାରେ ଭୁବନେଶ୍ୱର ଓ ସଂଲଗ୍ନ ଜିଲ୍ଲା ମାନଙ୍କୁ ନେଇ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି କାର୍ଯ୍ୟକ୍ରମରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ ବୋଲି ସେ କହିଛନ୍ତି। ଆଜି ବୈଠକରେ ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ଛାତ୍ର ବିଜେଡି ସଭାପତି ଦେବୀ ରଂଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା

# ନାଟମଣ୍ଡପରେ ହେବ ବ୍ୟାରିକେଡ୍



- ମହାପ୍ରଭୁଙ୍କୁ ଧାଡ଼ିରେ ଦର୍ଶନ
- ଆନନ୍ଦ ବଜାରରେ ସହାୟକଙ୍କୁ ଡ୍ରେସକୋଡ୍

**ପୁରୀ,୧୯।୧୨ (ସମିସ):** ନୂଆବର୍ଷରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ନୂଆ ଦର୍ଶନ ବ୍ୟବସ୍ଥା। ନାଟମଣ୍ଡପରେ ସ୍ୱତନ୍ତ୍ର ବ୍ୟାରିକେଡ୍ ପକାଯିବ। ଏଥିରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବେ। ପୁରୁଷ, ମହିଳା, ଶିଶୁ, ବୟସ୍କ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଲାଇନ୍ କରାଯିବ। ଓବିସିସି ଦ୍ୱାରା ଏହି ନୂତନ ବ୍ୟବସ୍ଥା କରାଯାଉଛି। ତେବେ ନୀତିକାନ୍ତି ବେଳେ ଏହି ବ୍ୟାରିକେଡ୍‌କୁ ଯେପରି ସହଜରେ ଖୋଲାଯିବ, ସେ ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ନେଇ ଖୁବ୍‌ଶୀଘ୍ର ସେବାୟତଙ୍କ ସହ ଆଲୋଚନା କରାଯିବ। ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଆଜି ଏହି ସୂଚନା ଦେଇଛନ୍ତି।

ଅନ୍ୟପଟେ, ଆନନ୍ଦବଜାରରେ ଶୃଙ୍ଖଳାକୁ ଆହୁରି କଡ଼ାକଡ଼ି କରାଯିବ। ଏଥିପାଇଁ ଏକ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ତଦାରଖ ଓ ବିଶୃଙ୍ଖଳା ରୋକିବାକୁ ୨୦ ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନେ ପର୍ଯ୍ୟାୟକ୍ରମେ ୮ ଘଣ୍ଟିଆ ଡ୍ୟୁଟି କରୁଛନ୍ତି। ଏଥିସହ ମହାପ୍ରସାଦ ବିକ୍ରି କରୁଥିବା ସୂପକାରଙ୍କ କ୍ଷେତ୍ରରେ ବି କଟକଣା ଲଗାଯାଇଛି। ଦୋକାନ ମାଲିକଙ୍କ ବ୍ୟତୀତ ଅନ୍ୟ କେହି ମହାପ୍ରସାଦ ଦୋକାନ ଚଳାଇ ପାରିବେ ନାହିଁ ବୋଲି ବାଧ୍ୟତାମୂଳକ କରାଯାଇଛି। ଅନ୍ନ ମହାପ୍ରସାଦ ଓ ଶୁଖିଲା ମହାପ୍ରସାଦ ବିକ୍ରି କରୁଥିବା ସୂପକାରଙ୍କୁ ସହାୟତା ପାଇଁ ଜଣେ ଲେଖାଏଁ ସହାୟକ ରଖିବାକୁ ଅନୁମତି ଦିଆଯାଇଛି। ସେହିପରି ମହାପ୍ରସାଦ ବିକ୍ରି କରୁଥିବା ସୂପକାରଙ୍କ ସହାୟକମାନେ ଏଥର ପିନ୍ଧିବେ ଗେରୁଆ ରଙ୍ଗର ପୋଷାକ। ଶ୍ରୀମନ୍ଦିର ପ୍ରଶାସନର ସ୍ୱୀକୃତିକ୍ରମେ ସୁଆର ମହାସୁଆର ନିଯୋଗ ଆନନ୍ଦବଜାର କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ କରିଛି। ଯେଉଁ ସହାୟକମାନେ ରହିଛନ୍ତି, ସେମାନେ ଆସନ୍ତା ୨୫ ତାରିଖଠାରୁ ଗେରୁଆ ରଙ୍ଗର ପୋଷାକ ପିନ୍ଧି ଆନନ୍ଦବଜାରକୁ ଆସିବେ। ଅପରପକ୍ଷେ, ଛତିଶା ନିଯୋଗ ଓ ପରିଚାଳନା କମିଟି ବୈଠକରେ ଆଗାମୀ ଦିନରେ ଆଲୋଚନା ହୋଇ ନାଟମଣ୍ଡପରେ କେଉଁଠି ଦାନବାକ୍ସ ଓ ହୁଣ୍ଡି ସ୍ଥାପନ ହେବ, ତାହା ସ୍ଥିର କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ୧୭ ଦଫା ଦାବି ନେଇ ଗର୍ଜିଲେ ଆଶାକର୍ମୀ




**ଭୁବନେଶ୍ୱର,୧୯ ।୧୨(ସମିସ):** ଆଶାକର୍ମୀମାନେ ୧୭ ଦଫା ଦାବି ନେଇ ଗୁରୁବାର ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ଜରୁରୀକାଳିନ ସ୍ୱାସ୍ଥ୍ୟକର୍ମୀ ଭାବେ ସେବା ଯୋଗାଉଥିଲେ ମଧ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି। ସିଆଇଟିୟୁ ନେତୃତ୍ୱରେ ଚାଲିଥିବା ଏହି ଆନ୍ଦୋଳନରେ କେନ୍ଦ୍ର ସରକାରଙ୍କୁ ଶ୍ରମିକ ବିରୋଧୀ କହି ବର୍ଷିଛନ୍ତି। ସ୍ଥାୟୀ ସରକାରୀ କର୍ମଚାରୀ ମାନ୍ୟତା ସହ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ମାସିକ ୨୬ହଜାର ଟଙ୍କା ଦରମା, ଅବସର ଓ ମୃତ୍ୟୁକାଳୀନ ୧୦ଲକ୍ଷ ସହାୟତା, ମାସିକ ପେନସନ ୧୦ହଜାର, ଇପିଏଫ୍, ଇଏସ୍ଆଇ ସହ ସାମାଜିକ ସୁରକ୍ଷା ପରି ୧୭ଟି ଦାବି ଉପସ୍ଥାପନ କରିଛନ୍ତି। ସଂଘର ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ସହ ଆଲୋଚନା କରିଛନ୍ତି। ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରିବା ସହ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେବାକୁ ସଚିବ ପ୍ରତିଶ୍ରୁତି ଦେଇଥିବା ସଭାପତି ସୂଚନା ଦେଇଛନ୍ତି। ଅନ୍ୟଥା ବଜେଟ୍ ଅଧିବେଶନ ସମୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଓଡ଼ିଶା ଆଶାକର୍ମୀ ଆସୋସିଏସନ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

## ■ ହୋଟେଲ ସମ୍ମୁଖରୁ ୧୦ ଲକ୍ଷ ଜବତ ମାମଲା

# ଜେଲ୍‌ରୁ ମୁକୁଳିଲେ ୩ ଅଭିଯୁକ୍ତ

**ଭୁବନେଶ୍ୱର,୧୯ ।୧୨(ସମିସ):** ରାଜଧାନୀର ଏକ ତାରକା ହୋଟେଲ ସମ୍ମୁଖରୁ ୧୦ଲକ୍ଷ ଜବତ ହେବା ମାମଲାରେ ଗିରଫ ୩ ଅଭିଯୁକ୍ତ ଜେଲରୁ ମୁକୁଳିଛନ୍ତି। ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, ଠିକାଦାର ଦେବଦତ୍ତ ମହାପାତ୍ର ଓ ସନ୍ତୋଷ ମହାରଣାଙ୍କୁ ଗତକାଲି ସିବିଆଇ ସ୍ୱତନ୍ତ୍ର କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଜବତ ୧୦ ଲକ୍ଷ ଟଙ୍କା ପ୍ରସଙ୍ଗରେ ସିବିଆଇ ଅଦାଲତରେ ଠୋସ୍ ପ୍ରମାଣ ଦାଖଲ କରିବାରେ ବ୍ୟର୍ଥ ହୋଇଥିବା ଯୋଗୁଁ ସେମାନଙ୍କୁ ଜାମିନ ପ୍ରଦାନ କରାଯାଇଥିବା ମଧ୍ୟ ଆଲୋଚନା ହୋଇଛି। ଗିରଫ ବ୍ୟକ୍ତିମାନେ ଏହି ଟଙ୍କା ବକେୟା ପଇଠ ପାଇଁ ଆଣିଥିବା ଉଲ୍ଲେଖ କରିଥିବାବେଳେ ଏହାକୁ ସିବିଆଇ ଖଣ୍ଡନ କରିପାରି ନାହିଁ। ସିବିଆଇ ମାମଲାରେ ଗିରଫ ବ୍ୟକ୍ତିଙ୍କୁ ୭ ଦିନ ଭିତରେ ଜାମିନ୍ ସମ୍ଭବତଃ ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।

### ଦିଲ୍ଲୀ ଫେରିଗଲେ ସିବିଆଇ ଅଫିସର

ଅଭିଯୁକ୍ତଙ୍କୁ ଜାମିନ ପରେ ଓଡ଼ିଶାରେ ଡେରା ପକାଇଥିବା ସିବିଆଇ ଟିମ୍ ଆଜି ଦିଲ୍ଲୀରୁ ଫେରିଯାଇଛି। ଅନ୍ୟପକ୍ଷରେ ୩ଅଭିଯୁକ୍ତ ଜାମିନ୍ ପାଇବା ପରେ ଏହି ଘଟଣାରେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ସମ୍ପୃକ୍ତି ନେଇ ହେଉଥିବା ଚର୍ଚ୍ଚା ପାଣିଚିଆ ପଡ଼ିଯାଇଛି । ସିବିଆଇ ନିକଟରେ ହାଜର ହେବାକୁ ତାଙ୍କୁ ନୋଟିସ ପଠାଯାଇଥିଲେ ମଧ୍ୟ ସେ ଏଯାଏ ହାଜର ହୋଇ ନାହାନ୍ତି । ସିବିଆଇ ମଧ୍ୟ ଶ୍ରୀ ସେଠୀଙ୍କୁ କେବଳ ନୋଟିସ ଦେଇଥିବା ଚର୍ଚ୍ଚା ହେଉଥିବାରୁ ଘଟଣା କେଉଁ ଦିଗକୁ ଯାଉଛି ତାହା ଉପରେ ସମସ୍ତଙ୍କର ନଜର ନିବଦ୍ଧ ହୋଇଛି। ଚଞ୍ଚଳ ମୁଖାର୍ଜୀ, ଦେବଦତ୍ତ ମହାପାତ୍ର, ସନ୍ତୋଷ ମହାରଣା ଜାମିନ୍ ପାଇବା ପରେ ବିଷ୍ଣୁପଦଙ୍କ ଉପରୁ ବିପଦ ଟଳି ଯାଇଥିବା ମଧ୍ୟ କୁହାଯାଉଛି।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୮.୨ | ୧୬.୧ |
| ଚାନ୍ଦବାଲି | ୨୬.୨ | ୧୯.୪ |
| କଟକ | ୨୬.୫ | ୧୮.୫ |
| ପାରାଦୀପ | ୨୯.୧ | ୨୧.୧ |
| ଭୁବନେଶ୍ୱର | ୨୭.୬ | ୨୦.୪ |
| ଗୋପାଳପୁର | ୨୫.୮ | ୧୯.୮ |
| ପୁରୀ | ୨୮.୮ | ୨୧.୩ |
| ଅନୁଗୋଳ | ୨୫.୭ | ୧୫.୦ |
| ବାରିପଦା | ୨୬.୨ | ୧୪.୦ |
| ଝାରସୁଗୁଡ଼ା | ୨୯.୬ | ୧୦.୪ |
| କେନ୍ଦୁଝରଗଡ଼ | ୨୭.୩ | ୧୩.୮ |
| ସମ୍ବଲପୁର | ୨୯.୨ | ୧୪.୫ |
| ସୁନ୍ଦରଗଡ଼ | ୨୧.୯ | ୧୦.୫ |
| ହୀରାକୁଦ | ୨୮.୨ | ୧୫.୧ |
| ତାଳଚେର | ୨୭.୬ | ୧୬.୬ |
| ଭବାନୀପାଟଣା | ୨୭.୫ | ୧୬.୪ |
| ବଲାଙ୍ଗିର | ୨୬.୦ | ୧୫.୨ |
| କୋରାପୁଟ | ୨୬.୦ | ୧୬.୧ |
| ଫୁଲବାଣୀ | ୨୫.୯ | ୧୨.୫ |
| ଟିଟିଲାଗଡ଼ | ୨୭.୫ | - |
| ମାଲକାନଗିରି | ୩୦.୧ | ୨୦.୯ |
| ସୋନପୁର | ୨୬.୪ | ୧୭.୫ |
| ଦାରିଙ୍ଗବାଡ଼ି | ୨୩.୦ | ୧୩.୫ |
| ନୟାଗଡ଼ | - | - |
| ବୌଦ୍ଧ | ୨୩.୫ | - |
| ଛତ୍ରପୁର | ୨୬.୮ | ୧୯.୦ |
| ପାରଳାଖେମୁଣ୍ଡି | ୨୭.୦ | ୨୦.୦ |
| ରାୟଗଡ଼ା | - | ୧୮.୪ |
| ଭଦ୍ରକ | ୨୮.୦ | ୧୫.୨ |
| ଯାଜପୁର | ୨୯.୮ | ୧୫.୨ |
| ଢେଙ୍କାନାଳ | ୨୫.୭ | ୧୫.୩ |
| ବରଗଡ଼ | ୨୯.୦ | ୧୫.୨ |
| ଦେଓଗଡ଼ | ୨୮.୦ | ୧୫.୬ |
| ନୂଆପଡ଼ା | ୨୯.୦ | ୧୪.୪ |
| ନବରଙ୍ଗପୁର | ୨୭.୨ | ୧୪.୦ |
| ଖୋର୍ଦ୍ଧା | ୨୯.୦ | - |
| ଜଗତସିଂହପୁର | ୨୯.୨ | - |
| କେନ୍ଦ୍ରାପଡ଼ା | ୨୯.୪ | - |
| ରାଉରକେଲା | ୨୭.୨ | ୮.୪ |

# ଆଜି ବିଭିନ୍ନ ଜିଲ୍ଲାରେ ବର୍ଷା

**ଭୁବନେଶ୍ୱର,୧୯।୧୨(ସମିସ):** ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ ସକ୍ରିୟଥିବା ବେଳେ ଏହା ପ୍ରଭାବରେ ୨୨ ତାରିଖ ସକାଳ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି। ଅପରପକ୍ଷେ, ଆସନ୍ତା ୪ଦିନ ରାଜ୍ୟରେ ତାପମାତ୍ରାରେ ସେପରି କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏହା ପରେ ରାଜ୍ୟବ୍ୟାପୀ ତାପମାତ୍ରାରେ ୨ରୁ ୪ଡିଗ୍ରୀ ଯାଏଁ ହ୍ରାସ ଘଟିବ। ଫଳରେ ବର୍ତ୍ତମାନ ଅପେକ୍ଷା ଅଧିକ ଶୀତ ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ରାଜ୍ୟର କେତେକ ଅଞ୍ଚଳରେ ହାଲୁକା ବର୍ଷା ହୋଇଥିବା ବେଳେ ୨୦ ତାରିଖରେ ଏକାଧିକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି। ବିଶେଷକରି ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇପାରେ। ତେବେ ୨୧ ତାରିଖରେ ବର୍ଷାର ବିସ୍ତୃତି କମିବାକୁ ଥିବା ବେଳେ ୨୨ ତାରିଖରେ ରାଜ୍ୟବ୍ୟାପୀ ପାଗ ଆପାତତଃ ଶୁଖିଲା ରହିବ। ସେହିପରି କେନ୍ଦ୍ର ପକ୍ଷରୁ ଅନ୍ୟ ଏକ ସୂଚନାରେ କୁହାଯାଇଛି ଯେ କଳାହାଣ୍ଡି, କନ୍ଧମାଳ ଓ ସୁନ୍ଦରଗଡ଼ରେ ଆସନ୍ତାକାଲି କୁହୁଡ଼ି ହେବାର ସମ୍ଭାବନା ରହିଛି।

### ଅପରିବର୍ତ୍ତିତ ରହିବ ତାପମାତ୍ରା

## ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବେ ୮ ହଜାର ଅତିଥି

# ଆଗମନରେ ସ୍ୱାସ୍ଥ୍ୟ ଯାଞ୍ଚ ହେବ ନା ଖାଲି ସ୍ୱାଗତ?

**ଭୁବନେଶ୍ୱର,୧୯ ।୧୨(ସମିସ):** ଜାନୁଆରୀ ପ୍ରଥମ ସପ୍ତାହରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପାଇଁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା। ଦେଶବିଦେଶରୁ ହଜାର ହଜାର ନିମନ୍ତ୍ରିତ ଅତିଥି ଏହି କାର୍ଯ୍ୟକ୍ରମରେ ଯୋଗଦେବେ। କିନ୍ତୁ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ରଖିବା ବିଭାଗ ପାଇଁ ବଡ଼ ଆହ୍ୱାନ ହୋଇପାରେ। ବିଶେଷକରି ବିଦେଶରୁ ଆସିବାକୁ ଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାମ୍ପ୍ରତିକ ସମୟରେ ଭାରତ ସମେତ ବିଭିନ୍ନ ଦେଶରେ ନୂଆ ନୂଆ ଭୂତାଣୁ ସଂକ୍ରମଣ ଉଦ୍‌ବେଗଜନକ ସ୍ଥିତିରେ ଥିବା ବେଳେ ବିଦେଶୀ ଅତିଥିଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହେବ କି ନାହିଁ, ଯଦି ହେବ କିପରି ହେବ ତାକୁ ନେଇ ଦ୍ୱନ୍ଦ୍ୱରେ ବିଭାଗ।

ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ ୧୮ ତମ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମନ୍ତ୍ରିମଣ୍ଡଳ ସଦସ୍ୟ, ଅଧିକାରୀମାନଙ୍କ ସହିତ ଶତାଧିକ ପ୍ରବାସୀ ଏବଂ ବିଦେଶୀ ଅତିଥି ଆସିବେ। ସେମାନଙ୍କ ପାଇଁ ରାଜ୍ୟ ସରକାର ବହୁବିଧ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି। ଏଠାରେ ସେମାନଙ୍କ ରହଣି ଭିତରେ ରାଜ୍ୟର ପ୍ରାୟ ୩୦ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବୁଲିବାର କାର୍ଯ୍ୟକ୍ରମ ରହିଛି। ପ୍ରବାସୀ ଭାରତୀୟ ଦିବସ ପାଇଁ ଅତିକମ୍‌ରେ ୮ ହଜାର ଅତିଥି ଭୁବନେଶ୍ୱରରେ ପହଞ୍ଚିବେ। ସେମାନଙ୍କ ରହିବା ପାଇଁ ହୋଟେଲରେ ପ୍ରାୟ ୪ ହଜାର ରୁମ୍ ବୁକ୍ ହୋଇଥିଲା ବେଳେ ହୋମ୍-ଷ୍ଟେ ବ୍ୟବସ୍ଥାରେ ଅନେକ ଅତିଥି ସ୍ଥାନୀୟ ଲୋକଙ୍କ ଘରେ ରହିବେ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ସେହି ଅତିଥିମାନଙ୍କ ମଧ୍ୟରୁ ଯଦି କେହି ବିପଜ୍ଜନକ ଭୂତାଣୁରେ ସଂକ୍ରମିତ ଥା'ନ୍ତି, ତା' ହେଲେ ବଡ଼ ବିପଦ ସୃଷ୍ଟି ହୋଇପାରେ। ଏବେ ବିଭିନ୍ନ ଦେଶରେ ଭୂତାଣୁ ସଂକ୍ରମଣ ଜାରି ରହିଥିବା ବେଳେ ଭାରତର ଅନେକ ରାଜ୍ୟ ଏଥିରୁ ଅଛୁଆଁ ନାହାନ୍ତି। ଏପରିସ୍ଥଳେ ବିଦେଶରୁ ଆସିବାକୁ ଥିବା ଅତିଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜରୁରୀ ବୋଲି କୁହାଯାଉଛି। କିନ୍ତୁ ଏହା ହେବ କି ନାହିଁ, କିପରି ହେବ, ତାକୁ ନେଇ ବିଭାଗ ଦ୍ୱନ୍ଦ୍ୱରେ ଅଛି।

- ଅବ୍ୟାହତ ଅଛି ମାରାତ୍ମକ ଭୂତାଣୁ ସଂକ୍ରମଣ ଧାରା
- ଅନ୍ୟ ବିମାନବନ୍ଦର ବ୍ୟବସ୍ଥା ଭରସାରେ ସ୍ୱାସ୍ଥ୍ୟ ବିଭାଗ

ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ କେବଳ ସ୍ୱାଗତ କରାଯିବ ନା ଓଡିଶାରେ ପ୍ରବେଶ ପୂର୍ବରୁ ସେମାନେ କୌଣସି ଭୂତାଣୁ ସଂକ୍ରମିତ କି ନାହିଁ ଯାଞ୍ଚ କରିବା ଜରୁରୀ, ତାହା ନିର୍ଦ୍ଧାରଣ କରିବା ବିଭାଗ ପାଇଁ ଆହ୍ୱାନ ପାଲଟିଛି। ଏ ନେଇ ଏକାଧିକବାର ଆଲୋଚନା ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବିଧିବଦ୍ଧ ନିଷ୍ପତ୍ତି ହୋଇପାରି ନାହିଁ।

ପୂର୍ବରୁ କୋଭିଡ୍ ଏବଂ ଅନ୍ୟ ଭୂତାଣୁ ସଂକ୍ରମଣ ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା ହୋଇଥିଲା। ବାହାରୁ ଆସୁଥିବା ଯାତ୍ରୀଙ୍କ ଦିଲ୍ଲୀ ଏବଂ ଅନ୍ୟ ବିମାନବନ୍ଦରରେ ଯାଞ୍ଚ ହେଉଥିବାରୁ ଭୁବନେଶ୍ୱରରେ ଯାଞ୍ଚ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ନଥିବା ଦେଖାଯାଇଥିଲା। ଏଥର ମଧ୍ୟ ଅନୁରୂପ ବ୍ୟବସ୍ଥାରେ କାମ ସାରିଦେବାକୁ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା କରୁଛି।

ସ୍ୱାସ୍ଥ୍ୟବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଦେଶୀ ଅତିଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଷ୍ପତ୍ତି ହୋଇନାହିଁ। ଆସନ୍ତା କାଲି ବସିବାକୁ ଥିବା ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବ। ତେବେ ଅତିଥିଙ୍କ ସ୍ୱାସ୍ଥ୍ୟ ଯତ୍ନ ପାଇଁ ପ୍ରୋଟୋକଲ୍ ଅନୁସାରେ ସବୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ଚାପିଦେଲା ଟ୍ରକ୍...

# ଆଖି ଆଗରେ ଚାଲିଗଲେ ସ୍ତ୍ରୀ-ପୁଅ

**ବଅଁରପାଳ, ୧୯।୧୨(ସମିସ):** ବଅଁରପାଳ ଥାନା ଅଞ୍ଚଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ନୂଆହତା ଓଭର୍‌ବ୍ରିଜ୍‌ର ଅଣ୍ଡରପାସ୍ ନିକଟରେ ଆଜି ଏକ ମର୍ମନ୍ତୁଦ



ଦୁର୍ଘଟଣାରେ ମା'-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ମନୀଷା ରାଠୋର ଓ ତାଙ୍କ ୪ ବର୍ଷର ପୁଅ ହର୍ଷଦ ରାଠୋର୍। ଅପରପକ୍ଷେ, ଏହି ଦୁର୍ଘଟଣାରେ ମନୀଷାଙ୍କ ସ୍ୱାମୀ ରୋହିତ ରାଠୋର୍ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ରୋହିତଙ୍କ ଘର ଛତିଶଗଡ଼ରେ। ସେ ଟାଟା ଷ୍ଟିଲ୍ କାରଖାନାରେ କାମ କରୁଥିବା ବେଳେ ଏଠାରେ କାରଖାନା କଲୋନିରେ ସପରିବାରେ ରହୁଥିଲେ। ପୁଅ ହର୍ଷଦକୁ ନେଇ ଏହି ରାଠୋର୍ ଦମ୍ପତି ଏକ ବାଇକ୍‌ରେ ଆଜି ଅପରାହ୍ଣରେ ବଅଁରପାଳ ଅଭିମୁଖେ ଯାଉଥିଲେ। ନୂଆହତା ଓଭର୍‌ବ୍ରିଜ୍‌ର ଅଣ୍ଡରପାସ୍ ନିକଟରେ ପଛରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ସେମାନଙ୍କ ବାଇକ୍ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ମନୀଷାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଗ୍ରାମବାସୀ ସଙ୍ଗେସଙ୍ଗେ ବାପ-ପୁଅଙ୍କୁ ଉଦ୍ଧାର କରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ହର୍ଷଦକୁ ଡାକ୍ତର ମୃତ ଘୋଷଣା କରିଥିଲେ। ରୋହିତଙ୍କର ଅବସ୍ଥା ସଂକଟାପନ୍ନ ରହିଛି।

ଅପରପକ୍ଷେ, ବଅଁରପାଳ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଛି। କିନ୍ତୁ ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ଜାତୀୟ ରାଜପଥର ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ଦାୟୀ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ୍ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।



ସକାଳ THE SAKALA



www.sakalaepaper.com

# ଅସାମାଜିକ, ଅମାନୁଷିକ

# ୯ଟି କୁକୁରଙ୍କୁ ବିଷଦେଇ ହତ୍ୟା, ଥାନାରେ ମାମଲା

ନରସିଂହପୁର, ୧୯ ।୧୨(ସମିସ)



ନରସିଂହପୁର ବ୍ଲକରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଦିନରେ ୯ଟି ବୁଲା କୁକୁରଙ୍କୁ କେହି ଜଣେ ଅସାମାଜିକ ବ୍ୟକ୍ତି ବିଷ ପ୍ରୟୋଗ କରି ହତ୍ୟା କରିଛି। ନରସିଂହପୁର ବଜାରର ଭିତରେ ଥିବା ଓସ୍ତନାରାୟଣପୁର ଗ୍ରାମରେ ଆଜି ବିଭିନ୍ନ ସ୍ଥାନରେ କୁକୁରଙ୍କ ମୃତଦେହ ପଡ଼ିରହିଥିବାର ଦେଖିବାକୁ ମିଳିଛି। ତେବେ ସଂପୃକ୍ତ ଘଟଣାକୁ କେନ୍ଦ୍ର କରି ଆଜି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଓସ୍ତନାରାୟଣପୁର ଗ୍ରାମବାସୀଙ୍କ ପକ୍ଷରୁ ନରସିଂହପୁର ଥାନାରେ ଏକ ଲିଖିତ ଅଭିଯୋଗ ପରେ ଦୋଷୀକୁ ଧରିବା ପାଇଁ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୂଚନା ମୁତାବକ ନରସିଂହପୁର ଟାଉନ ମଧ୍ୟରେ ଥିବା ଓସ୍ତନାରାୟଣପୁର ଗ୍ରାମର ବିଭିନ୍ନ ସ୍ଥାନରେ ଆଜି ଭୋରରୁ ୯ଟି କୁକୁରର ମୃତଦେହ ପଡ଼ିଥିବାର ଦେଖିବାକୁ ମିଳିଥିଲା। କୌଣସି ଦୁର୍ବୃତ୍ତ ବିଷ ପ୍ରୟୋଗ କରି ଗତକାଲି ରାତିରେ କୁକୁରମାନଙ୍କୁ ମାରିବାରେ ସକ୍ଷମ ହୋଇଛି। ଗୁରୁବାର ସକାଳେ ଓସ୍ତନାରାୟଣପୁର ଗ୍ରାମବାସୀମାନେ ଘଟଣାକୁ ଅନୁମାନ କରି ଏନେଇ ନରସିଂହପୁର ଥାନାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ କେନ୍ଦ୍ର କରି ଥାନା ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଛି ଏପରିକି ପୁଲିସ ଏହି ମାମଲାର ଅଭିଯୁକ୍ତକୁ ଦଣ୍ଡବିଧାନ ନ କଲେ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀମାନେ ମତବ୍ୟକ୍ତ କରିଛନ୍ତି।

## ● ଗୁଜରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ ପ୍ରତାପ



ମାହାଙ୍ଗା, ୧୯।୧୨(ସମିସ): ମାହାଙ୍ଗା ଥାନା ଅନ୍ତର୍ଗତ ଜଲେଶ୍ୱରପୁର ପଞ୍ଚାୟତ ଅଧୀନ ସୁଲତାନପୁର ଗ୍ରାମର ଗୌତମ ବିଶ୍ୱାଳଙ୍କ ଗତ ୧୧ ତାରିଖରେ ଗୁଜୁରାଟରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଆଜି ତାଙ୍କ ବାସଭବନରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏହାସହ ମୃତ୍ୟୁ ଘଟଣାର ସଠିକ୍ ତଦନ୍ତ ପାଇଁ ରାଜ୍ୟ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚ ପ୍ରତିନିଧି ସୁବାସ ଜେନା, ଯୁବନେତା ପ୍ରଦୀପ୍ତ ବିଶ୍ୱାଳ, ମାଧବାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପେଟ୍ରୋଲ ଟାଙ୍କି ପକ୍ଷରୁ ସାପ୍ତାହିକ ପୁରସ୍କାର ବିତରଣ

ସାଲେପୁର, ୧୯ ।୧୨(ସମିସ): ସାଲେପୁର-କଟକ ମୁଖ୍ୟରାସ୍ତାର ଭାତପଡ଼ାଠାରେ ଥିବା ସାଇ ସମୀକ୍ଷା ଫିଲିଂ ଷ୍ଟେସନ୍ ନାଏରା ପେଟ୍ରୋଲ ଟାଙ୍କିରେ ଦଶହରା ଠାରୁ ଆରମ୍ଭ ହୋଇଥିବା ଲଟେରି ଉଠାଣ ଅବସରରେ ଦଶମ ସାପ୍ତାହିକ ଲଟେରି ଉଠାଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ନାଏରା ତେଲ ଟାଙ୍କିର ପ୍ରୋପାଇଟର ହରିବନ୍ଧୁ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସଂପାଦକ ହୃଷିକେଶ




ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହୀ ରାଉତ ଯୋଗଦେଇ ସାଇସମୀକ୍ଷା ଫିଲିଂ ଷ୍ଟେସନ୍‌ର ଏଭଳି ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିରେ ଭାଗ୍ୟଶାଳୀ ବିଜେତା ରୂପେ କେନ୍ଦ୍ରାପଡ଼ା ଜିଲ୍ଲାର ଚାନ୍ଦୋଳ ଅଞ୍ଚଳର ସ୍ୱାଗତ ସତ୍ୟକାମ୍ ଭାତପଡ଼ାସ୍ଥିତ ନାଏରା ପେଟ୍ରୋଲ ଟାଙ୍କିରେ ପହଞ୍ଚି ହରିବନ୍ଧୁ ଶତପଥି ଓ ଅତିଥିମାନଙ୍କଠାରୁ ସାପ୍ତାହିକ ପୁରସ୍କାର ଓ ୧ଶହ ଟଙ୍କାର ତେଲ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ହେମନ୍ତ ଭୂୟାଁ, ଶିଶିର ଦାଶ, ଶାରଦା ପଣ୍ଡା, ଅମୀୟ ବିଶ୍ୱାଳ, ଇଂ ସନ୍ତୋଷ ସ୍ୱାଇଁ, ସେକ୍ ରହିମୁଦ୍ଦିନ, ରଘୁନାଥ ପାତ୍ର ସଞ୍ଜିତ୍ ବିଶ୍ୱାଳ, ସୁମନ୍ତ ପାତ୍ର, ପ୍ରସନ୍ନ ଦାଶ, ପବିତ୍ର ଦାସ, ହୃଷୀକେଶ ନାଥ, ଅମରେନ୍ଦ୍ର ସାମଲଙ୍କ ସମେତ ନାଏରା ପେଟ୍ରୋଲ ଟାଙ୍କିର କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଳିଙ୍ଗ ମହିଳା ମହାବିଦ୍ୟାଳୟର କ୍ରୀଡ଼ା ମହୋତ୍ସବ



ତିଗିରିଆ, ୧୯ ।୧୨(ସମିସ): ଗୁରୁବାର ତିଗିରିଆ ନିଜିଗଡ଼ସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୩ତମ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା କୁଂକୁମିତା ନାୟକ ପୌରୋହିତ୍ୟ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟର ସରକାରୀ ଓକିଲ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ଅର୍ଥନୀତି ବିଭାଗ ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ମହାନ୍ତି ଓ ସମ୍ମାନିତ ଅତିଥି ରୂପେ ଓଡିଆ ବିଭାଗ ବିରଷ୍ଠ ପୁଷ୍ପଲତା ଷଡଙ୍ଗୀ ଯୋଗ ଦେଇଥିଲେ। ରାଜନୀତି ବିଭାଗ ଅଧ୍ୟାପିକ ସ୍ମିତା ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ। ଗ୍ରନ୍ଥାଗାରିକ ପ୍ରସନ୍ନ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଜ୍ୟୋତିଶିଖା ରଥ, ତୃପ୍ତିମୟୀ ବେହେରା, ଖେଳଶିକ୍ଷକ କେ.ଏନ.ସବ୍ୟସାଚି ଯୁଗଧର୍ମା ଦାସ, ଶିଶିର ନାୟକ, ସୁବାସ ସାହୁ, ରଘୁନାଥ ରାଉତ ସହଯୋଗ କରିଥିଲେ। ଇଂରାଜୀ ଅଧ୍ୟାପିକା ମିନତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଆଲୋକ ରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ନ୍ୟୁ ଷ୍ଟିୱାର୍ଟ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



କଟକ, ୧୯।୧୨(ସମିସ): ମିଶନ ରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୩୩ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ଡ଼ିକନ ମୋଯେଶ ମହାନ୍ତିଙ୍କ ପୌରହିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଟକ ବାରବାଟୀ ବିଧାୟିକା ଇଂ ସୋଫିଆ ଫିରଦୋଷ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ଉନ୍ନତି କାମନା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ବିଶପ ରାଇଟ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ପ୍ରାରମ୍ଭିକ ପ୍ରାର୍ଥନା ଗାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବରେ କଟକ ଷ୍ଟିୱାର୍ଟ ସ୍କୁଲର ସମ୍ପାଦକ ଆଇନଜୀବୀ ରୋଟାରୀଆନ ବିଭୂଦତ୍ତ ଦାସ, କଟକ ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷ ଡି.ମାର୍ଟିନା, ରେଭେରେଣ୍ଡ ପରିତୋଷ ରାଉତ, କଟକ ଡାଇଓସିସନ ଏଜୁକେସନ ବୋର୍ଡର ସମ୍ପାଦକ ରେଭେରେଣ୍ଡ ଏଫସି ନର୍ଥ, ମାନସୀ ମହାନ୍ତି, ରେଭେରେଣ୍ଡ ପଲାଶ ଦେ, ମମତା ସିଂ, ରେଭରେଣ୍ଡ ଗୋଲକଚନ୍ଦ୍ର ନାୟକ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡିକନ ମୋଯେଶ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିକ୍ରମ ଏନ ଏଡମସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀନା ଦେବୀ, ରୋଜଲିନ ନାୟକ ଓ କର୍ମଚାରୀ ଅଖିଳ କୁମାର ବେହେରାଙ୍କୁ ସେମାନଙ୍କର ୨୫ବର୍ଷ ପୁରଣ ପାଇଁ ମାନପତ୍ର ଓ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ। ଆଇସିଏସଇ ପରୀକ୍ଷାରେ ୧୦୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ଶିକ୍ଷୟତ୍ରୀ ଆଭା ବିଶ୍ୱାଳ, ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ହୋଇଥିଲା।

# ପିପି କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ୧୯।୧୨(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଛି। କଲେଜ ଆଥଲେଟିକ୍ କ୍ଲବର ଉପସଭାପତି ଅଧ୍ୟାପକ ଦୀପକ କୁମାର ଦ୍ୱିବେଦୀ ଓ ଡ. ବିଶ୍ୱଜିତ୍ ବେହେରାଙ୍କ ଦ୍ୱାରା ଉକ୍ତ ପ୍ରତିଯୋଗିତା ସୂଚାରୁରୂପେ



ପରିଚାଳନା କରାଯାଇଛି। କ୍ରୀଡ଼ା ଶିକ୍ଷକ ଯୁଗାନ୍ତର ନାୟକଙ୍କ ସଂଯୋଜନାରେ ଉଦଘାଟନୀ ଉତ୍ସବରେ ଛାତ୍ର ଛାତ୍ରୀମାନେ ମାର୍ଚ୍ଚପାଷ୍ଟ କରି ଆଡ଼ମ୍ବର ସହକାରେ ଏକ ମଶାଲ ଶୋଭାଯାତ୍ରା ନେଇ ପ୍ରତିଯୋଗିତା ସ୍ଥଳରେ ସ୍ଥାପନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ.ସୁଚିତ୍ର କୁମାର ସାହୁ ଯୋଗଦେଇ କ୍ରୀଡ଼ା ପତକା ଉତ୍ତୋଳନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଚଳିତ ବର୍ଷ କ୍ରୀଡ଼ା ପ୍ରତିଯୋଗିତାରେ +୨ ବିଭାଗରେ ସ୍ୱାଧୀନ ପଣ୍ଡା ଓ ରାଜଲକ୍ଷ୍ମୀ ନାୟକ, +୩ ବିଭାଗରେ ଜ୍ୟୋତିରଞ୍ଜନ ରାଉତ ଓ ପ୍ରଣତି ପ୍ରଧାନ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହାର ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରାୟ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ଶତପଥୀ, ଉପେନ୍ଦ୍ର ପଣ୍ଡା, ଡ. ତରୁଲତା ଦେବୀ, ଡ. ପଦ୍ମଲୋଚନ ରାଉତ, ଅଧ୍ୟାପିକା ବନିତା ଖଟେଇ ପ୍ରମୁଖ ଯୋଗ ଦେଇଥିଲେ। ଡ. ରାଜେଶ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଟିପିସିଓଡିଏଲ ପକ୍ଷରୁ ପୁରସ୍କାର ବଣ୍ଟନ



ଆଠଗଡ଼, ୧୯ ।୧୨(ସମିସ): ଆଠଗଡ଼ ସହର ଅଧୀନ ଟିପିସିଓଡିଏଲ କାର୍ଯ୍ୟାଳୟ ପରିସରରେ ବିଦ୍ୟୁତ୍ ଗ୍ରାହକଙ୍କୁ ପୁରସ୍କର ବଣ୍ଟନ କରାଯାଇଛି। ଏକ ପେ ଆଣ୍ଡ ୱିନ ସ୍କିମ ଜରିଆରେ ୧୬ ଜଣ ଗ୍ରାହକଙ୍କୁ ମୋବାଇଲ ଓ କୁକର ପ୍ରଦାନ କରାଯାଇଥିଲା। ପୁରସ୍କାର ବିଜେତାମାନେ ଡିଜିଟାଲ ପେମେଣ୍ଟ ଏବଂ ବିଜୁଳି ଦେୟ ବକେୟା ମୁକ୍ତ କରିଥିବାରୁ ପ୍ରୋତ୍ସାହନ ରୂପେ ପୁରସ୍କାର ବଣ୍ଟନ କରାଯାଇଥିଲା। ଆଠଗଡ଼ ଡିଭିଜନର ନିର୍ବାହୀଯନ୍ତ୍ରୀ ପବିତ୍ର ମୋହନ ସାହୁ, ସହକାରୀ ଯନ୍ତ୍ରୀ କାଶିନାଥ ବାରିକ, ବରିଷ୍ଠ ଗ୍ରାହକ ସେବା ଅଧିକାରୀ ଆଶିଷ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# 'ଉର୍ବୀ'ର ପୂଜା ସଂଖ୍ୟା ଉନ୍ମୋଚିତ



ନିଶ୍ଚିନ୍ତକୋଇଲି, ୧୯।୧୨(ସମିସ): ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ନବଉତ୍କଳ ଲେଖକ ପରିଷଦ ପକ୍ଷରୁ ପ୍ରକାଶ ପାଉଥିବା ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ଉର୍ବୀର ପୂଜା ସଂଖ୍ୟା ଉନ୍ମୋଚିତ ହୋଇଛି। ଲେଖକ ପରିଷଦର ସଭାପତି ଶ୍ରୀଧରଶେଖର ମହାପାତ୍ରଙ୍କ ସଂଯୋଜନାରେ ପୁରୀ ସଂସ୍କୃତି ଭବନରେ ରାଜ୍ୟସ୍ତରୀୟ ଏକ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଶଶଧର ପଣ୍ଡାଙ୍କ ପୌରୋହିତ୍ୟରେ ଏଥିରେ ଉଦଘାଟକ ଭାବେ ହାଇକୋର୍ଟର ପ୍ରାକ୍ତନ ଅଧୀକ୍ଷକ କେଶବଚନ୍ଦ୍ର ରାଉତ, ମୁଖ୍ୟଅତିଥି ଭାବେ ତାମିଲନାଡୁ ବେଦ ବିଶ୍ୱବିଦ୍ୟାଳୟ କୁଳପତି ହରିହର କାନୁନ୍‌ଗୋ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକା ଡ. ଜୟଶ୍ରୀ ନନ୍ଦ, ଶିକ୍ଷାବିତ ଶାରଦାପ୍ରସାଦ ମିଶ୍ର, ଭାଗୀରଥୀ ସାହୁ, ବ୍ୟଙ୍ଗ କବି ସଞ୍ଜୟ ରଥ ପ୍ରମୁଖ ଯୋଗ ଦେଇଥିଲେ। ସ୍ତମ୍ଭକାର ପ୍ରମୋଦ ନାୟକ ଧନ୍ୟବାଦ ଦେଇଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



କଟକ, ୧୯।୧୨(ସମିସ): ଖାନନଗର ଅଞ୍ଚଳରେ ରହୁଥିବା ଧର୍ମପ୍ରାଣା ମହିଳା ଗୌରୀ ସାହାଣୀଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଦିଅର ଶରତ ଚନ୍ଦ୍ର, ଜାଆ କେତକୀ, କନିଷ୍ଠ ପୁତ୍ର ନୀଳମଣି, ଦୁଇ ବୋହୂ ସସ୍ମିତା, ପ୍ରସନ୍ନା, ଝିଆ ମେନକା, ସୁକାନ୍ତି, ସୁମିତା, ଜ୍ୱାଇଁ ଅଲେଖ, ସୁଶାନ୍ତ, ମନୀଷ, ଚିତ୍ତରଞ୍ଜନଙ୍କ ସମେତ ଭଣଜା ଭାଣେଜୀ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ଶବକୁ ମହାକାଳପଡ଼ା ଗ୍ରାମକୁ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଜ୍ୟୋଷ୍ଠ ପୁତ୍ର ସିଏମସି କର୍ମଚାରୀ ବାବାଜୀ ଚରଣ ସାହାଣୀ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ଖବର ପାଇ ସାମାଜିକ କର୍ମୀ ସୁକାନ୍ତ ସେଠୀ ପହଞ୍ଚି ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ।

## ● ୩୩ତମ ଛତ୍ରପତି ଶିବାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଆଠଗଡ଼ ମାଜେଷ୍ଟିକ୍‌କୁ ହରାଇଲା ନୂଆପାଟଣା ସିଏସ୍‌ଏସ୍‌ଏ

ତିଗିରିଆ, ୧୯ ।୧୨(ସମିସ): ତିଗିରିଆ ବ୍ଲକ ନୂଆପାଟଣା ଅର୍ଜୁନ ସୁବୁଦ୍ଧି ହାଇସ୍କୁଲ ପଡ଼ିଆରେ ଚାଲିଥିବା ୩୩ ତମ ଛତ୍ରପତି ଶିବାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଖେଳରେ ନୂଆପାଟଣାର ସିଏସଏସଏ କ୍ରିକେଟ ଟିମ ବିପକ୍ଷ ଆଠଗଡ଼ର ମାଜେଷ୍ଟିକ ଟିମକୁ ପରାସ୍ତ କରି ୩ୟ ଦଳ ହିସାବରେ ସେମିଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ନୂଆପାଟଣା ଦଳ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମାଜେଷ୍ଟିକ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୪୨ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଲିପୁ ବରାଳ ୭୨ଟି ବଲ୍‌ରେ ମୋଟ ୧୦୬ ରନ୍ ସଂଗ୍ରହ କରିଥିଲେ। ୨୪୨ ରନ୍‌ର ବିଜୟ ଲକ୍ଷ ନେଇ ନୂଆପାଟଣା ଦଳ ୧୭ ଓଭରରେ ୨୪୩ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ରାଜିବ କୁମାର ଦାସ ୪ ଓଭର ବୋଲିଂ କରି ୩ ୱିକେଟ ହାସଲ କରିବା ସହ ୪୦ ବଲରେ ୯୬ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ବିବେଚିତ ହୋଇଥିଲେ। ଖେଳକୁ ବାପିନା ତୋଷ ଓ ବିରେନ ବେହେରା ପରିଚାଳନା କରିଥିଲେ।

# ପୁଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ, ୧୯ ।୧୨(ସମିସ): ବକ୍ସିବଜାରସ୍ଥିତ ଓଡ଼ିଶା ପୁଲିସ ହାଇସ୍କୁଲର ୧୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଆଜି ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦଯାପନୀ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମମତା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁଲିସ ମୁଖ୍ୟାଳୟର ଏସପି ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ କ୍ରୀଡ଼ା ଉପରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁଲିସ ମୁଖ୍ୟାଳୟର ମଙ୍ଗଳ ଅଧିକାରୀ ରବୀନ୍ଦ୍ରନାଥ



ମହାନ୍ତି, ସମାଜସେବୀ ସରୋଜ ଶତପଥୀ, ମୁଖ୍ୟବକ୍ତା ଭାବେ ସିଆରସିସି ରେନୀ ନନ୍ଦ ଯୋଗଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଦୁର୍ଯ୍ୟୋଧନ ସାହୁ, ଗୀତାଞ୍ଜଳି ମିଶ୍ର, ଅମିତା ପ୍ରଜ୍ଞା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତରୁବାଳା ନନ୍ଦ ଓ ସାଗରିକା ନନ୍ଦ ଉପସ୍ଥିତ ଥିଲେ। ବରିଷ୍ଠ ବାଳକ ବିଭାଗର ଓମ କୁମାର ନାୟକ, କନିଷ୍ଠ ବିଭାଗର ରକି ବେହେରା ଓ ବାଳିକା ବିଭାଗର ସୁସ୍ମିତା ବେହେରା ତଥା ଅନ୍ୟ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଶେଖ ଜହୁରୁଦ୍ଦିନ ଧନ୍ୟବାଦ ଦେଇଥିଲେ।

# ପ୍ରଶାସନର ପକ୍ଷପାତିତା ଓ ଜନପ୍ରତିନିଧିଙ୍କୁ ଅଣଦେଖା

## ପ୍ରତିବାଦରେ ବିଜେଡିର ଜନଆନ୍ଦୋଳନ

ନିଆଳି, ୧୯।୧୨(ସମିସ)




ନିଆଳି ପ୍ରଶାସନର ପକ୍ଷପାତିତା ଓ ଜନପ୍ରତିନିଧିଙ୍କୁ ଅଣଦେଖା ପ୍ରତିବାଦରେ ନିଆଳି ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ନିଆଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ନିଆଳି ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ବ୍ଲକ ପ୍ରଶାସନର ଅଣଦେଖା, ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କୁ ଅନ୍ଧକାରରେ ରଖି ବିଭିନ୍ନ ଗ୍ରାମ ପଞ୍ଚାୟତରେ ଅଦୃଶ୍ୟ ଶକ୍ତିର ପ୍ରରୋଚନାରେ ବିଶୃଙ୍ଖଳା ସୃଷ୍ଟି କଲା ଭଳି ପ୍ରକଳ୍ପ ଗୁଡିକର କାର୍ଯ୍ୟାରମ୍ଭ କରିବା, ବିଭିନ୍ନ ଗ୍ରାମପଞ୍ଚାୟତରେ ଦୀର୍ଘଦିନ ଧରି ସଂପାଦନ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକର ମାପ, ପରିମାପ ଓ ବିଲ୍ ପ୍ରଦାନରେ ଅହେତୁକ ବିଳମ୍ବ କରିବା ସହିତ କାର୍ଯ୍ୟାଦେଶ ହୋଇ ରଖାଯାଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟାରମ୍ଭରେ ଟାଳଟୁଳ ନୀତ ଅବଲମ୍ବନ କରିବା ଓ ଅଧ୍ୟକ୍ଷଙ୍କ ପରାମର୍ଶ ନ ନେଇ ପଞ୍ଚାୟତ ସମିତି ଅଧିନସ୍ଥ ସମସ୍ତ କାର୍ଯ୍ୟରେ ଶୃଙ୍ଖଳା ଓ ସ୍ୱଚ୍ଛତା ନ ରଖିବା ପ୍ରତିବାଦରେ ଏହି ଆନ୍ଦୋଳନ ଡକରା ଦିଆଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଗୁରୁବାର ୧୧ଟା ୩୦ ମିନିଟରେ ପୂର୍ବତନ ବିଧାୟକ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଶହ ଶହ ଜନପ୍ରତନିଧି ଓ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଆନ୍ଦୋଳନ କରିଥିଲେ। ଅପରାହ୍ଣରେ ଏକ କମିଟି ବିଡିଓଙ୍କ ସହିତ ଆଲୋଚନା କରିଥିଲା। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏହି ଆନ୍ଦୋଳନରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସୌଦାମିନୀ ମହାପାତ୍ର, କବିତା ରାଉତ, ଉପାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ବିଜେଡିର କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, ସରପଞ୍ଚ ବବିତାରାଣୀ ବେହେରା, ବିଜୟରାମ ପଣ୍ଡା, ପ୍ରଶାନ୍ତ ସ୍ୱାଇଁ, ମାନସ ରଞ୍ଜନ ସାହୁ, ସୁରେଶ ପଟ୍ଟନାୟକ, ନମିତା ବାରିକ, ତ୍ରିନାଥ ମହାନ୍ତି, ଅଶ୍ୱିନ ମହାନ୍ତି, ସମିତିସଭ୍ୟ ଅବିନାଶ ପ୍ରଧାନ, ସଂପଦ ମହାନ୍ତି, କଲ୍ୟାଣୀ ବଡୁ, ଅଭିମନ୍ୟୁ ମଲ୍ଲିକ, ପ୍ରଦୀପ୍ତ ନନ୍ଦ, ରତ୍ନାକର ନାୟକ, କାଳନ୍ଦୀ ପୃଷ୍ଟି, ସଂଗଠକ ପ୍ରଦୀପ ଦାସ, ପରକ୍ଷିତ ବାରିକ୍‌ଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଯୋଗଦେଇଥିଲେ।

# କଟକ ସିଟି



## ବେଆଇନ ଚାଲାଣ; ୩ ହାଇୱା ଜବତ



ଟାଙ୍ଗୀ/ମଙ୍ଗୁଳି, ୧୯ ।୧୨(ସମିସ): ଗୁରୁବାର ପୂର୍ବାହ୍ନରେ କଟକ ଜିଲ୍ଲା ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ର ଓ ଏସ୍‌ଆଇ ହେମନ୍ତ ସାମଲଙ୍କ ନେତୃତ୍ୱରେ ଗଠିତ ଟିମ୍ ଏକ ବାଲି ବୋଝେଇ ହାଇୱା ୧୬ନଂ ଜାତୀୟ ରାଜପଥର ମଙ୍ଗୁଳି ଅଞ୍ଚଳରୁ ଜବତ କରିଛନ୍ତି । ଅନ୍ୟ ଦୁଇଟି ମାଟି ବୋଝେଇ ହାଇୱା ଯଥାକ୍ରମେ ସଫା ଓ ବିଶ୍ୱାଳୀ ଅଞ୍ଚଳରୁ ଜବତ ହୋଇଛି । ଜବତ ୩ଟି ହାଇୱାକୁ ରାଜ୍ୟ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଏହି ଥାନାଞ୍ଚଳରେ ବେଆଇନ୍ ବାଲି, ମାଟି ଓ ମୋରମ୍ ଚାଲାଣ ରୋକିବା ନିମନ୍ତେ ଥାନା ପକ୍ଷରୁ ଉଦ୍ୟମ କରାଯାଉଥିବା ଜଣାପଡ଼ିଛି ।

## ମଣିଆ ଗାଁର ଯୁବକ ଭୁବନେଶ୍ୱରରୁ ନିଖୋଜ



ମଙ୍ଗୁଳି, ୧୯ ।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଉଚ୍ଚପଦା ପଞ୍ଚାୟତ ମଣିଆ ଗ୍ରାମର ଲଳିତ କୁମାର ଦାସ (୨୯) ଭୁବନେଶ୍ୱରରୁ ନିଖୋଜ ହେବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, ମଣିଆ ଗ୍ରାମର ଲଳିତ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭୁବନେଶ୍ୱରସ୍ଥିତ ନୟାପଲ୍ଲୀରେ ଏକ ଘରଭଡ଼ା ନେଇ ରହୁଥିବା ବେଳେ ସେଠାରେ ଟ୍ୟୁସନ୍ ଏବଂ ଏକ ପ୍ରାଇଭେଟ୍ କ୍ଲିନିକ୍‌ରେ ପାର୍ଟଟାଇମ୍ ଚାକିରି କରୁଥିଲେ । ପ୍ରତ୍ୟେକ ଦିନ ସେ ନିଜ ପରିବାର ଲୋକଙ୍କ ସହ ଫୋନ୍ ଯୋଗେ କଥା ହେଉଥିବା ବେଳେ ଗତ ଦୁଇଦିନ ଧରି ତାଙ୍କର ମୋବାଇଲ ସୁଇଚ୍ ଅଫ୍ ଥିବାର ସନ୍ଦେହ କରି ପରିବାରଲୋକେ ଭୁବନେଶ୍ୱର ଯାଇ ସେ ରହୁଥିବା ଘରେ ପହଞ୍ଚି ଦେଖିଥିଲେ ଯେ ତାଙ୍କର ବାଇକ୍ ଏବଂ ସମସ୍ତ ଜିନିଷପତ୍ର ଅଛି କିନ୍ତୁ ଲଳିତଙ୍କର କୌଣସି ଖୋଜ୍‌ଖବର ନାହିଁ । ତେଣୁ ଏଥିରେ ପରିବାରଲୋକଙ୍କ ସନ୍ଦେହ ବଢ଼ିବାରୁ ଲଳିତଙ୍କ ବଡ଼ଭାଇ ଜିତେନ୍ଦ୍ର କୁମାର ଦାସ ଭୁବନେଶ୍ୱର ନୟାପଲ୍ଲୀରେ ତାଙ୍କ ଭାଇ ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି ।

### ହାଇକୋର୍ଟରେ କଟକସହର ସମସ୍ୟା

# ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ଶିଶୁଭବନ ନୂତନ କୋଠା

କଟକ, ୧୯।୧୨(ସମିସ): କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ଶିଶୁଭବନ ଓ ଏସସିବି ମେଡିକାଲ ସମସ୍ୟା ପ୍ରସଂଗରେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବିସ୍ତୃତ ଶୁଣାଣି କରିଛନ୍ତି । ଶିଶୁଭବନର ନୂତନ କୋଠା ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଅଧୀକ୍ଷକଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏସ.ଅଶ୍ୱସ୍ଥି ଭର୍ଚୁଆଲରେ ଉପସ୍ଥିତ ରହି ଏ ସମ୍ପର୍କରେ ତଥ୍ୟ ରଖିଥିଲେ । ଶିଶୁଭବନର ନୂତନ କୋଠା ପାଇଁ ଆଓଆର ଓ ବିଲଡିଂ ପ୍ଲାନ ସମସ୍ୟା ଥିଲା । ଯେଉଁଥିପାଇଁ ଅଗ୍ନିଶମ ବିଭାଗର ପ୍ରମାଣପତ୍ର ପାଇଁ କ୍ଲିଅରାନ୍ସ ମିଳିପାରୁ ନଥିଲା । ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଗ୍ନିଶମ ଡିଜିଙ୍କୁ ଏ ସଂକ୍ରାନ୍ତରେ ପତ୍ର ଲେଖାଯାଇଥିବା ବେଳେ ଏଥିପାଇଁ କ୍ଲିଅରାନ୍ସ ମିଳିଛି । ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମିଳିବା କ୍ଷଣି ନୂତନ କୋଠା କାର୍ଯ୍ୟକ୍ଷମ କରାଯିବ ବୋଲି ସଚିବ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି । କେବେ କାର୍ଯ୍ୟକ୍ଷମ ହେବ ପରବର୍ତ୍ତୀ ଶୁଣାଣି ସମୟରେ ଅଦାଲତଙ୍କୁ ଅବଗତ କରିବାକୁ କହିଛନ୍ତି ଖଣ୍ଡପୀଠ । ହାଇକୋର୍ଟ ବାର ସଭାପତି ବିଜୟ ଦାସ, ଆଇନଜୀବୀ ବିଭୂତିଭୂଷଣ ଚୌଧୁରୀ, ଆରିଫୁଦ୍ଦିନ ଖାଁ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି ।



## ଏମ୍‌ଆର୍‌ଆଇ ଓ ସିଟି ସ୍କାନ ମେସିନ ପାଇଁ ୪୬ କୋଟି

ଏସସିବି ମେଡିକାଲ ନ୍ୟୁରୋସର୍ଜରୀ ବିଭାଗରେ ଏମସିଏଲ (ମହାନଦୀ କୋଲ ଫିଲ୍ଡସ) ପକ୍ଷରୁ ସିଏସଆର ପାଣ୍ଠିରେ ୪୬ କୋଟି ୩୪ଲକ୍ଷ ୮୦ହଜାର ଟଙ୍କା ଅନୁଦାନ ଆସିଥିବା ବେଳେ ଏହି ଅର୍ଥ ଫେରିଯିବା ସମ୍ଭାବନା ଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟିକୁ ଆଣିଥିଲା । ଏହି ଅର୍ଥ ଖର୍ଚ୍ଚ ପାଇଁ ସରକାର ଅନୁମୋଦନ କରିଥିବା ନେଇ ସ୍ୱାସ୍ଥ୍ୟ ସଚିବ ଅଦାଲତଙ୍କୁ ଅବଗତ କରିଥିଲେ । ଏଥିପାଇଁ ଓଡ଼ିଶା ମେଡିକାଲ କର୍ପୋରେସନ ଖୁବଶୀଘ୍ର ଟେଣ୍ଡର ଆହ୍ୱାନ କରିବ ବୋଲି କୁହାଯାଇଛି । ମେଡିକାଲର ଚକ୍ଷୁ ବିଭାଗରେ ଭିଜୁଆଲ ପେରିମିଟର ମେସିନ ଦୀର୍ଘ ଦିନ ଧରି ଅଚଳ ରହିଥିବା ବେଳେ ଏ ସମ୍ପର୍କରେ ଅଦାଲତ ଜବାବ ତଲବ କରିଛନ୍ତି ।

## ୮ ବର୍ଷ ଧରି ବନ୍ଦ ଥିବା ଶିଶୁଭବନ ଫାଟକ ଖୋଲିବ

ଉଠାଦୋକାନୀ ମାନଙ୍କ ଦ୍ୱାରା ଜବରଦଖଲରେ ରହିଥିବାରୁ ଶିଶୁଭବନର ଲାଲବାଗ ଥାନା ପଟ ଫାଟକ ଖୋଲାଯାଇପାରୁନଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ । ତେବେ ଏହି ଫାଟକକୁ ଶିଶୁଭବନ କର୍ତ୍ତୃପକ୍ଷ ସୁରକ୍ଷା ଦୃଷ୍ଟି କୋଣରୁ ଗତ ୨୦୧୬ରୁ ବନ୍ଦ ରଖିଥିବା ଆଜି ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା । ଏହା ସମ୍ମୁଖରେ ୨୪ ଜଣ ଉଠାଦୋକାନୀ ଅବରୋଧ କରି ବସିଥିବା ବେଳେ ୧୯ ଜଣଙ୍କ ଭେଣ୍ଡିଂ ପରିଚୟପତ୍ର ଥିବା ସିଏମସି ପକ୍ଷରୁ ଅବଗତ କରାଯାଇଛି । ସିଏମସି ପକ୍ଷରୁ ଟାଉନ ଭେଣ୍ଡିଂ କମିଟି ରହିଥିବା ବେଳେ ସେମାନଙ୍କ ବୈଧ ଭେଣ୍ଡିଂ ପ୍ରମାଣପତ୍ର ବା ସାର୍ଟିଫିକେଟ ଅଛି କି ନାହିଁ ତାହାର ଯାଞ୍ଚ ଆସନ୍ତାକାଲି କରାଯିବ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ସେହିଭଳି ଶିଶୁ ରୋଗୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶିଶୁଭବନର ଲାଲବାଗ ଥାନା ସମ୍ମୁଖ ଫାଟକକୁ ଖୋଲିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି । ଉପରୋକ୍ତ ଉଠାଦୋକାନୀଙ୍କ ପରିଚୟପତ୍ରରେ ଭେଣ୍ଡିଂ ପାଇଁ ଶିଶୁଭବନ ନିକଟ ବୋଲି ସ୍ଥାନ ଦର୍ଶାଯାଇଥିବାରୁ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଭେଣ୍ଡିଂ ସାର୍ଟିଫିକେଟ ପ୍ରଦାନ ବେଳେ ସ୍ଥାନ ପରିଦର୍ଶନ ପରେ ନିର୍ଦ୍ଦିଷ୍ଟ ସ୍ଥାନ ଉଲ୍ଲେଖ କରିବାକୁ କହିଛନ୍ତି ଅଦାଲତ । ପରବର୍ତ୍ତୀ ଶୁଣାଣି ସମୟରେ ଏହି ପ୍ରସଂଗରେ ଜବାବ ଦାଖଲ କରିବାକୁ ସିଏମସିକୁ ହାଇକୋର୍ଟ କହିଛନ୍ତି ।

## ଇସିଟି ମେସିନ ଓ ସ୍ଥାୟୀ ନିଶ୍ଚେତକ ଡାକ୍ତର ପ୍ରସଂଗ

ଏସସିବି ମେଡିକାଲ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଆଉ ଏକ ଇସିଟି ମେସିନ ସ୍ଥାପନ ଓ ଜଣେ ସ୍ଥାୟୀ ନିଶ୍ଚେତକ ଡାକ୍ତର ନିଯୁକ୍ତି ଆବଶ୍ୟକତା ଥିବା ନେଇ ଆଡଭୋକେଟ କମିଟି ରିପୋର୍ଟ ଉପସ୍ଥାପନ କରିଥିଲେ । ଏପରିକି ଗତ ପରିଦର୍ଶନ ସମୟରେ ବିଭାଗୀୟ ଡାକ୍ତରମାନେ ଏହି ପରାମର୍ଶ ଦେଇଥିଲେ । ଏ ପ୍ରସଂଗରେ ଜବାବ ରଖିବାକୁ ହାଇକୋର୍ଟ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାନସିକ ରୋଗ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ପରବର୍ତ୍ତି ଶୁଣାଣି ସମୟରେ ଭର୍ଚୁଆଲରେ ଉପସ୍ଥିତ ରହିବା ପାଇଁ କହିଛନ୍ତି ଖଣ୍ଡପୀଠ ।

## ୨୩ ଆସୋସିଏଟ୍ ଓ ଆସିଷ୍ଟାଣ୍ଟ ପ୍ରଫେସର ପଦ ପୂରଣ

ଏସସିବି ମେଡିକାଲ କଲେଜ ଓ ହସପିଟାଲର ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦ ପୂରଣ ପାଇଁ ପଦକ୍ଷେପ ନିଆଯାଇଛି । ହାଇକୋର୍ଟଙ୍କ ବିଗତ ନିର୍ଦ୍ଦେଶ ପରେ ଖାଲି ପଡ଼ିଥିବା ୪୧ଟି ଆସୋସିଏଟ ପ୍ରଫେସର ପଦ ମଧ୍ୟରୁ ୧୨ଟି ଓ ୧୫ଟି ଆସିଷ୍ଟାଣ୍ଟ ପ୍ରଫେସର ପଦ ମଧ୍ୟରୁ ୧୧ଟି ପୂରଣ ହୋଇଥିବା କୁହାଯାଇଛି । ଅନ୍ୟପଟରେ ୩୩ସିନିଅର ରେସିଡେଣ୍ଟ ଡାକ୍ତର ପଦ ମଧ୍ୟ ପୂରଣ କରାଯାଇଛି ।

## ଖୋଲିବ ଦ୍ୱିତୀୟ ଆହାର କେନ୍ଦ୍ର ଓ ମିଶନ ଶକ୍ତି କାଫେ

ଏସସିବିରେ ଥିବା ଆହାର କେନ୍ଦ୍ର ଏବେ ଦୈନିକ ୧୫୦୦ ମଧ୍ୟାହ୍ନ ଭୋଜନ ଓ ୧୦୦୦ ରାତ୍ର ଭୋଜନ ଯୋଗାଇଆସୁଛି । ତେବେ ଏହା ପର୍ଯ୍ୟାପ୍ତ ହେଉ ନଥିବାରୁ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲାଯିବ । ଏଥିପାଇଁ ଟେଣ୍ଡର ଆହ୍ୱାନ ସରିଛି । ଆସନ୍ତା ୨୪ତାରିଖରେ ଏହି ଟେଣ୍ଡର ଖୋଲାଯିବ । ସେହିପରି ମିଶନଶକ୍ତି କାଫେ ପାଇଁ ଜାଗା ଚିହ୍ନଟ ହୋଇପାରି ନଥିବା ବେଳେ ଡିନଙ୍କ କାର୍ଯ୍ୟାଳୟ ପରିସରରେ ଏହା ଖୋଲିବା ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି ।

## ଆହତ ବୃଦ୍ଧଙ୍କ ଚିକିତ୍ସାଧୀନ ମୃତ୍ୟୁ

କଟକ, ୧୯।୧୨(ସମିସ): ଲିଙ୍କ୍‌ରୋଡ୍‌ରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବରୁଣ କୁମାର ଖିଲାର(୫୭) । ଗତକାଲି ରାତିରେ ତାଙ୍କୁ ଗୁରୁତର ଅବସ୍ଥାରେ ବାଦାମବାଡି ଥାନା ପୁଲିସ ଲିଙ୍କ ରୋଡରୁ ଉଦ୍ଧାର କରିଥିଲା । ସୂଚନା ଅନୁସାରେ, ରାତିରେ ବରୁଣ ଚାଲି ଚାଲି ପାଲାମଣ୍ଡପ ଆଡକୁ ଯାଉଥିଲା ବେଳେ ଝୁଣ୍ଟି ପଡ଼ିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଅନ୍ୟ ପଥଚାରୀଙ୍କ ଠାରୁ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ବୃଦ୍ଧଙ୍କୁ ଉଦ୍ଧାର କରି ଏସ୍‌ସିବି ନେଇଥିଲା । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି । ମେଡିକାଲ ଫାଣ୍ଡି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି । ମୃତକଙ୍କଠାରୁ ମିଳିଥିବା କିଛି କାଗଜପତ୍ରରୁ ବ୍ୟକ୍ତି ଜଣକ ବାଦାମବାଡି ଅଞ୍ଚଳରେ ରହୁଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କ ସୂଚନା ଦିଆଯାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ମଙ୍ଗଳାବାଗ ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି ।

## ଓଟିଏମ୍ କଲୋନୀରେ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କଲେ 'ଡୁଡା' ଟିମ୍

ଚୌଦ୍ୱାର, ୧୯।୧୨(ସମିସ): ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଓଟିଏମ୍ କଲୋନୀ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଅଭିଯୋଗ ହେବା ପରେ କଟକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ର ଏକ ପ୍ରତିନିଧି ଦଳ ଗୁରୁବାର ଓଟିଏମ୍ କଲୋନୀ ଅଞ୍ଚଳ ପରିଦର୍ଶନ କରି ଏହାର ପରିମଳ ବ୍ୟବସ୍ଥା ଓ ରାସ୍ତାଘାଟ ସ୍ଥିତି ଅନୁଧ୍ୟାନ କରିଛନ୍ତି । କଟକ ଡୁଡା ଟିମ୍ ଲିଡର ଅକ୍ଷୟ ମିଶ୍ର, ନିହାର ରଞ୍ଜନ ନାୟକ, ଚୌଦ୍ୱାର ପୌରପାଳିକା ପରିମଳ ବିଭାଗର ବିଚିତ୍ରାନନ୍ଦ ସ୍ୱାଇଁ, ପିୟୁଷ ସାହୁ, ଅସିତ ଦାସଙ୍କୁ ନେଇ ଗଠିତ ଏକ ଟିମ୍ ପୌରପାଳିକା ୧୧, ୧୨ ଓ ୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ଓଟିଏମ୍ କଲୋନୀକୁ ଯାଇ ସେଠାର ପରିମଳ ବ୍ୟବସ୍ଥା, ଡ୍ରେନ୍ ଓ ରାସ୍ତାଘାଟ ଆଦିର ଅବସ୍ଥା ଅନୁଧ୍ୟାନ କରିଥିଲେ । ସୂଚନାଯୋଗ୍ୟ ଯେ, ଓଟିଏମ୍ ବନ୍ଦ ହେବା ପରେ ସ୍ଥାନୀୟ ପୌର ପ୍ରଶାସନ ତରଫରୁ ଓଟିଏମ୍ କଲୋନୀରେ ପରିମଳ ବ୍ୟବସ୍ଥା, ରାସ୍ତାଘାଟ ଓ ଡ୍ରେନ୍ ମରାମତି ତଥା କୌଣସି ଉନ୍ନୟନ କାର୍ଯ୍ୟ ଆଦି କରାଯାଉ ନ ଥିବାରୁ କଲୋନୀ ବାସିନ୍ଦାମାନେ ନାନା ସମସ୍ୟା ଭୋଗ କରୁଥିବା ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ରବି ନାରାୟଣ ରାଉତ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ନିବେଦନ କରିଥିଲେ । ଅଭିଯୋଗର ଅନୁଧ୍ୟାନ କରି ତଥ୍ୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କଟକ ଡୁଡାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ କଟକ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଏକ ଅନୁଧ୍ୟାନକାରୀ ଟିମ୍ ଗଠନ କରି ଅଭିଯୋଗର ଅନୁଧ୍ୟାନ କରି ୭ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ପତ୍ର ସଂଖ୍ୟା ୫୮୪ ତା ୭.୧୨.୨୪ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ ।



## ଆସୁଛି ବଡ଼ ଦିନ
# ଚର୍ଚ୍ଚରେ ପ୍ରସ୍ତୁତି ପର୍ବ ଜୋରଦାର୍



କଟକ, ୧୯ ।୧୨(ସମିସ): ଆସୁଛି ନୂଆ ବର୍ଷ-୨୦୨୫ । ମାତ୍ର ୧୨ଦିନ ପରେ ପୁରୁଣା ବର୍ଷକୁ ବିଦାୟ ଦିଆଯିବ । ଏହା ପୂର୍ବରୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ସବୁଠାରୁ ବଡ଼ ପର୍ବ ଖ୍ରୀଷ୍ଟମାସ ଡେ' ବା ବଡ଼ଦିନ ପାଇଁ କେଇ ଦିନ ବାକି ଥିବାବେଳେ କଟକ ସହର ଏବେଠାରୁ ଚଳଚଞ୍ଚଳ ହୋଇଉଠିଛି । ଆସନ୍ତା ଡିସେମ୍ବର ୨୫ ତାରିଖ ମଧ୍ୟରାତ୍ରିରେ ଧରାବତାରଣ କରିବେ ପ୍ରଭୁ ଯୀଶୁଖ୍ରୀଷ୍ଟ । ପ୍ରଭୁ ଯୀଶୁଙ୍କ ଜନ୍ମଦିବସକୁ ପାଳନ କରିବାକୁ ଅପେକ୍ଷାରେ ଥାଆନ୍ତି ଶ୍ରଦ୍ଧାଳୁ । ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଭଉଣୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଉତ୍ସାହ । ସହରର ୨ଟି ପ୍ରମୁଖ ଚର୍ଚ୍ଚ ଓଡିଆ ବାପଟିଷ୍ଟ ଚର୍ଚ୍ଚ ଏବଂ ହୋଲି ରୋଜାରି କ୍ୟାଥାଡ୍ରାଲ ଚର୍ଚ୍ଚ ପକ୍ଷରୁ ବଡଦିନ ପାଳନ ନିମନ୍ତେ ପ୍ରସ୍ତୁତି ଜୋରଦାର ହେଲାଣି । ଏହି ବଡ ପର୍ବକୁ ଏଥର ଧୁମଧାମ୍ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ପ୍ରତି ସ୍କୁଲ, କଲେଜରେ ଏବେ କ୍ୟାରେଲ କାର୍ଯ୍ୟକ୍ରମ ହେଉଛି । ଅନ୍ୟପକ୍ଷରେ ବଡଦିନ ପାଇଁ ସହରର ବିଭିନ୍ନ ସ୍ଥାନରେ ସାଣ୍ଟା କ୍ଲଜ, ବେଲୁନ, ଟୋପି ଏବଂ ବିଭିନ୍ନ ପ୍ରକାର ମିଠା ଷ୍ଟଲ ଖୋଲିଛି । ବିଶେଷ କରି ଏଥର ମ୍ୟୁଜିକାଲ୍ ଡ୍ୟାନ୍ସି ସାଣ୍ଟାକ୍ଲଜ୍ ଓ ସ୍ନୋ ଟ୍ରି'ର ଚାହିଦା ଅଧିକ ରହିଛି । ବକ୍ସିବଜାର, ବିଜୁପଟ୍ଟନାୟକ ଛକ, ସିଡିଏ, ସେଲଟର୍ ଛକ, ଚଣ୍ଡିଛକ, ଚୌଧୁରୀବଜାର ଭଳି ସ୍ଥାନ ଗୁଡ଼ିକରେ କେକ୍ ଓ କୁକିଜ୍‌ର ପସରା ଖୋଲିଲାଣି । ଗତ ୫ ଦିନ ହେବ ବ୍ୟବସାୟ ଜୋରଦାର ହୋଇଛି ।

କଟକ ସହରରେ ଥିବା ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ । ଏହି ଅବସରରେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଏବଂ ତାଙ୍କ ଜୀବନ ଉପରେ ଆଧାରିତ ବିଭିନ୍ନ ନାଟକ ପରିବେଷଣ କରାଯିବ । ଚର୍ଚ୍ଚଗୁଡ଼ିକରେ ଆର୍କଷଣୀୟ ଆଲୋକମାଳା ସାଙ୍ଗକୁ ରଙ୍ଗୀନ ଖ୍ରୀଷ୍ଟମାସ ଲ୍ୟାମ୍ପ ଓ ଜିଙ୍ଗଲବେଲ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । ଏବର୍ଷ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ହୋଲି ରୋଜାରି କ୍ୟାଥୋଡ୍ରାଲ ଚର୍ଚ୍ଚ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଦେଖିବାକୁ ମିଳିଛି । ଚର୍ଚ୍ଚ ବାହାରେ ପ୍ରଭୁଙ୍କର ଗୁହାଳ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଚର୍ଚ୍ଚ ମଧ୍ୟରେ ପ୍ରାୟ ୨ହଜାର ଖ୍ରୀଷ୍ଟ ଧର୍ମାବଲମ୍ବୀ ସମୂହ ପ୍ରାର୍ଥନା କରିବେ । ଏଥି ନିମନ୍ତେ ୭ ରୁ ୮ ଜଣ ଚର୍ଚ୍ଚର ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଥିବା ଏକ ଦଳ କ୍ୟାରେଲ୍ ଗାନ ନିମନ୍ତେ ଅଭ୍ୟାସ କରୁଛନ୍ତି । ଚର୍ଚ୍ଚ ପରିସର ରଙ୍ଗ ଦିଆଯିବା ସହ ଆଲୋକମାଳାରେ ସଜେଇ ହେବାକୁ ପ୍ରସ୍ତୁତି ପର୍ବ ଜୋରଦାର ହେଉଛି । ଚର୍ଚ୍ଚର ସଦସ୍ୟମାନେ ପ୍ରତି ଖ୍ରୀଷ୍ଟିୟାନ ଭାଇ ଭଉଣୀଙ୍କ ଘରକୁ ଘର ବୁଲି ବଡି ଦିନ ପୂର୍ବରୁ ପ୍ରଭୁ ଶିଶୁ ଯୀଶୁଙ୍କ ମୂର୍ତ୍ତି ପ୍ରଦାନ କରି ସହ ଶାନ୍ତି, ପ୍ରେମର ବାର୍ତ୍ତା ଦେଉଛନ୍ତି । ଆସନ୍ତା ୨୪ ତାରିଖ ରାତି ୧୦ଟା ୪୫ ମିନିଟ୍ ଠାରୁ ମହାଉଜାଗର ପର୍ବ ଆରମ୍ଭ ହେବ । ୨୫ ତାରିଖ ରାତି ପର୍ଯ୍ୟନ୍ତ ଏହି ଯଜ୍ଞ, କ୍ୟାରୋଲ ଗାନ ଏବଂ ପ୍ରାର୍ଥନା କାର୍ଯ୍ୟ କରାଯିବ । ପରିଶେଷରେ ଦିବ୍ୟ ପ୍ରସାଦ ପ୍ରଦାନ କରାଯିବ । ଅନ୍ୟପକ୍ଷରେ ଓଡିଆ ବାପଟିଷ୍ଟ ଚର୍ଚ୍ଚରେ ବଡଦିନକୁ ମଧ୍ୟ ଧୂମଧାମରେ ପାଳନ କରିବା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି । ଚର୍ଚ୍ଚ ପରିସର ମରାମତି କରାଯାଇ ଥିବାବେଳେ ଏହାକୁ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା କରାଯାଉଛି । ୨୫ ତାରିଖ ମଧ୍ୟରାତ୍ରିରେ ଉଜାଗର କାର୍ଯ୍ୟକ୍ରମ ପ୍ରତିବର୍ଷ ଭଳି ପାଳନ କରାଯିବ । ବଡ ଦିନ ଅର୍ଥାତ ଡିସେମ୍ବର ୨୫ ତାରିଖରେ ଦିନ ୧୧ ଟାରେ ତେଲୁଗୁରେ ପ୍ରାର୍ଥନା, ଅପରାହ୍ନ ୩ଟାରେ ଓଡିଆ ଏବଂ ସନ୍ଧ୍ୟା ୬ଟାରେ ଇଂରାଜୀରେ ପ୍ରାର୍ଥନା ହେବ । ପ୍ରାୟ ୫ହଜାର ଶ୍ରଦ୍ଧାଳୁ ସମୂହ ପ୍ରାର୍ଥନା କରିବେ ବୋଲି ସୂଚନା ମିଳିଛି । ଖ୍ରୀଷ୍ଟ ଧର୍ମର ଭାଇଭଉଣୀଙ୍କୁ ନେଇ ୧୦ ସାହି ଅଞ୍ଚଳରେ କୀର୍ତ୍ତନ ଆରମ୍ଭ ହୋଇଗଲାଣି । ଲୋକମାନେ କେକ୍, ଆରିସା ପିଠା, କାକରା ବନାଉଛନ୍ତି । ସାଣ୍ଟାକ୍ଲଜ୍ ବେଶଧାରୀ ସାହି ଅଞ୍ଚଳରେ ପିଲାମାନଙ୍କୁ ଚକୋଲେଟ ବାଣ୍ଟୁଛନ୍ତି । ସାହିକୁ ଆଲୋକ ମାଳାରେ ସଜାଯାଉଛି । ପ୍ରତି ଘର ଷ୍ଟାର୍ ଲଗାଇବା କାର୍ଯ୍ୟ ହେଉଛି । ଏବର୍ଷ ଓଡିଆ ବାପଟିଷ୍ଟ ଚର୍ଚ୍ଚ ପାଣ୍ଠିରୁ ଗରିବ ଓ ଅସହାୟ ଲୋକମାନଙ୍କୁ ଆର୍ଥିକ ସହାୟତା ଦିଆଯିବ ବୋଲି ଓଡ଼ିଆ ବାପ୍ଟିଷ୍ଟ୍ ଚର୍ଚ୍ଚ କାଉନସିଲ୍ ସଦସ୍ୟ ତପନ ଦାସ ସୂଚନା ଦେଇଛନ୍ତି ।


**ମନ କିଣୁଛି ଡ୍ୟାନ୍ସି ସାଣ୍ଟାକ୍ଲଜ୍ ଓ ସ୍ନୋ' ଟ୍ରି**

**ବଜାରରେ କେକ୍ ଓ କୁକିଜ୍‌ର ପସରା**




ORMAS (Odisha Rural Development and Marketing Society) Panchayati Raj Department, Govt of Odisha

**ଦକ୍ଷତା ବିକାଶ**



ମୁଁ **ପ୍ରଭାକର ବିର** । ମୋ ଘର ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ବ୍ଲକ୍ ର ସିଦ୍ଧାମଡଙ୍ଗ ଗାଁ ରେ । ମୁଁ +୨ ଉତ୍ତୀର୍ଣ୍ଣ ହେଲା ପରେ ମୁଁ ଏବଂ ଆମ ପରିବାର ନିଜ ଗାଁ ରେ ଛୋଟ ମୋଟ କାମ କରି ବଞ୍ଚି ଯାଉଥିଲୁ । ୨୦୧୮ ମସିହାର ଅକ୍ଟୋବର ମାସ ୧୮ ତାରିଖ ପ୍ରକୃତିର ସେଇ ତାଣ୍ଡବ ଲୀଳା "ତିତିଲି ମହାବାତ୍ୟା" ଆମର ସେଇ ଛୋଟ ମୋଟ ରୋଜଗାରକୁ ଠପ କରିଦେଇଥିଲା । ମୁଁ ଓରମାସ ଦ୍ୱାରା **ଡିଡିୟୁ-ଜିକେୱାଇ ସିକ୍ୟୁରିଟି ଗାର୍ଡ** ରେ ତାଲିମ ନେବା ପାଇଁ ଗଲି । ମୁଁ ତାଲିମ ଶେଷ କରିବାପରେ ମୁଁ ହାଇଦରାବାଦର ବିମାନ ବନ୍ଦରରେ ସିକ୍ୟୁରିଟି ଗାର୍ଡ ଚାକିରି ରେ ନିଯୁକ୍ତି ହେଲି । ସେଠାରେ ମୁଁ ପ୍ରଥମେ ମାସକୁ ପ୍ରାୟ ୧୨,୦୦୦/- ଟଙ୍କା ପାଇଲି । ମୋର କିଛି ଅଭିଜ୍ଞତା ହେଲା ପରେ ମୁଁ ସେ ଚାକିରି ଛାଡିଦେଇ ବର୍ତ୍ତମାନ ଇଣ୍ଡିଗୋ ଏୟାର ଲାଇନ୍ସ ରେ ମାସିକ ୩୦,୦୦୦/- ଟଙ୍କା ପାଉଛି । ସରକାରଙ୍କର ଏହି ଯୋଜନା ପାଇଁ ଆଜି ମୁଁ ଏହି ସଫଳତା ପାଇପାରିଛି । ତେଣୁ ମୁଁ ଜିଲ୍ଲା ପ୍ରଶାସନକୁ ମୁଁ ଅନେକ ଅନେକ ଧନ୍ୟବାଦ ଜଣାଉଛି ।

**ଜୀବିକା**

ଓରମାସ୍ ସହାୟତାରେ ଗଜପତି ଜିଲ୍ଲାର ରା. ଉଦୟଗିରି ବ୍ଲକର ରାମଗିରି ଠାରେ ଏକ ହଳଦୀ ଉତ୍ପାଦକ କେନ୍ଦ୍ର ସ୍ଥାପନ କରାଯାଇଅଛି । ଯେଉଁ ଉତ୍ପାଦକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୧୫ ଜଣ ମହିଳା ଓ ହଳଦୀ ଚାଷୀ ଉପକୃତ ହେବେ । ତତ୍ ସଙ୍ଗେ ସଙ୍ଗେ ରା. ଉଦୟଗିରି ବ୍ଲକ ଓ ଗୁମ୍ମା ବ୍ଲକରେ ଗ୍ରାମୀଣ ଉଦ୍ୟୋଗ ପାର୍କ ଗଠନ କରିବାକୁ ଯୋଜନା କରାଯାଇଅଛି । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଉପକୃତ ହେବା ସହ SHG କୁ SME ରେ ପରିଣତ କରିବା ପାଇଁ ମୁଖ୍ୟ ଲକ୍ଷ୍ୟ । ମୁଖ୍ୟ ମନ୍ତ୍ରୀ ମକା ମିଶନ ଯୋଜନାରେ ମୋହନା ଓ ରା. ଉଦୟଗିରି ବ୍ଲକରେ ଦୁଇଟି ମକା FPO ଓ ଗୋଟିଏ ମକା ପ୍ରକ୍ରିୟା କରଣ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଇଅଛି ।



# ଗଣତନ୍ତ୍ରର ମନ୍ଦିରରେ ଲଜ୍ଜାଜନକ ପରିସ୍ଥିତି

## ଥାନାରେ ପରସ୍ପର ବିରୋଧୀ ଏତଲା

### ରାହୁଲଙ୍କ ବିରୋଧରେ ବିଜେପିର ହତ୍ୟା ଉଦ୍ୟମ ମାମଲା



ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ଗୁରୁବାର ସଂସଦ ପରିସରରେ ଶାସକ ଏବଂ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ହେବା ପରେ ବିଜେପିର ଦୁଇ ସାଂସଦ ଆହତ ହେବା ଘଟଣା ରାଜନୀତିକ ବିବାଦକୁ ତୀବ୍ର କରିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଜେପି ସାଂସଦମାନଙ୍କ ଉପରେ ହମଲା କରିବା ପରେ ଏଭଳି ଘଟଣା ଘଟିଥିବା ଦର୍ଶାଇ ବିଜେପି ପକ୍ଷରୁ ସଂସଦ ମାର୍ଗ ଥାନାରେ ରାହୁଲଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନାରେ ପହଞ୍ଚି ଏତଲା ଦାଏର କରିଥିଲା ବେଳେ ରାହୁଲଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୯, ୧୧୫, ୧୧୭, ୧୨୫, ୧୩୧ ଅଧୀନରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସଂସଦ ଭବନ ମକର ଦ୍ୱାର ନିକଟରେ ରାହୁଲ ଠେଲାପେଲା କରିଥିବାରୁ ୬୯ ବର୍ଷୀୟ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଗୁରୁତର ଆହତ ହୋଇଥିଲେ ବୋଲି ବିଜେପି ଏତଲାରେ ଦର୍ଶାଇଛି।

## ଖଡ଼୍‌ଗେଙ୍କୁ ଠେଲାପେଲା କରାଯାଇଛି: କଂଗ୍ରେସ



ଗୁରୁବାର ଘଟଣାକୁ ନେଇ କଂଗ୍ରେସ ମଧ୍ୟ ସଂସଦ ମାର୍ଗ ଥାନାରେ ବିଜେପି ବିରୋଧରେ ଏତଲା ଦଏର କରିଛି। ଦଳର ବରିଷ୍ଠ ନେତା ତଥା ସାଂସଦ ପ୍ରମୋଦ ତିୱାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନାରେ ପହଞ୍ଚି ବିଜେପି ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ବିଜେପି ସାଂସଦମାନେ କଂଗ୍ରେସ ମୁଖିଆ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଠେଲାପେଲା କରିଥିବାରୁ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ଦଳ କହିଛନ୍ତି। ସେହିପରି ଦୁଇ ଦିନ ତଳେ ଗୃହରେ ଆଲୋଚନା ଚାଲିଥିବା ବେଳେ ବିଜେପି ସଦସ୍ୟମାନେ ଜଣେ ଦଳିତ ନେତାଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିବା ପରେ ଆଜି ତାଙ୍କୁ ଠେଲାପେଲା କରିଥିବା କଂଗ୍ରେସ ନିଜ ଏତଲାରେ ଦର୍ଶାଇଛି। ଏହି ଘଟଣାକୁ ନେଇ ଦଳ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ମଧ୍ୟ ଫେରାଦ ହୋଇଥିବା ଜଣାପଡ଼ିଛି।



## ବିଜେପି ସାଂସଦ ଜାଣିଶୁଣି ଆମକୁ ଅଟକାଇଥିଲେ: ଖଡ଼ଗେ

ଗୁରୁବାର ସଂସଦ ପରିସରରେ ଘଟିଥିବା ହଙ୍ଗାମା ଘଟଣାକୁ ନେଇ କଂଗ୍ରେସ ମଧ୍ୟ ବିଜେପି ବିରୋଧରେ ବର୍ଷିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଘଟଣା ପାଇଁ ବିଜେପିକୁ ଦୋଷାରୋପ କରିବା ସହିତ ବିଜେପି ଷଡ଼ଯନ୍ତ୍ର କରି ଏଭଳି ଘଟଣା ଘଟାଇ ବାବା ସାହେବ ଆମ୍ବେଦକର ପ୍ରସଙ୍ଗକୁ ଏଡାଇବାକୁ ଚାହୁଁଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଗୁରୁବାର ଆମ ଦଳର ସଦସ୍ୟମାନେ ଗୃହ ମଧ୍ୟକୁ ଯାଉଥିଲା ବେଳେ ବିଜେପି ସାଂସଦମାନେ ଜାଣିଶୁଣି ଦ୍ୱାରା ସମ୍ମୁଖରେ ବସି ରହିଥିଲେ। ସେମାନେ ବାହୁବଳ ଦେଖାଇ ଆମକୁ ଅଟକାଇଥିଲେ। ଏହି ସମୟରେ ଠେଲାପେଲାରେ ସେ ନିୟନ୍ତ୍ରଣ ହରାଇ ବସି ପଡ଼ିଥିଲା ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ଖଡ଼ଗେ କହିଛନ୍ତି।

**ସାମ୍ବାଦିକ ସମ୍ମିଳନୀରେ ପରସ୍ପରକୁ କାଦୁଅ ଫିଙ୍ଗା**

## ରାହୁଲ-ଖଡ଼୍‌ଗେ କ୍ଷମା ମାଗନ୍ତୁ: ଶିବରାଜ ସିଂ ଚୌହାନ



ଗୁରୁବାର ସଂସଦ ପରିସରରେ ଶାସକ- ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ଘଟଣାକୁ ନେଇ ବିଜେପି ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଉପରେ ବର୍ଷିବା ସହିତ ରାହୁଲ ଗାନ୍ଧୀଙ୍କୁ ଭର୍ତ୍ସନା କରିଛି। ରାହୁଲ ସଂସଦ ପରିସରରେ ଯେଭଳି ଆଚରଣ ଦେଖାଇଛନ୍ତି ତାହା ଜଣେ ଗୁଣ୍ଡାର ଆଚରଣ ଠାରୁ କିଛି କମ୍ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି। ସଂସଦ ଭବନ ମୁଖ୍ୟ ଦ୍ୱାର ସମ୍ମୁଖରେ ବିଜେପି ସାଂସଦମାନେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିଲା ବେଳେ ବିରୋଧୀ ଦଳ ନେତା ରାହୁଲ ଜାଣିଶୁଣି ବିଶୃଙ୍ଖଳା ସୃଷ୍ଟି କରିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା ବୋଲି ସେ କହିଛନ୍ତି। ରାହୁଲ ଗାନ୍ଧୀ ସଂସଦ ମଧ୍ୟକୁ ପ୍ରବେଶ କରିବାକୁ ଯାଉଥିଲା ବେଳେ ସୁରକ୍ଷାକର୍ମୀମାନେ ଅନ୍ୟ ଦ୍ୱାର ଦେଇ ଯିବାକୁ ତାଙ୍କୁ କହିଥିଲେ। କିନ୍ତୁ ରାହୁଲ ଏହା ନକରି ଜାଣିଶୁଣି ଠେଲାପେଲା କରିବାରୁ ଦୁଇ ସାଂସଦ ଆହତ ହୋଇଥିବା ଶିବରାଜ କହିଛନ୍ତି।

## ଅସଦାଚରଣ ଅଭିଯୋଗ ଆଣିଲେ ମହିଳା ସାଂସଦ



ସଂସଦ ପରିସରରେ ଠେଲାପେଲା ଯୋଗୁଁ ବିଜେପିର ଦୁଇ ସାଂସଦ ଆହତ ହେବା ଘଟଣାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଥିଲା ବେଳେ ବିଜେପି ରାଜ୍ୟସଭା ମହିଳା ସାଂସଦ ଏସ ଫାଙ୍ଗନନ କାନିୟାକ୍ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି। ରାହୁଲ ଯେଭଳି ବ୍ୟବହାର ଦେଖାଇଛନ୍ତି ତଦ୍ୱାରା ତାଙ୍କୁ ଅସମ୍ମାନିତ କରାଯିବା ସହିତ ତାଙ୍କର ସ୍ୱାଭିମାନ ପ୍ରତି ଆଞ୍ଚ ଆସିଛି ବୋଲି କାନିୟାକ୍ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକଡ଼ଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି ବାବା ସାହେବ ଆମ୍ବେଦକରଙ୍କ ପ୍ରସଙ୍ଗରେ କଂଗ୍ରେସ ବିକ୍ଷୋଭ କରୁଥିଲା ବେଳେ ରାହୁଲ ଯେଭଳି ତାଙ୍କ ଆଡକୁ ମାଡ଼ି ଆସି ଅତି ଉଚ୍ଚ ସ୍ୱରରେ ପାଟି କରିଥିଲେ ତାହା ତାଙ୍କୁ ଭୟଭୀତ କରିଦେଇଥିଲା। ସଂସଦ ପରିସରରେ ଜଣେ ମହିଳା ସାଂସଦଙ୍କ ପ୍ରତି ବିରୋଧୀ ଦଳ ନେତାଙ୍କ ଏଭଳି ଆଚରଣକୁ ସେ ଦୃଢ ନିନ୍ଦା କରିଛନ୍ତି।

## ହିଜବୁଲା କମାଣ୍ଡର ସମେତ ୫ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୯।୧୨ (ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମ ଜିଲ୍ଲାର କଦେର ଅଞ୍ଚଳରେ ସୁରକ୍ଷାବାହିନୀ ୫ ଆତଙ୍କବାଦୀଙ୍କୁ ନିପାତ କରିଛି। ଏହି ଆତଙ୍କବାଦୀଙ୍କ ମଧ୍ୟରେ ହିଜବୁଲ ମୁଜାହିଦ୍ଦିନ କମାଣ୍ଡର ଫାରୁକ ଅହମ୍ମଦ ଭଟ୍ଟ ସାମିଲ ରହିଛି। ତେବେ ଏ ପର୍ଯ୍ୟନ୍ତ ତାର ମୃତଦେହ ମିଳିପାରି ନାହିଁ। ଏହି ସଂଘର୍ଷରେ ୨ ଯବାନ ମଧ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଅଞ୍ଚଳରେ ଆତଙ୍କବାଦୀ ଲୁଚିଥିବାର ସୂଚନା ପାଇ ଗୁରୁବାର ସକାଳେ ସେନା ଏବଂ ପୁଲିସର ମିଳିତ ଟିମ୍ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀ ଗୁଳିମାଡ଼ କରିବାରୁ ଯବାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଘାଟୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଦିଲ୍ଲୀରେ ବୈଠକ କରିପାରନ୍ତି। ଏଥିରେ ଉପ-ରାଜ୍ୟପାଳ ମନୋଜ ସିହ୍ନା, ସେନା, ଅର୍ଦ୍ଧସାମରିକ ବାହିନୀ, ଜମ୍ମୁ-କଶ୍ମୀର ପ୍ରଶାସନ, ଗୁଇନ୍ଦା ଏଜେନ୍ସି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ ସାମିଲ ହେବେ।

## ଜ୍ୱାଇଁ ଉପରେ ଏସିଡ୍ ମାଡ଼ କଲା ଶଶୁର



ଥାନେ, ୧୯।୧୨ (ଏଜେନ୍ସି): ବିବାହ ପରେ ନବ ଦମ୍ପତି ହନିମୁନ୍ ଯିବାକୁ ଚାହୁଁଥିଲେ। ମାତ୍ର ହନିମୁନ୍ ସ୍ଥାନକୁ ନେଇ ଶଶୁରଙ୍କ ସହ ଜ୍ୱାଇଁର ବିବାଦ ହୋଇଥିଲା। ଜ୍ୱାଇଁ କଶ୍ମୀର ଯିବାକୁ ଚାହୁଁଥିଲାବେଳେ ଶଶୁର ଏହାକୁ ବିରୋଧ କରିଥିଲେ। ନବ ଦମ୍ପତି ଦେଶ ବାହାରର କୌଣସି ଧାର୍ମିକ ସ୍ଥଳ ବୁଲି ଯାଆନ୍ତୁ ବୋଲି ଇଚ୍ଛା କରୁଥିଲେ। କିନ୍ତୁ ରାଜି ନ ହେବାରୁ ଶଶୁର ଉତ୍କ୍ଷିପ୍ତ ହୋଇ ଜ୍ୱାଇଁଙ୍କ ଉପରେ ଏସିଡ୍ ମାଡ଼ କରିଥିଲେ। ଏଥିରେ ଜ୍ୱାଇଁ ଇବାଦ ଅତିକ ଫାଲ୍‌କେଙ୍କ ମୁହଁ ଏବଂ ଶରୀର ପୋଡ଼ି ଯାଇଛି। ତାଙ୍କର ଚିକିତ୍ସା ଜାରି ରହିଛି। ମହାରାଷ୍ଟ୍ର ଥାନେ ଜିଲ୍ଲା କଲ୍ୟାଣ ଅଞ୍ଚଳର ଏହି ଘଟଣାକୁ ନେଇ ସାରା ଦେଶରେ ଚାଞ୍ଚଲ୍ୟ ଖେଳି ଯାଇଛି। ପୁଲିସ ସୂଚନା ଅନୁଯାୟୀ ଏବେ ଶଶୁର ଜାକି ଗୁଲାମ ମୋର୍ତାଜା ଖୋଟାଲ (୬୫) ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ପ୍ରୟାସ କରାଯାଉଛି। କିଛି ଦିନ ତଳେ ଖୋଟାଲଙ୍କ ଝିଅକୁ ଫାଲ୍‌କେ ବିବାହ କରିଥିଲେ। ବୁଧବାର ରାତିରେ ଫାଲ୍‌କେ ଘରକୁ ଫେରୁଥିଲେ। ସେ ରାସ୍ତାକଡ଼ରେ ଗାଡ଼ି ପାର୍କ କରୁଥିବାବେଳେ ଅପେକ୍ଷାରତ ଶ୍ୱଶୁର ତାଙ୍କ ଉପରେ ଏସିଡ୍ ମାଡ଼ କରିଥିଲେ।

## ଉମର ଖାଲିଦଙ୍କୁ ଜାମିନ

ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ଦିଲ୍ଲୀ ହିଂସା ମାମଲାରେ ୪ ବର୍ଷ ହେଲା ଜେଲ୍‌ରେ ଥିବା ଜେଏନ୍‌ୟୁ ଛାତ୍ର ଉମର ଖାଲିଦଙ୍କୁ ଦିଲ୍ଲୀର ଏକ କୋର୍ଟ ବୁଧବାର ୭ ଦିନ ପାଇଁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପରିବାରର ଏକ ବିବାହ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ କୋର୍ଟ ତାଙ୍କୁ ଏହି ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏହି ଅବଧିରେ ସୋସିଆଲ ମିଡିଆ ବ୍ୟବହାର ନ କରିବା, ବନ୍ଧୁ ପରିବାର ବର୍ଗଙ୍କ ବ୍ୟତୀତ ଅନ୍ୟ କାହାକୁ ନ ଭେଟିବା ଏବଂ ଅନୁମତି ମିଳି ନ ଥିବା ସ୍ଥାନକୁ ଯାତ୍ରା ନ କରିବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମ୍ୟାଁମାର ବିଦ୍ରୋହୀଙ୍କ ଦଖଲରେ ବାଂଲାଦେଶର ଟେକନାଫ୍



ଢାକା, ୧୯।୧୨ (ଏଜେନ୍ସି): ବାଂଲାଦେଶରେ ଶେଖ ହାସିନାଙ୍କ ସରକାରର ପତନ ପରେ ଏଠାକାର ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏଠାକାର ସାମାଜିକ ଏବଂ ରାଜନୈତିକ ସ୍ଥିତିକୁ ନେଇ ବିଭିନ୍ନ ଦିଗରେ ଆହ୍ୱାନ ସୃଷ୍ଟି ହୋଇଥିଲା ବେଳେ ଅନ୍ତରୀଣ ୟୁନୁସ୍ ସରକାର ଏବେ ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ନଜରରେ ରହିଛି। ଏହାବ୍ୟତୀତ ହିନ୍ଦୁଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିବାରୁ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ବାଂଲାଦେଶ ସମସ୍ୟା ଘେରରେ ପଡ଼ିଛି। ଏହି ସମସ୍ୟା ଦୂର ହୋଇ ନଥିଲା ବେଳେ ସେପଟେ ମ୍ୟାଁମାର ପଟୁ ବାଂଲାଦେଶ ପାଇଁ ବିପଦ ବଢିଛି। ମ୍ୟାଁମାର ବିଦ୍ରୋହୀ ଆରକାନ୍ ଆର୍ମି ପଶ୍ଚିମ ବାଂଲାଦେଶ ଅଞ୍ଚଳରେ ଆକ୍ରମଣ କରି ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରହିଥିବା ଟେକ୍‌ନାଫ ଅଞ୍ଚଳର ବହୁ ଭାଗକୁ ନିଜ କବଜାକୁ ନେଇଥିବା କୁହାଯାଉଛି। ଏହାକୁ ନେଇ ଏବେ ବାଂଲାଦେଶ ସେନା ଏବଂ ଆରକାନ୍ ଆର୍ମି ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ବାଂଲାଦେଶରେ ବିଭିନ୍ନ କଠୋରପନ୍ଥୀ ସଂଗଠନ ମଧ୍ୟରେ ବିବାଦ ବଢି ଚାଲିଥିବାରୁ ଏହା ୟୁନୁସ୍ ସରକାର ପାଇଁ ବଡ଼ ଆହ୍ୱାନ ହୋଇଛି। ଗତକାଲି ତବଲିଗ୍ ଜମ୍ମାତ ନିୟନ୍ତ୍ରଣ କରିବା ନେଇ ଦୁଇ ମୌଲାନା ସମର୍ଥକଙ୍କ ମଧ୍ୟରେ ହଙ୍ଗାମା ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହିତ ଶତାଧିକ ଲୋକ ଆହତ ହୋଇଛନ୍ତି। ଢାକା ଠାରୁ ପ୍ରାୟ ୩୦ କିମି ଦୂର ଗାଜିପୁର ଟୋଙ୍ଗି ଉପ ଜଲ୍ଲାସ୍ଥିତ ବିଶ୍ୱ ଇତଜେମା ପ୍ରାଙ୍ଗଣରେ ଏଭଳି ଘଟଣା ଘଟିଛି। ତବଲିଗ୍ ଜମ୍ମାତର ନିୟନ୍ତ୍ରଣକୁ ନେଇ ଭାରତୀୟ ମୌଲାନା ସାଦ୍ ଏବଂ ବାଂଲାଦେଶୀ ମୌଲାନା ଜୁବେରଙ୍କ ସମର୍ଥକଙ୍କ ମଧ୍ୟରେ ମତଭେଦ ଘଟିବାରୁ ସ୍ଥିତି ବିସ୍ଫୋରକ ହୋଇପଡ଼ିବା ସହିତ ଏହା ହିଂସାତ୍ମକ ହୋଇପଡ଼ିଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା ବେଳେ ଘଟଣାସ୍ଥଳରେ ହିଁ ୪ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। କିନ୍ତୁ ଏହି ଘଟଣାରେ ୭ ରୁ ୮ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଅନ୍ୟ ଏକ ଇସଲାମିକ ସଂଗଠନ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଆହତମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ଅବସ୍ଥା ଗମ୍ଭୀର ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି କୁହାଯାଉଛି। ଦୁଇ ଗୋଷ୍ଠୀ ମଧ୍ୟରେ ଦେଖାଯାଇଥିବା ମତଭେଦ ଆଗକୁ ପୁଣି ଉଗ୍ର ହେବା ଆଶଙ୍କାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରିବାକୁ ସେନା ମଧ୍ୟ ମୁତୟନ କରାଯାଇଛି।

**ମହିଳାଙ୍କ ସଂଖ୍ୟା ବଢ଼ିଲେ ପୁରୁଷଙ୍କୁ ୨ ପତ୍ନୀ ରଖିବାକୁ ପଡ଼ିବ: ଗଡ଼କରୀ**

## ସମାଜ ପାଇଁ ବିପଦ ସମଲିଙ୍ଗୀ ବିବାହ, ଲିଭ-ଇନ୍ ସମ୍ପର୍କ

ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ମହିଳାଙ୍କ ସଂଖ୍ୟା ବଢ଼ିଲେ ପୁରୁଷଙ୍କୁ ୨ ପତ୍ନୀ ରଖିବାକୁ ପଡ଼ିବ ବୋଲି କେନ୍ଦ୍ର ସଡ଼କ ପରିବହନମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି। ସେ ଲିଭ୍-ଇନ୍ ସମ୍ପର୍କ ଏବଂ ସମଲିଙ୍ଗୀ ବିବାହକୁ ନିନ୍ଦା କରିଛନ୍ତି। ଏହା ସମାଜ ବିରୋଧୀ। ଏହା ସାମାଜିକ ବ୍ୟବସ୍ଥାକୁ ଧ୍ୱସ୍ତ କରିଦେବ ବୋଲି ଗଡ଼କରୀ କହିଛନ୍ତି। ଏକ ୟୁଟ୍ୟୁବ ପଡ୍‌କାଷ୍ଟରେ ସେ ବୁଧବାର ଏହି ମନ୍ତବ୍ୟ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ସମାଜରେ ଲିଙ୍ଗାନୁପାତରେ ସନ୍ତୁଳନ ରହିବା ଜରୁରୀ। ଯଦି ପ୍ରତି ହଜାରେ ପୁରୁଷଙ୍କ ମଧ୍ୟରେ ୧୫୦୦ ମହିଳା ହେବେ ତେବେ ପୁରୁଷଙ୍କୁ ୨ ପତ୍ନୀ ରଖିବାକୁ ଅନୁମତି ଦେବାକୁ ପଡ଼ିପାରେ। ସନ୍ତାନ ଜନ୍ମ କରି ତାଙ୍କର ଲାଳନପାଳନ ମାତାପିତାଙ୍କ କର୍ତ୍ତବ୍ୟ। ଯଦି ମଜାରେ ସନ୍ତାନ ଜନ୍ମ କରିଛ ବୋଲି କହିବ ଏବଂ ପିଲାଙ୍କ ଦାୟିତ୍ୱ ନେବ ନାହିଁ ତେବେ ତାହା ଭୁଲ୍। ଏଭଳି ଶିଶୁଙ୍କ ଭବିଷ୍ୟତ କ'ଣ ହେବ। ଯଦି ଲୋକ ସମାଜ ନିୟମ ବିରୋଧରେ ଯିବେ ତେବେ ଜନତାଙ୍କ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ।

ନିତିନ ନିଜର ବ୍ରିଟିଶ ସଂସଦ ଗସ୍ତ ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ସେ ବ୍ରିଟେନ ପ୍ରଧାନମନ୍ତ୍ରୀ ଏବଂ ବିଦେଶମନ୍ତ୍ରୀଙ୍କୁ ଦେଶର ସବୁଠୁ ବଡ଼ ସମସ୍ୟା ସମ୍ପର୍କରେ ପଚାରି ଥିଲେ। 'ପୁରୁଷ ଏବଂ ମହିଳା ବିବାହ କରିବାକୁ ନ ଚାହିଁବା' ୟୁରୋପର ସବୁଠୁ ବଡ଼ ସମସ୍ୟା ବୋଲି ସେ ଜାଣିବାକୁ ପାଇଥିଲେ। କାରଣ ଏଠାକାର ଲୋକେ ଲିଭ୍-ଇନ୍‌କୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି।

## ଥରେ ଚାର୍ଜରେ ୫୭୩୦ ବର୍ଷ ଚାଲିବ ବ୍ୟାଟେରୀ

ଲଣ୍ଡନ, ୧୯।୧୨ (ଏଜେନ୍ସି): ଆଉ ଫୋନ୍‌କୁ ବାରମ୍ବାର ଚାର୍ଜ କରିବାକୁ ପଡ଼ିବନି। ଥରେ ଚାର୍ଜ କରିଦେଲେ କାମ ଶେଷ। ୧୦ ଦିନ କି ୧୦ ବର୍ଷ ନୁହେଁ, ୫୭୩୦ ବର୍ଷ ପର୍ଯ୍ୟନ୍ତ ବ୍ୟାଟେରୀ ଚାର୍ଜ ରହିବ। ବ୍ରିଟେନର ବ୍ରିଷ୍ଟଲ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କୁ ଏହି ସଫଳତା ମିଳିଛି। ଏମାନେ ବିଶ୍ୱର ପ୍ରଥମ ନ୍ୟୁକ୍ଲିୟର-ଡାଏମଣ୍ଡ ବ୍ୟାଟେରୀ ପ୍ରସ୍ତୁତ କରିଛନ୍ତି। ଏହି ବ୍ୟାଟେରୀରେ ହୀରା ଭିତରେ କାର୍ବନ-୧୪ ନାମକ ରେଡିଓଆକ୍ଟିଭ ପଦାର୍ଥ ବ୍ୟବହାର କରାଯାଇଛି। ଏହା ୫୭୩୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଡିଭାଇସ ଚାଲୁଥିବା ପର୍ଯ୍ୟନ୍ତ ଶକ୍ତି ଯୋଗାଇବ। ଏଥିରେ ରେଡିଓଆକ୍ଟିଭ ପଦାର୍ଥ ଏବଂ ଡାଏମଣ୍ଡ ମିଶାଇ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରାଯାଇଥାଏ। ଏହି ବ୍ୟାଟେରୀ ଚଳାଇବା ପାଇଁ ମୋସନର ଆବଶ୍ୟକତା ପଡ଼ି ନ ଥାଏ। ଏହା ସାଧାରଣ ବ୍ୟାଟେରୀଠାରୁ ଅନେକ ଗୁଣ ଭଲ। ଏହି ବ୍ୟାଟେରୀ ଭିତରେ ବିକିରଣ ହୋଇଥାଏ। ତେଣୁ ଇଲେକ୍‌ଟ୍ରୋନ୍ସ ଦ୍ରୁତଗତିରେ ବୁଲିଥାଏ। ଏହି ପ୍ରକ୍ରିୟାରେ ବିଦ୍ୟୁତ ଶକ୍ତି ସୃଷ୍ଟି ହୋଇଥାଏ। ଏହା ସୌରମଣ୍ଡଳ ପରି କାର୍ଯ୍ୟ କରିଥାଏ। ଏହି ବ୍ୟାଟେରୀ ଫୋଟୋନ୍ସକୁ ଇଲେକ୍‌ଟ୍ରିସିଟିରେ ବଦଳାଇ ଦେଇଥାଏ। ବିକିରଣକୁ ବନ୍ଦ କରିବା ପାଇଁ ବ୍ୟାଟେରୀରେ କାର୍ବନ-୧୪ ହୀରାକୁ ବ୍ୟବହାର କରାଯାଇଛି। ଏହା ଦ୍ୱାରା ବିକିରଣ କମ୍ ହୋଇଥାଏ। କ୍ଷୟକ୍ଷତି ହେବାର ସମ୍ଭାବନା ମଧ୍ୟ ବହୁତ କମ୍ ଥାଏ। କାର୍ବନ-୧୪କୁ ଖାଲି ହାତରେ ସ୍ପର୍ଶ କରିହେବ ନାହିଁ।

## ବିରଳ ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ଥିଲେ ଜାକିର

ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ବିଶ୍ୱ ବିଖ୍ୟାତ ତବଲା ବାଦକ ତଥା ପଦ୍ମ ବିଭୂଷଣ ଉସ୍ତାଦ ଜାକିର ହୁସେନ ଗତ ସୋମବାର ପ୍ରାଣ ହରାଇ ଥିଲେ। ସେ ବିରଳ ଫୁସ୍‌ଫୁସ୍ ଜନିତ ରୋଗ 'ଇଡିଓପାଥିକ ପଲମୋନାରୀ ଫାଇବ୍ରୋସିସ୍' (ଆଇପିଏଫ)ରେ ପୀଡ଼ିତ ଥିଲେ। ଏବେ ଏହାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଆଇପିଏଫ୍ ଏକ ଜଟିଳ ତଥା ମାରାତ୍ମକ (କ୍ରୋନିକ ଲଙ୍ଗ୍ କଣ୍ଡିସନ) ରୋଗ। ଏହା ଏତେ ମାରାତ୍ମକ ଯେ ଫୁସ୍‌ଫୁସ୍‌ରେ କ୍ଷତ ସହିତ ଘାଆ ହୋଇଯାଇଥାଏ। ଏହାରି ଚିକିତ୍ସା ମଧ୍ୟ ନ ଥାଏ। ଏହାର ପ୍ରଭାବରେ ଫୁସ୍‌ଫୁସ୍ କୋଷିକାଗୁଡିକ କଠୋର ହୋଇଯାଇଥାଏ। ଏହା ଦ୍ୱାରା ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହୋଇଥାଏ। ଏଭଳି ସ୍ଥିତିରେ ଶ୍ୱାସକ୍ରିୟା ବନ୍ଦ ହୋଇ ମୃତ୍ୟୁହେବାର ସମ୍ଭାବନା ଥାଏ। ସାଧାରଣତଃ ୫୦ରୁ ୭୦ ବର୍ଷ ବୟସ୍କଙ୍କୁ ଏହି ରୋଗ ହୋଇଥାଏ। ଏହି ବୟସରେ ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଯାଇଥିବାରୁ ଶରୀର ଏହାର ମୁକାବିଲା କରିପାରି ନ ଥାଏ। ତେଣୁ ରୋଗ ଚିହ୍ନଟ ହେବାର ୩-୫ ବର୍ଷ ଭିତରେ ସଂକ୍ରମିତ ପ୍ରାଣ ହରାଇଥାଆନ୍ତି। କେବଳ ଫୁସ୍‌ଫୁସ୍ ପ୍ରତିରୋପଣ ଦ୍ୱାରା ଏହାର ଚିକିତ୍ସା ସମ୍ଭବ। ମାତ୍ର ଏହା ଦ୍ୱାରା ରୋଗୀ ଦୀର୍ଘଦିନ ପର୍ଯ୍ୟନ୍ତ ବଞ୍ଚିବାର ସମ୍ଭାବନା ନ ଥାଏ। ପ୍ରତିରୋପଣ ପରେ ଆମେରିକାରେ ରୋଗୀ ୫ରୁ ୭ ବର୍ଷ ଏବଂ ଭାରତରେ ୧୦ରୁ ୧୨ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥାଆନ୍ତି। ଡାକ୍ତର ଏହି ରୋଗର ଲକ୍ଷଣକୁ ନିୟନ୍ତ୍ରଣ କରି ଚିକିତ୍ସା କରିଥାନ୍ତି। ଏଥିପାଇଁ କିଛି ଔଷଧ, ଅକ୍ସିଜେନ ଥେରାପି ଏବଂ ପଲମୋନାରି ରିହାବିଲିଟେସନ ଦିଆଯାଇଥାଏ।

**ଆଇପିଏଫ୍‌ର ଚିକିତ୍ସା ନାହିଁ; ଫୁସ୍‌ଫୁସ୍ ପ୍ରତିରୋପଣ ବିକଳ୍ପ**



'ସାଇନ୍ସ ଡାଇରେକ୍ଟ'ରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ସାରା ବିଶ୍ୱରେ ୩ରୁ ୫ ଲକ୍ଷ ଆଇପିଏଫ ରୋଗୀ ଅଛନ୍ତି। ତେବେ ଏହି ରୋଗକୁ ଚିହ୍ନଟ କରିବା ମଧ୍ୟ କଷ୍ଟସାଧ୍ୟ। ତେଣୁ ଚିହ୍ନଟ ହେବାବେଳକୁ ଏହା ପ୍ରଭାବ ବିସ୍ତାର କରିଦେଇଥାଏ। କିଛି ବିଶେଷଜ୍ଞ ଏହାକୁ ବଂଶଗତ ଏବଂ ପରିବେଶଜନିତ ରୋଗ ମଧ୍ୟ କହୁଛନ୍ତି। ଆଇପିଏଫ୍ ପଛରେ ଥିବା ସଠିକ୍ କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଏହା ସତ୍ତ୍ୱେ ଏଭଳି କିଛି ଅଭ୍ୟାସ ତଥା ସ୍ଥିତି ରହିଛି ଯାହା ଦ୍ୱାରା ଏହାର ବିପଦ ବୃଦ୍ଧି ପାଇଥାଏ। ଏହା ମଧ୍ୟରେ ଧୂମପାନ, ପାରିବାରିକ ଇତିହାସ ସବୁଠୁ ବଡ଼ କାରଣ।

**୨୪ ଦିନରେ ଆମରଣ ଅନଶନ**

## ଚେତାଶୂନ୍ୟ ହୋଇପଡ଼ିଲେ ଜଗଜିତ୍ ଦଲେୱାଲ

ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): କୃଷକମାନଙ୍କ ଦାବି ପୂରଣକୁ ନେଇ ପଞ୍ଜାବ-ହରିୟାଣା ସୀମାରେ ଚାଲିଥିବା କୃଷକ ଆନ୍ଦୋଳନସ୍ଥଳରେ ସଂଯୁକ୍ତ କିଶାନ ମୋର୍ଚ୍ଚା ନେତା ଜଗଜିତ୍ ସିଂ ଦଲେୱାଲଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରେ ଲାଗିଛି। କୃଷକମାନଙ୍କ ଦାବିକୁ ନେଇ ଦଲେୱାଲ ଚଳାଇଥିବା ଆମରଣ ଅନଶନ ଇତିମଧ୍ୟରେ ୨୪ ଦିନରେ ପହଞ୍ଚିଥିଲା ବେଳେ ଗୁରୁବାର ସେ କିଛି ସମୟ ପାଇଁ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ପଞ୍ଜାବ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ କହିଛନ୍ତି। ବିଶେଷକରି ଚାଷୀମାନଙ୍କୁ ବୁଝାସୁଝା କରିବା ସହିତ ଦଲେୱାଲଙ୍କ ସ୍ୱାସ୍ଥାବସ୍ଥାକୁ ଦୃଷ୍ଟିରେ ରଖି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ଦିନ ତଳେ କେନ୍ଦ୍ର ଗୃହମନ୍ତ୍ରାଳୟ ନିର୍ଦ୍ଦେଶକ ଏବଂ ଅନ୍ୟ କିଛି ବରିଷ୍ଠ ଅଧିକାରୀଙ୍କ ସମେତ ପଞ୍ଜାବ ଡିଜିପି ଦଲେୱାଲଙ୍କ ଅନଶନସ୍ଥଳ ପରିଦର୍ଶନ କରିଥିଲେ। ଏହି ସମୟରେ ଦଲେୱାଲ ଚିକିତ୍ସା ସେବା ଗ୍ରହଣ କରିବାକୁ ସେମାନେ ଅନୁରୋଧ ଜଣାଇଥିଲେ। କିନ୍ତୁ ଦଲେୱାଲ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ଗତକାଲି ସୁପ୍ରିମକୋର୍ଟ ଦଲେୱାଲଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବାକୁ କହିବା ସହିତ ଚାଷୀମାନଙ୍କ ସହ ଆଲୋଚନା କରିବାକୁ ପଞ୍ଜାବ ସରକାରଙ୍କୁ କହିଥିଲେ। ଏହାର ଦିନକ ପରେ ଦଲେୱାଲ କିଛି ସମୟ ପାଇଁ ସଂଜ୍ଞାହୀନ ହୋଇପଡ଼ିବା ଖବର ସାମ୍ନାକୁ ଆସିବା ପରେ ସୁପ୍ରିମକୋର୍ଟ ପୁଣି ଏ ପ୍ରସଙ୍ଗରେ ପଞ୍ଜାବ ସରକାରଙ୍କୁ ଗୁରୁବାର ଅବଗତ କରିଛନ୍ତି। ଏହିକ୍ରମରେ ପଞ୍ଜାବ ସରକାର ପୁଲିସ ପ୍ରଶାସନକୁ ଆଲର୍ଟ କରିବା ସହିତ ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।

## ମଲ୍ଲିକା ଶେରାୱତ, ପୂଜାଙ୍କୁ ଇଡି ଜେରା

ମୁମ୍ବାଇ, ୧୯।୧୨ (ଏଜେନ୍ସି): ମ୍ୟାଜିକ ୱିନ ଗ୍ୟାମ୍ବ୍ଲିଂ ଆପ୍ ସମ୍ବନ୍ଧିତ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଭିନେତ୍ରୀ ମଲ୍ଲିକା ଶେରାୱତ ଏବଂ ପୂଜା ବାନାର୍ଜୀଙ୍କୁ ଜେରା କରିଛି। ତେବେ କେଉଁଦିନ ଏବଂ କେତେବେଳେ ଉଭୟଙ୍କୁ ଜରା କରାଯାଇଥିଲା ତାହା ଜଣାପଡ଼ି ନାହିଁ। ମାତ୍ର ଗୁରୁବାର ଏହି ସୂଚନା ସାମ୍‌ନାକୁ ଆସିଛି। ଦୁଇ ଅଭିନେତ୍ରୀ ଗ୍ୟାମ୍ବ୍ଲିଂ ଆପ୍‌ର ପ୍ରଚାର କରିଥିଲେ। ତେବେ ଉଭୟଙ୍କର କୌଣସି ଦୋଷ ନ ଥିବା ଜଣାପଡ଼ିଛି। ଏହି ଆପ୍‌ର ମାଲିକ ପାକିସ୍ତାନ ନାଗରିକ। ତେବେ ଦୁବାଇରୁ କିଛି ଭାରତୀୟ ନାଗରିକ ଏହାର ପରିଚାଳନା କରୁଥିଲେ। ଇଡି ତଦନ୍ତରୁ ଜଣାପଡ଼ିଛି ଯେ ଏହି ଆପ୍‌ରେ ବେଆଇନ ଭାବେ ଟି-୨୦ ବିଶ୍ୱ କପ୍‌ର ପ୍ରସାରଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ସମ୍ବିଧାନ'ରୁ ସଂଘର୍ଷ...

ଆମ୍ବେଦକର ସଂକ୍ରାନ୍ତ ବୟାନକୁ ନେଇ ବିରୋଧୀ ଦଳ ଗତକାଲି ଠାରୁ ଉତ୍ତେଜିତ ହୋଇ ରହିଛନ୍ତି । ସେମାନେ ଶାହଙ୍କ ଇସ୍ତଫା/ବହିଷ୍କାର ଦାବିରେ ଗତକାଲି ସଂସଦ ଚଳାଇ ଦେଇନଥିଲେ । ଆଜି ବିରୋଧୀ ସାଂସଦମାନେ ଏହି ପ୍ରସଙ୍ଗରେ ସଂସଦ ଭବନ ପରିସରରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ । ଆମ୍ବେଦକରଙ୍କୁ ଅପମାନ କରିଥିବା ଶାହ ଇସ୍ତଫା ଦିଅନ୍ତୁ, ନହେଲେ ତାଙ୍କୁ ବହିଷ୍କାର କରାଯାଉ ବୋଲି ବିରୋଧୀ ଦାବି କରିଥିଲେ । ଠିକ୍ ଏହି ସମୟରେ ଶାସକ ଦଳର ସାଂସଦମାନେ ମଧ୍ୟ ସଂସଦର ପ୍ରବେଶ ଦ୍ୱାର (ମକର ଦ୍ୱାର) ସମ୍ମୁଖରେ ଧାରଣା ଦେଇଥିଲେ । ଆମ୍ବେଦକରଙ୍କୁ ଅପମାନ କରୁଥିବା କଂଗ୍ରେସ କ୍ଷମା ମାଗୁ ବୋଲି ସେମାନେ ଦାବି କରିଥିଲେ । ଏହି ସମୟରେ ବିରୋଧୀ ଦଳର ସାଂସଦମାନେ ସଂସଦ ଭିତରକୁ ଯିବା ଲାଗି ଉଦ୍ୟମ କରୁଥିବା ବେଳେ ଉତ୍ତେଜନା ଦେଖାଦେଇଥିଲା । ଶାସକ ଓ ବିରୋଧୀ ସାଂସଦଙ୍କ ମଧ୍ୟ ଠେଲାପେଲା ହୋଇଥିଲା । ଠେଲାପେଲା ବେଳେ ବିଜେପିର ଦୁଇ ଜଣ ସାଂସଦ ତଳେ ପଡ଼ି ଆହତ ହୋଇଥିଲେ । ବିଜେପି ନେତାମାନଙ୍କ ଠେଲାପେଲାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଆହତ ହୋଇଛନ୍ତି । ଶାସକ ଦଳର କିଛି ନେତା କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ ଯେ ବୁଧବାର ଦିନ ରାଜ୍ୟସଭାରେ ସମ୍ବିଧାନ ଉପରେ ଆଲୋଚନା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସମ୍ବିଧାନ ନିର୍ମାତା ବାବା ଆମ୍ବେଦକରଙ୍କ ସଂପର୍କରେ କିଛି ମନ୍ତବ୍ୟ ଦେଇଥିଲେ । ବିରୋଧୀ ସଭ୍ୟମାନେ ଏହାର ପ୍ରତିବାଦ ଜଣାଇବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଏଥିପାଇଁ ଗତକାଲି ଏବଂ ଆଜି ମଧ୍ୟ ସଂସଦ ଅଚଳ ରହିଛି । ଅନ୍ୟପକ୍ଷରେ ଶାହ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ତାଙ୍କ ମନ୍ତବ୍ୟକୁ କଂଗ୍ରେସ କଦର୍ଥ କରି ପ୍ରସଙ୍ଗ କରୁଛି ।

#### ■ ରାହୁଲଙ୍କୁ ପଚରାଉଚରା କରିବ ପୁଲିସ୍

ସଂସଦ ଭବନରେ ୨ ସାଂସଦଙ୍କୁ ଠେଲାପେଲା ଘଟଣାରେ ଦିଲ୍ଲୀ ପୁଲିସ୍ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନାମରେ ମାମଲା ରୁଜୁ କରିଛି । ବିଜେପି ନେତାଙ୍କ ଅଭିଯୋଗ ଆଧାରରେ ଆଜି ରାତିରେ ଏହି ମାମଲା ରୁଜୁ ହୋଇଥିବା ବେଳେ ପୁଲିସ୍ ରାହୁଲଙ୍କୁ ଡାକି ପଚରାଉଚରା କରିବ ବୋଲି ଜଣାପଡ଼ିଛି । ତାଙ୍କ ବିରୋଧରେ ଯେଉଁ ସବୁ ଦଫା ଲାଗିଛି, ତାହା ଜାମିନ୍‌ଯୋଗ୍ୟ ହୋଇଥିଲେ ମଧ୍ୟ ଗୋଟିଏ ମାମଲାରେ ତାଙ୍କୁ ୭ବର୍ଷରୁ ଆଜୀବନ କାରାଦଣ୍ଡ ହୋଇପାରେ । ତେବେ ଏହା ଆହତ ବ୍ୟକ୍ତିମାନଙ୍କର ଅବସ୍ଥା ଉପରେ ନିର୍ଭର କରୁଛି ।

### ଧନଖଡ଼ଙ୍କ ବିରୋଧରେ...

ଏହି ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ହେଲେ ଅନାସ୍ଥା ପ୍ରସ୍ତାବ ଆଗତ ହେବା ପୂର୍ବରୁ ୧୪ ଦିନିଆ ନୋଟିସ ଦିଆଯାଇନଥିବା ଓ ପ୍ରସ୍ତାବରେ ଅଧ୍ୟକ୍ଷ ଧନଖଡ଼ଙ୍କ ନାମର ବନାନ ଭୁଲ ଲେଖାଯାଇଥିବା ଦର୍ଶାଇ ଏହି ଅନାସ୍ଥା ପ୍ରସ୍ତାବକୁ ହରିବଂଶ ଖାରଜ କରିଦେଇଛନ୍ତି । ସେ କହିଛନ୍ତି ଯେ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ମଳିନ କରିବା ଏବଂ ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦରେ ରହିଥିବା ବ୍ୟକ୍ତିଙ୍କୁ ବଦନାମ କରିବା ପାଇଁ ଏଭଳି ପ୍ରସ୍ତାବ ଆଗତ କରାଯାଇଥିଲା । ଉପରାଷ୍ଟ୍ରପତିଙ୍କ ବିରୋଧରେ ମନଗଢ଼ା କାହାଣୀ କହିବା ପାଇଁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରାଯାଇଥିଲା ବୋଲି ସେ କହିଛନ୍ତି । ଏହାବ୍ୟତୀତ ଏଭଳି ପ୍ରସ୍ତାବ ଆଣିବା ପାଇଁ ୧୪ ଦିନିଆ ନୋଟିସ୍ ଦେବା ବାଧ୍ୟତାମୂଳକ । ହେଲେ ଏ କ୍ଷେତ୍ରରେ ଏହି ନୋଟିସ ଦିଆଯାଇ ନ ଥିଲା ବୋଲି ହରିବଂଶ କହିଛନ୍ତି ।

### ବେଆଇନ ନିର୍ମାଣକୁ...

କରୁଥିବା ସରକାରୀ ଉନ୍ନୟନ କର୍ତ୍ତୃପକ୍ଷ ଓ ମହାନଗର ନିଗମ ଅଧିକାରୀ ନିୟମିତ କ୍ଷେତ୍ର ପରିଦର୍ଶନ କରି ଯାଞ୍ଚ କରିବେ । ବାସୋପଯୋଗୀ ପ୍ରମାଣ ପତ୍ର ବା ଅକୁପେନ୍‌ସି ସାର୍ଟିଫିକେଟ୍ ନ ଥିଲେ ମ୍ୟୁନିସିପାଲ କର୍ପୋରେସନ୍ ଟ୍ରେଡ ଲାଇସେନ୍‌ସ ବି ଦେଇ ପାରିବେନି । ବେଆଇନ ନିର୍ମାଣ ଭାଙ୍ଗିବାକୁ ଗଲାବେଳେ ଏନ୍‌ଫୋର୍ସମେଣ୍ଟ ଏଜେନ୍‌ସିଙ୍କୁ ପୁଲିସ ସମ୍ପୂର୍ଣ୍ଣ ସହାୟତା କରିବାକୁ ବାଧ୍ୟ ହେବେ । ଯଦି କୌଣସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଏହାର ଅନୁପାଳନ ନ କରନ୍ତି, ତା'ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶାରେ ରେରା ଆଇନ୍ କାର୍ଯ୍ୟକାରୀ ହୋଇଥିଲେ ବି କେତେକ କ୍ଷେତ୍ରରେ ଏହାର ଠିକ୍ ଭାବେ ଅନୁପାଳନ ହେଉନଥିଲା । ଏବେ ସୁପ୍ରିମକୋର୍ଟଙ୍କ ରାୟ ପରେ ଆଉ ଅଧିକାରୀ ଖସିପାରିବେନି । ଅନ୍ୟପକ୍ଷରେ ବେଆଇନ ଜମି ଉପରେ ଆପାର୍ଟମେଣ୍ଟ ହେଉ କିମ୍ବା ଡ୍ୟୁପ୍ଲେକ୍ସ ନିର୍ମାଣ ହୋଇଥିଲେ ସେ ସବୁକୁ ଭଙ୍ଗାଯିବ । ମିରଟ୍ ସହରର ଏକ ମାମଲାର ବିଚାର କରି ଏପରି ସୁପ୍ରିମକୋର୍ଟ ଏପରି ରାୟ ପ୍ରଦାନ କରିବା ସହ ସାରା ଦେଶରେ ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି । ଲୋକଙ୍କ କଷ୍ଟାର୍ଜିତ ଧନରେ ଯେପରି କୌଣସି ସରକାରୀ ଏଜେନ୍‌ସି ଓ ବିଲଡର ଖେଳିପାରିବେନି ସେ ନେଇ ସବୁ ରାଜ୍ୟର ହାଇକୋର୍ଟ, ବ୍ୟାଙ୍କ ଓ ମୁଖ୍ୟ ଶାସନ ସଚିବମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ଅନ୍ୟାନ୍ୟ ସହର ପରି ଓଡ଼ିଶାରେ ମଧ୍ୟ ରିୟଲଇଷ୍ଟେଟ ମାଫିଆ ପ୍ରଶାସନକୁ ପ୍ରଭାବିତ କରି ନିଜର ଶାସନ ଚଳାଇଛନ୍ତି । ସରକାରୀ ଜମି, ଜଙ୍ଗଲ ଏବଂ ଗୋଚରକୁ ଅବୈଧ କବଜା କରି ନେଉଛନ୍ତି । ଲୋକଙ୍କ ଜମିକୁ ବେଆଇନ୍ ଭାବେ ଦଖଲ କରି ବିଶାଳ ଆପାର୍ଟମେଣ୍ଟ ବା ଡୁପ୍ଲେକ୍ସ ପ୍ରକଳ୍ପ ନିର୍ମାଣ କରୁଛନ୍ତି । ସରକାରୀ ଅଧିକାରୀମାନେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ସେମାନଙ୍କୁ ସହାୟତା କରୁଥିବା ଦେଖିବାକୁ ମିଳୁଛି । ହେଲେ ପ୍ରକୃତ ଜମି ମାଲିକ ତାର ଜମି ହରାଇ ନ୍ୟାୟ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଅଦାଲତରେ ଘିରିଘିରି ହୋଇ ବୁଲୁଛି । ଅନ୍ୟପକ୍ଷରେ ରିୟଲ ଇଷ୍ଟେଟ୍ ମାଫିଆଙ୍କଠାରୁ ଘର କିଣି ଥିବା ଲୋକ ମଧ୍ୟ ହରଡ଼ଘଣାରେ ପଡୁଛନ୍ତି । ତେବେ ସୁପ୍ରିମକୋର୍ଟ ଏହା ଉପରେ ନେଇ କଟକଣା ଲଗାଇଛନ୍ତି । ସରକାରୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଦିଷ୍ଟ କରାଯାଇଛି । ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶ ଅନୁପାଳନ ନ କଲେ କୋର୍ଟ ଅବମାନନାରେ ସମ୍ପୃକ୍ତ ଅଧିକାରୀ ଦଣ୍ଡିତ ହେବେ । ଓଡ଼ିଶାରେ ଏପରି କେତେକ ବିଲ୍ଡିଂ ନିର୍ମାଣ ଆଗରୁ ହୋଇଛି ସେଠାରେ ଅନେକ ଅଭିଯୋଗ ନଜରକୁ ଆସିଛି । ଏ ସମ୍ପର୍କରେ କ୍ରେଡାଇ ଅଧ୍ୟକ୍ଷ ଡି.ଏସ୍. ତ୍ରିପାଠୀ କହିଛନ୍ତି ଯେ ଅଜାଣତରେ କିଛି ହୋଇଯାଇଛି । ଏହାକୁ ସରକାର ଏକ ଯୋଜନା ମାଧ୍ୟମରେ ନିୟମିତିକରଣ କରିବା ଆବଶ୍ୟକ । ସେହିପରି ଭୁବନେଶ୍ୱର ମେୟର ସୁଲୋଚନା ଦାସ ସୁପ୍ରିମକୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରିଛନ୍ତି । ଏହି ରାୟ ନୂତନ ନିର୍ମାଣ କ୍ଷେତ୍ରରେ ଲାଗୁ କରାଯିବ । ଜମିର କାଗଜପତ୍ର ଯାଞ୍ଚ କରାଯିବା ପରେ ହିଁ ଅନୁମତି ଦିଆଯିବ ବୋଲି ସେ ମତ ଦେଇଛନ୍ତି ।

### ମାମଲା ବୋଝରେ ଚେପା...

ସରକାରଙ୍କ ନ୍ୟାୟ ବିଭାଗ ଦ୍ୱାରା ପରିଚାଳିତ ଗ୍ରାମ୍ୟ ନ୍ୟାୟାଳୟ ପରିଚାଳନାରେ ଅବ୍ୟବସ୍ଥା । ସମ୍ପ୍ରତି ରାଜ୍ୟରେ ହଜାର ହଜାର ମାମଲା ବିଚାର ଅପେକ୍ଷାରେ ରହିଥିବା ବେଳେ ପାଣ୍ଠି ଅଭାବ ନ୍ୟାୟ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଛି । କେନ୍ଦ୍ର ଆଇନ ମନ୍ତ୍ରାଳୟ ସୂଚନାନୁସାରେ ଓଡ଼ିଶାରେ ସ୍ଥାପନ ହୋଇଥିବା ୨୧ଟି ଗ୍ରାମ୍ୟ ନ୍ୟାୟଳୟକୁ ବିଚାର ପାଇଁ ୪୮୪୯୭ଟି ଫୌଜଦାରୀ ମାମଲା ଆସିଥିବା ବେଳେ ୭୨୫ଟି ମାମଲାର ସମାଧାନ ହୋଇଛି ଓ ୪୭୭୭୨ଟି ମାମଲା ବିଚାର ଅପେକ୍ଷାରେ ଅଛି । ଅପରପକ୍ଷେ ଓଡିଶାର ଗ୍ରାମ୍ୟ ନ୍ୟାୟାଳୟକୁ ୧୧୦୬ଟି ସିଭିଲ୍ ମାମଲା ଆସିଥିବା ବେଳେ ସେଥିରୁ ୨୧ଟି ଫଇସାଲା ହୋଇଛି ଏବଂ ୧୦୮୫ଟି ମାମଲାର ବିଚାରାଧୀନ ରହିଛି । ଗ୍ରାମ୍ୟ ନ୍ୟାୟାଳୟର ପରିଚାଳନା ନିମନ୍ତେ କେନ୍ଦ୍ର ସରକାର ଅଦ୍ୟାବଧି ୫ କୋଟି ୨୪ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ଯେତେବେଳେ ବି ସମୁଦାୟ ୧୨ଟି ରାଜ୍ୟରେ ଥିବା ଗ୍ରାମ୍ୟ ନ୍ୟାୟାଳୟ ପାଇଁ ୮୩ କୋଟି ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । କେନ୍ଦ୍ର ନ୍ୟାୟ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶକ୍ରମେ ସମ୍ପୃକ୍ତ ରାଜ୍ୟ ସରକାର ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ଓ ପରିଚାଳନା କରିଥାନ୍ତି । ନ୍ୟାୟିକ ବ୍ୟବସ୍ଥାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗ୍ରାମୀଣ ନ୍ୟାୟାଳୟ ଆଇନ୍ ୨୦୦୮ କାର୍ଯ୍ୟକାରୀ କରିଛନ୍ତି । ସାମାଜିକ, ଆର୍ଥିକ ସ୍ତରରେ ଦୁର୍ବଳ ତଥା ଶାରୀରିକ ଅକ୍ଷମତା କାରଣରୁ କୌଣସି ନାଗରିକ ନ୍ୟାୟ ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୭ ସୁଦ୍ଧା ରାଜ୍ୟର ବିଭିନ୍ନ ପଞ୍ଚାୟତରେ ୧୬ଟି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା କରାଯାଇଥିଲା ଏବଂ ପରେ ଆଉ ୫ଟି ପ୍ରତିଷ୍ଠା କରାଯାଇଛି । ଏହା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ମାମଲା ବିଚାର ଅପେକ୍ଷାରେ ପଡି ରହିବା ଏହି ଯୋଜନାର ସଫଳତାରେ ଅନ୍ତରାୟ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଛି । ଆଇନ୍ ବିଶେଷଜ୍ଞଙ୍କ ମତରେ କେବଳ ନ୍ୟାୟାଳୟ ପ୍ରତିଷ୍ଠା କଲେ ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚିବ ନାହିଁ । ନ୍ୟାୟାଳୟର ଉପଯୁକ୍ତ ପରିଚାଳନା ହେବା ଆବଶ୍ୟକ । ଓଡିଶାରେ ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା କରିବା ଦ୍ୱାରା ବ୍ୟାପକ ମାନବସମ୍ବଳର ଆବଶ୍ୟକତା ପଡିବ । ସେଗୁଡିକ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ ତାହାର ଅନୁଧ୍ୟାନ କରିବା ଜରୁରୀ । ଦୀର୍ଘ ଦିନ ଧରି ଏତେ ସଂଖ୍ୟକ ମାମଲା ପଡି ରହିବା ଅର୍ଥ ନ୍ୟାୟ ବିଭାଗ ପକ୍ଷରୁ ଆବଶ୍ୟକ ତର୍ଜମା ଓ କାର୍ଯ୍ୟାନୁଷ୍ଠାନର ଅଭାବ । ଯେଉଁ ବିଭାଗ ପାଣ୍ଠି ଦେଉଛି ତାହା ଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବା ପ୍ରଥମ କାର୍ଯ୍ୟ । ଯଦି ନ୍ୟାୟ ବିଭାଗ ଉପଯୁକ୍ତ ପରିଚାଳନା ଏବଂ ନିରୀକ୍ଷଣ କରିଥାନ୍ତେ ତା ହେଲେ ଆଜି ଗ୍ରାମ୍ୟ ନ୍ୟାୟାଳୟରେ ୯୦% ମାମଲା ପଡି ରହିନଥାନ୍ତା । ତେଣୁ ନୂଆ ନ୍ୟାୟାଳୟ ପ୍ରତିଷ୍ଠା ସହିତ ପୁରୁଣା ନ୍ୟାୟାଳୟର ଉପଯୁକ୍ତ ପରିଚାଳନା ଆବଶ୍ୟକ ବୋଲି କୁହାଯାଇଛି ।

# ଓଏଏସ୍‌ରୁ ବଞ୍ଚିତ ପ୍ରାର୍ଥୀଙ୍କୁ ଓପିଏସ୍‌ସି ଦେବ ଲକ୍ଷେ ଟଙ୍କା କ୍ଷତିପୂରଣ

**ଭୁବନେଶ୍ୱର,୧୯।୧୨(ସମିସ):** ଯୋଗ୍ୟତା ଅନୁସାରେ ଓପିଏସ୍‌ସି ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ ହେଁ ୫ ବର୍ଷ କାଳ ଓଏଏସ୍ ଚାକିରିରୁ ବଞ୍ଚିତ ହୋଇଥିବା ଜନୈକ ଭିନ୍ନକ୍ଷମ ପ୍ରାର୍ଥୀଙ୍କୁ ହାଇକୋର୍ଟଙ୍କ ରାୟ ମୁତାବକ ଏକ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାର ଓପିଏସ୍‌ସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ କୋରାପୁଟ ଜିଲ୍ଲାର ଅନୁଶ୍ରବ ଗନ୍ତାୟତ ୨୦୧୭ ବ୍ୟାଚ୍ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା କୋରାପୁଟ ଜିଲ୍ଲାର ଅନୁଶ୍ରବ ଗନ୍ତାୟତଙ୍କ ପ୍ରାର୍ଥିତ୍ୱକୁ ମୌଖିକ ପରୀକ୍ଷା ପରେ ଆୟୋଗ ନାକଚ କରିଦେଇଥିଲେ । ସେ ୧୩୬୫ ନମ୍ବର ରଖିଥିବା ବେଳେ ୧୩୦୨ ନମ୍ବର ରଖିଥିବା ଅଣସଂରକ୍ଷିତ ଓ ୧୦୬୫ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ କିନ୍ତୁ ଯୋଗ୍ୟତା ତାଲିକାରେ ସ୍ଥାନ ଦିଆଯାଇଥିଲା । ଆବେଦନକାରୀଙ୍କ ଅଭିଯୋଗ କ୍ରମେ ସାଧାରଣ ପ୍ରଶାସନ ବିଭାଗ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ନିଜେ ମୁଖ୍ୟ ଶାସନ ସଚିବ ବାରମ୍ବାର ଏ ପ୍ରସଂଗ ଆୟୋଗଙ୍କ ଦୃଷ୍ଟିକୁ ଆଣିବା ସହିତ ଏହି ବଞ୍ଚିତ ପ୍ରାର୍ଥୀଙ୍କ ନାମ ମେଧା ତାଲିକାରେ ସାମିଲ କରିବାକୁ କହିଥିଲେ । ସ୍ୟାଟ୍ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ । ଏହା ସତ୍ତ୍ୱେ ଆୟୋଗ ଉକ୍ତ ପ୍ରାର୍ଥୀଙ୍କ ନାମ ମେଧା ତାଲିକାରେ ସାମିଲ ନ କରିବାରୁ ସେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ଇତିମଧ୍ୟରେ ତାଙ୍କ ବ୍ୟାଚ୍‌ର ଅନ୍ୟ ପ୍ରାର୍ଥୀମାନଙ୍କୁ ୨୦୧୯ ମସିହାରେ ଓଏଏସ୍ ପଦବୀରେ ନିଯୁକ୍ତି ଦିଆଯାଇଥିଲା । ୫ବର୍ଷ ଧରି ମାମଲା ଚାଲିବା ପରେ ୨୦୨୩ ଡିସେମ୍ବର ୧୯ ତାରିଖରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଏହି ବଞ୍ଚିତ ପ୍ରାର୍ଥୀଙ୍କ ନାମ ମେଧା ତାଲିକାରେ ସାମିଲ କରିବା ସହ ତାଙ୍କୁ ଓଏଏସ୍ ଚାକିରିରେ ନିଯୁକ୍ତି ଦେବା ସହ ମେଧା ତାଲିକା ଭିତ୍ତିରେ ତାଙ୍କର ବରିଷ୍ଠତା ନିର୍ଦ୍ଧାରଣ କରିବା, ପିଛିଲା ତାରିଖରୁ ତାଙ୍କ ନିଯୁକ୍ତି ଗଣନା କରିବା, ଆବଶ୍ୟକ ପଡ଼ିଲେ ତାଙ୍କ ପାଇଁ ଉଚ୍ଚତର ପଦବୀ ସୃଷ୍ଟି କରିବା, ସେହି ବ୍ୟାଚ୍‌ର ଅନ୍ୟମାନଙ୍କ ଭଳି ତାଙ୍କ ବେତନ ନିର୍ଦ୍ଧାରଣ କରି ଆବଶ୍ୟକ ସ୍ଥଳେ ଦରମା ସଂଶୋଧନ କରିବା, ଏମିତିକି ତାଙ୍କଠାରୁ କନିଷ୍ଠ ଯଦି କେହି ପଦୋନ୍ନତି ପାଇଥା'ନ୍ତି, ତେବେ ଆବେଦନକାରୀଙ୍କୁ ପଦୋନ୍ନତି ସହ ଅନ୍ୟାନ୍ୟ ସୁବିଧା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟ ସରକାର ହାଇକୋର୍ଟଙ୍କ ରାୟ ମୁତାବକ ରାଜ୍ୟ ସରକାର ଶ୍ରୀ ଗନ୍ତାୟତଙ୍କୁ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟ୍ରେନିଂ ରିଜର୍ଭ ଅଫିସର ଭାବେ ନିଯୁକ୍ତି ଦେଇଥିଲେ ହେଁ ଏ ଯାବତ୍ ତାଙ୍କୁ ୧ଲକ୍ଷ ଟଙ୍କା ଦିଆଯାଇନାହିଁ । ଏ ପରିପ୍ରେକ୍ଷୀରେ ହାଇକୋର୍ଟଙ୍କ ରାୟର ଅନୁପାଳନ ପାଇଁ ଆବେଦନକାରୀଙ୍କୁ ୧ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା କରିବାକୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ଶାସନ ସଚିବ ଘାସିରାମ ମୁର୍ମୁ ଆୟୋଗର ଅଧ୍ୟକ୍ଷଙ୍କୁ ଗୁରୁବାର ପତ୍ର ଲେଖିଛନ୍ତି ।

## ଏକାଦଶ ଶ୍ରୀସାଇ ସତ୍‌ଚରିତ ସମୂହ ପାରାୟଣର ଶୁଭାରମ୍ଭ



**ବାଲେଶ୍ୱର, ୧୯ ।୧୨(ସମିସ):** ବାଲେଶ୍ୱର ସହରରେ ଆଜିଠାରୁ ଶ୍ରୀସାଇ ସତ୍‌ଚରିତ ସମୂହ ପାରାୟଣ ସପ୍ତାହର ଶୁଭାରମ୍ଭ ହୋଇଛି । ଚଳିତ ବର୍ଷ ଏହି ପାରାୟଣ ସପ୍ତାହ ଏକାଦଶ ବର୍ଷରେ ପଦାର୍ପଣ କରିଥିବା ବେଳେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ହେଉଥିବା ଏହି ପାରାୟଣ ସପ୍ତାହରେ ୩୫୦ରୁ ଊର୍ଦ୍ଧ୍ୱ ସାଇଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି । ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସର୍ଭାଣ୍ଟ୍‌ସ ସୋସାଇଟି ଟ୍ରଷ୍ଟର ଅଧ୍ୟକ୍ଷ ତଥା ଶ୍ରୀସାଇ ସତ୍‌ଚରିତ ଗ୍ରନ୍ଥର ଓଡ଼ିଆ ଅନୁବାଦକ ସତ୍ୟ ଖଡ୍‌ଗରାୟ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପାରାୟଣ ପରିଚାଳନା କରିଥିଲେ । ଆଜି ପ୍ରଥମ ଦିନରେ ଗୋପାଳଗାଁସ୍ଥିତ ଶିରିଡ଼ି ସାଇ ମନ୍ଦିରରୁ ପୋଥି ଶୋଭାଯାତ୍ରା ବାହାରି ପାରାୟଣ ମଣ୍ଡପରେ ପହଞ୍ଚିଥିଲା । ଏହାପରେ ବିଧିମୁତାବକ ପୂଜାର୍ଚ୍ଚନା ପରେ ପାରାୟଣ ଆରମ୍ଭ ହୋଇଥିଲା । ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା । ସଂଧ୍ୟାରେ ଶ୍ରୀଗୁରୁ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା ।

## ୫ ଦିନିଆ ଗସ୍ତରେ ରାଜସ୍ଥାନ, ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୧୨(ସମିସ): ଗୁରବାରଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଦିନିଆ ରାଜସ୍ଥାନ ଓ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟା ସାଢ଼େ ୬ଟାରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି । ୨୦ ତାରିଖରେ ସେ ଦିଲ୍ଲୀରୁ ରାଜସ୍ଥାନ ଯିବେ । ୨୧ ତାରିଖ ଯାଏଁ ମୁଖ୍ୟମନ୍ତ୍ରୀ ରାଜସ୍ଥାନରେ ରହିବା ପରେ ସେହିଦିନ ଦିଲ୍ଲୀ ଗସ୍ତ କରିବେ । ୨୧, ୨୨ ଓ ୨୩ ତାରିଖ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ରହିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ ଦିଲ୍ଲୀରେ ଆୟୋଜିତ ୫୫ତମ ଜିଏସଟି ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବେ । ଏହାସହ ମୁଖ୍ୟମନ୍ତ୍ରୀ କିଛି କେନ୍ଦ୍ରମନ୍ତ୍ରୀ ଏବଂ ଦଳୀୟ ଶୀର୍ଷ ନେତୃତ୍ୱଙ୍କୁ ଭେଟି ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସେହିଭଳି ରାଜସ୍ଥାନ ରହଣୀ ବେଳେ ମୁଖ୍ୟମନ୍ତ୍ରୀ ରାଜସ୍ଥାନ ପ୍ରାକ୍ ବଜେଟ୍ ପ୍ରସ୍ତୁତି ଆଲୋଚନାରେ ଭାଗ ନେବେ ବୋଲି ଜଣାପଡିଛି । ୨୩ ତାରିଖ ଦିନ ସେ ଦିଲ୍ଲୀରୁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2024-25/126, ତା.16.12.2024ରିଖ

କ୍ରମ ସଂ.01: ଟେଣ୍ଡର ନଂ. 04245102, ସାମଗ୍ରୀ ସୁଚିକର ସଂକ୍ଷିପ୍ତ ବିବରଣୀ: ଗଲ୍‌ଭାନାଇଜିଡ୍, ଷ୍ଟିଲ୍ ପୋର୍ଟାଲ୍‌ସ, ପରିମାଣ: T.S. ଅନୁସାରେ ।

କ୍ରମ ସଂ.02: ଟେଣ୍ଡର ନଂ. 04241169A, ସାମଗ୍ରୀ ସୁଚିକର ସଂକ୍ଷିପ୍ତ ବିବରଣୀ: ଲୋ ମେଣ୍ଟେନାନ୍ସ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ: T.S. ଅନୁସାରେ ।

କ୍ରମ ସଂ.03: ଟେଣ୍ଡର ନଂ. 03241062C, ସାମଗ୍ରୀ ସୁଚିକର ସଂକ୍ଷିପ୍ତ ବିବରଣୀ: ଷ୍ଟାଇଡର କାର୍ବିଙ୍ ସ୍ଲିଉର(Wear) ପ୍ଲେଟ୍, ପରିମାଣ: 18626 ଗୋଟି ।

କ୍ରମ ସଂ.04: ଟେଣ୍ଡର ନଂ. 07241011B, ସାମଗ୍ରୀ ସୁଚିକର ସଂକ୍ଷିପ୍ତ ବିବରଣୀ: ସିନ୍‌ଥେଟିକ୍ ରେଜିନ୍ (Resin) ବଣ୍ଡେଡ୍ ଲାମିନେଟେଡ୍ ସିଟ୍, ପରିମାଣ: 7459 ଗୋଟି ।

କ୍ରମ ସଂ.05: ଟେଣ୍ଡର ନଂ. 03241585, ସାମଗ୍ରୀ ସୁଚିକର ସଂକ୍ଷିପ୍ତ ବିବରଣୀ: ସ୍କ୍ରୁ ଅବଜର୍ଭର କମ୍ପ୍ଲିଟ୍, ପରିମାଣ: 862ଗୋଟି ।

କ୍ରମ ସଂ.06: ଟେଣ୍ଡର ନଂ. 04243703, ସାମଗ୍ରୀ ସୁଚିକର ସଂକ୍ଷିପ୍ତ ବିବରଣୀ: ଲୋ ମେଣ୍ଟେନାନ୍ସ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ: 500 ଗୋଟି ।

ଟେଣ୍ଡର ଖୋଲିବା ତାରିଖ: ତା.06.01.2025ରିଖ (କ୍ରମ ସଂ.1, 3 ଏବଂ 4ପାଇଁ), ତା.30.12.2024ରିଖ (କ୍ରମ ସଂ.2 ପାଇଁ), ତା.20.01.2025ରିଖ(କ୍ରମ ସଂ.5ପାଇଁ) ଏବଂ ତା.01.01.2025ରିଖ(କ୍ରମ ସଂ.6 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ୱେବସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-816/P/24-25



**AFFIDAVIT**

By virtue of an affidavit in the court of the Executive Magistrate, Bhubaneswar. I Firoz Khan have changed my father's name from Saukat Ali Khan to Shakat Ali Khan as both names belong to one and same person. Henceforth he will be known as Shakat Ali Khan for all purposes.

Sd/- Firoz Khan



**AFFIDAVIT**

By virtue of an affidavit sworn before the Notary Panposh on 15.12.2024, I SHRISTI NANDA (22), D/o Khetrabasi Nanda resident of S3M/26, Phase - II, Chhend, PS Chhend, Rourkela District-Sundargarh declare that, the Migration certificate, original Mark Statements and Pass certificates of both the Senior School Examination Certificate of Class 12th of CBSE Board - 2020 and 10th of CISCE, New Delhi passed from DPS and Chinmay Vidyalaya (E.M), Rourkela respectively issued me were lost somewhere in VSS Market, Chhend, which unable to be traced it out. The facts stated above are true to the best of my knowledge and belief. **If someone find these please contact in the mob.: 7606977470.**



**ODISHA CONSTRUCTION CORPORATION LTD.** CAD-1941

(A Govt. of Odisha Undertaking)

CENTRAL WORKSHOP, RASULGARH,

Bhubaneswar-751010 (Odisha)

Tel- 0674 : 2580107,

Email : smppmcws@gmail.com

(GSTIN-21AAACO2571K2ZM)

**Tender call Notice No. OCC/CWS/PROC/FAB-08/48/2024-25 dtd.18.12.2024.**

Type of work : Labour charges for sand blasting and application of one coat primer of finished fabricated items of Kanupur Irrigation Project

Total No. of work : 01(One).

Period of supply : 01 (One) month.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document ( Off-line mode) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/FAB-08/48 / 2024-25 dtd.18.12.2024 | Rs.4720/- (Non-refundable) | 19.12.2024 10.00AM to 27.12.2024 1.00 PM | 19.12.2024 10.00AM to 27.12.2024 3.00 PM |

Date of opening of the Tender : 27.12.2024 at 4.00 P.M.

Further details can be seen from the website (www. odishaconstruction.com)

Amendment/corrigendum/cancellation, if any shall be posted on-line only (OCCL website).

Sd/-

Senior Manager (Mech.)-I

OCC Ltd., Bhubaneswar

OIPR-34163/11/0036/2425



**OFFICE OF THE TAHASILDAR, SARASKANA, MAYURBHANJ**

**TCN NO. 3295 / Dt. 18.12.2024**

Sealed quotations/ tenders are invited from intending reputed Travel Agencies/ Tour Operators or private individuals for providing one no of Non-AC/ AC Diesel driven vehicles i.e TUV300/Bolero/Bolero neo /Sumo Gold including Driver engaged for official use in the office of the undersigned.

1. The vehicle must be road worthy condition, shall not more than 3 year old from the date of initial registration and must have valid Registration Certificate, Insurance certificate, Fitness certificate, valid contract carriage permit, proof of up to date tax payment etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft in favour of the Tahasildar, Saraskana and submitted along with the tender as security deposit. After completion of the tender process, the amount will be refunded to the unsuccessful bidders.
5. The monthly rate of hire charge quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 10 Kms per litre.
7. The details of the Make and year of manufacture of the vehicle registration no. mileage ( Kms. covered per litre ) and name of the Driver with Driving License No. and period of validity should be specifically provided in the general bid information to be furnished with the Tender
8. The Tender paper will be sold from date **20.12.2024** to **30.12.2024 on** working days only from **11.00 AM to 4.00 PM** in the Office of the Tahasildar, Saraskana.
9. The sealed Tender paper will be submitted either through registered /speed post addressing to the **Tahasildar, Saraskana** or same may be dropped in the tender box kept in the Tahasil Office, Saraskana during working hour i.e. **11.00 AM to 4.00 PM.** The sealed envelope shall be super scribed as "Tender Paper". The undersigned will not be held responsible for any delay in the postal service.
10. The Tender paper will be opened at 03.00 PM on date **31.12.2024 in presence of the bidders or their authorised representatives and Tahasil Tender committee.**
11. The application for quotation/ tender containing General Bid information & Terms & Conditions for Hiring of Vehicle etc. will be available with Tahasil Office, Saraskana on payment of Rs.1000/-.
12. **Authority deserves all right to reject or cancel any or all Tender without assigning any reason thereof and new vehicle preferable fist.**

Tahasildar, Saraskana

Dist.: Mayurbhanj

OIPR-24101/11/0001/2425 F-94



**AFFIDAVIT**

I, **Mamata Swain,** W/o.: Subhashish Jena, Resident of At: Malhasahi, Jobra, P.S.: Malgodown, Dist.: Cuttack, PIN-753003, Odisha, declare by this affidavit No.: 38961, dated-17/12/2024, that now onwards I shall be known as **MAMATA JENA** for all future purposes.

**AFFIDAVIT**

I, **Sahfiullah Sekh,** H/o.: Mohammed Shahina Begum, Residing at ward No.: 14, Kantabanji, Ashram para, PO/P.S.: Kantabanji, Dist.: Balangir, PIN-767039, Odisha, declare by this affidavit No.: 2190, dated-05/12/2024, that now onwards I shall be known as **SEKH SAFIULLAH** for all future purposes.

**AFFIDAVIT**

By virtue of an affidavit bearing Regd-No-809, Dated 24.08.2024 sworn before the Central Notary Public, Jajpur declared that I Raghunath Jena, age - 60 yrs of Vill Parmanandapur, Ps.- Bari-Ramchandrapur, Dist.: Jajpur declared that Baban Kumar Jena and Raghunath Jena is one and same person. Now I shall be known as **Raghunath Jena** for all purposes.

Sd/- Raghunath Jena

**AFFIDAVIT**

By virtue of an affidavit sworn before S K Sarangi, Notary Public, Bargarh vide Sl. No. 836 Dt. 18.12.2024 I do hereby declare that myself Rashmi Ranjan Acharya also known as Rashmiranjan Aacharya for all intend purpose. Hence in after my address in Vill- Galima, Po- Mahula, Ps.- Bhiden, Dist.- Bargarh.

Sd/- Rashmi Ranjan Acharya

**AFFIDAVIT**

I, **Saswati,** wife of Amitav Mishra, and resident of House No. 701, Richmond Tower, Near Green Field Colony, Omaxe Hills, Sector 43, Amarnagar, Faridabad, Haryana-121003, hereby declare that I am the mother of **Amitasha Nanda Mishra.** Through an affidavit sworn before Notary Sarat Kumar Bhuyan on 17/12/2024, I confirm that my correct name is **Saswati Nanda.** This declaration is to ensure the correct name appears in the passport of my daughter, **Amitasha Nanda Mishra.**

**AFFIDAVIT**

I, Subhrashubhai Kunanchandbhai Sharma, S/o- Kunanda Chandra Nathsharma, resident of at- Qtr. No- 57/A, Pristine Greens, Pokhariput, Near Kokila Resort, Aerodrome Area, PS- Air Field, Dist-Khordha, Odisha - 751020 declare by this affidavit No. 07, dated 18.12.2024 that now onwards I shall be known as **SUBHRANSU SEKHAR NATHSHARMA** for all future purposes.

**AFFIDAVIT**

I, Swarupaben, W/o- Subhransu Sekhar Nathsharma, resident of At- Qtr. No- 57/A, Pristine Greens, Pokhariput, Near Kokila Resort, Aerodrome Area, PS- Air Field, Dist-Khordha, Odisha - 751020 declare by this affidavit No. 98, dated 18.12.2024 that now onwards I shall be known as **SWARUPA SHARMA** for all future purposes.

**AFFIDAVIT**

I, Anyuta, D/o- Subhransu Sekhar Nathsharma, resident of At- Qtr. No- 57/A, Pristine Greens, Pokhariput, Near Kokila Resort, Aerodrome Area, PS- Air Field, Dist-Khordha, Odisha - 751020 declare by this affidavit No. 97, dated 18.12.2024 that now onwards I shall be known as **ANWITA SUBHRANSUSEKHAR NATHSHARMA** for all future purposes.



**JAY SANKAR SEVASHRAM, CHILDREN HOME(CCI)**

Regd. Office: At /P.O :-Belsara,Via- Ujalpur, Dist- Sundargarh, Odisha, Pin-770011

Contact:- 9777391338 / 7735716917 /7077557584

**ADVERTISEMENT**

Applications are invited from eligible candidates to be engaged on purely contractual consolidated remuneration basis for the different posts lying vacant in Jay Sankar Sevashram, Belsara (Recognized Child care Institution by the OSCPS, WCD & Mission Shakti, Government of Odisha. Details may be downloaded from website: https://sundargarh.odisha.gov.in/notice_category/recruitment. Candidates are also apply online through link- https://forms.gle/wVGwbspMec54iudm9 & also submit a hard copy of application form and it's enclosures to address: Secretary, Jay Sankar Sevashram, At/p.o- Belsara, P.s- Lephripara, Dist- Sundargarh (Odisha), PIN- 770011 on or before dt. 09.01.2025 by 12.00 midnight positively through Speed Post/Registered Post only.

Sd/- Secretary,

Jay Sankar Sevashram, Belsara



**Section-XI-A**

**IN THE SUPREME COURT OF INDIA**

**CIVIL ORIGINAL JURISDICTION**

**TRANSFER PETITION (CIVIL) No. 1371 OF 2019**

**WITH**

SIJU MEREETA JOHN ... Petitioner(s)

VERSUS

JYOTI PRAKASH MALLICK ALIAS BINU ... Respondent(s)

To

**1. JYOTI PRAKASH MALLICK S/O BIJAY KUMAR MALLICK, AT-MALIHATTA, P.O. CHYANPAL, P.S. MOHANGA DISTRICT, CUTTACK, ODISHA**

**PID: 71232/2024 FOR R[1] IN T.P.(C), N0.1371/2019 (SEC XI-A)**

WHEREAS the Petition under Section 25 of the Code of Civil Procedure above-mentioned along with application for EX-PARTE STAY for transfer of CIVIL PROCEEDING No. 320 of 2019 titled as "JYOTI PRAKASH MALLICK Vs. SIJU JOHN" pending before the Hon'ble Family Court at CUTTACK, ORISSA under the jurisdiction of High Court of Orissa at Cuttack to the Family Court, ERNAKULAM , KERALA under the Jurisdiction of High Court of Kerala at Enrnakulam was filed in the Registry on 10th July, 2019 by Mr. P. V. DINESH, Advocate on behalf of the above-named Petitioner. (Copy Enclosed)

AND WHEREAS the said petition along with application for EX-PARTE STAY being called on for Preliminary hearing before this Court on the 30th July, 2019, when the Court was pleased to pass the following Order:- Issue notice.

In the meanwhile, there shall be a stay of further proceedings in Civil Proceeding No. 320 of 2019 titled as Jyoti Prakash Mallick v. Siju John pending before the Family Court at Cuttack, Odisha."


NOW, THEREFORE, TAKE NOTICE that the above matter(s) will be posted for hearing before the Court in due course when you may appear before this Court either in person or through an advocate-on-record of this Court duly appointed by you in that behalf within thirty days from the date of service of notice. You may thereafter show cause to the Court on the day that may subsequently be specified as to why special leave and interim relief, as prayed for, be not granted and the resultant appeal be not allowed.

You may file your affidavit in opposition to the petition as provided under Rule VI of Order XXII, SCR 2013, within thirty days from the date of receipt of notice or not later than two weeks before the date appointed for hearing, whichever be earlier, but shall do so only by setting out the grounds in opposition to the questions of law or grounds set out in the TRANSFER PETITION (CIVIL) and may produce such pleadings and documents filed before the Court against whose order the TRANSFER PETITION (CIVIL) is filed and shall also set out the grounds for not granting interim order or for vacating interim order if already granted.

TAKE FURTHER NOTICE that if you fail to enter appearance, as aforesaid, no further notice shall be given to you even after the grant of special leave for hearing of the resultant appeal and the matter above mentioned shall be disposed of in your absence.

**Dated : 22nd March, 2024** ASSISTANT REGISTRAR

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ଲୋକମାନେ ଯୁଦ୍ଧ କ୍ଷେତ୍ରକୁ ନ ଯିବା ପାଇଁ ପଣ ନ ନେଇଛନ୍ତି ସେ ପର୍ଯ୍ୟନ୍ତ କୌଣସି ଶକ୍ତି ଯୁଦ୍ଧକୁ ଅଟକାଇ ପାରିବ ନାହିଁ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ସର୍ବଶ୍ରେଷ୍ଠ ବିକଳ୍ପ

ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ତଦ୍‌ଜନିତ ଜୈବବିବିଧତାରେ ଅବକ୍ଷୟ, ବିପନ୍ନ କୃଷି, ଅନାହାର ବୃଦ୍ଧି, ଜଳସ୍ତର ହ୍ରାସ, ସ୍ୱାସ୍ଥ୍ୟ ସମସ୍ୟା ଯେ ସମଗ୍ର ବିଶ୍ୱ ପାଇଁ ଗୁରୁତର ଆହ୍ୱାନ ସୃଷ୍ଟି କରିଚାଲିଛି, ଏହା ଆଉ ଅପ୍ରତ୍ୟାଶିତ ଓ ଚମକାଇ ଦେବା ଭଳି ଖବର ହୋଇ ରହିନାହିଁ। ଏହି ପ୍ରସଙ୍ଗରେ ଯାହା ନୂଆ ଘଟିଛି, ତାହା ହେଉଛି ପ୍ରଥମ ଥର ପାଇଁ ବୈଶ୍ୱିକ ସଂସ୍ଥା 'ଇଣ୍ଟରଗଭର୍ଣ୍ଣମେଣ୍ଟାଲ୍ ସାଇନ୍‌ସ ପଲିସି ପ୍ଲାଷ୍ଟଫର୍ମ ଅନ୍ ବାୟୋଡାଇଭର୍ସିଟି(ଆଇପିବିଇଏସ୍) ବା ଆନ୍ତଃସରକାରୀ ଜୈବବିବିଧ ବିଜ୍ଞାନ ନୀତି ମଞ୍ଚ ଏହି ପାଞ୍ଚଟି ପ୍ରସଙ୍ଗକୁ ପରସ୍ପରର ପରିପୂରକ ଭାବେ ବିବେଚନା କରି ସମ୍ମିଳିତ ଓ ସମତୁଲ ରକ୍ଷାକାରୀ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛି। ଉଲ୍ଲେଖନୀୟ ହେଲା ଏହି ମଞ୍ଚ ସ୍ୱୀକାର କରିଛି ଯେ ଜଳବାୟୁ ପରିବର୍ତ୍ତନ ଜନିତ ଉପରୋକ୍ତ ସଙ୍କଟର ମୂଳ କାରଣ ହେଉଛି ଅର୍ଥନୈତିକ ବିକାଶକୁ ପ୍ରାଧାନ୍ୟ। ଶିଳ୍ପାୟନ ବା ଆଧୁନିକୀକରଣ ଯୋଗୁଁ ପରିବେଶ ଓ ସାମାଜିକ ସ୍ତରରେ ଯେଉଁ କ୍ଷତି ହେଉଛି ତାହାର ପରିମାଣ ବାର୍ଷିକ ୧୦-୨୫ ଲକ୍ଷ କୋଟି ଡଲାର ବୋଲି କମିଟି ଆକଳନ କରିଛି।

୨୦୧୨ରେ ଗଠିତ ଏହି ସଂସ୍ଥା ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସଂକ୍ରାନ୍ତୀୟ ଜାତିସଂଘର ବିଭିନ୍ନ ସଂସ୍ଥା ଦ୍ୱାରା ପ୍ରକାଶିତ ତଥ୍ୟକୁ ସଂଗ୍ରହ ଓ ବିଶ୍ଲେଷଣ କରି ତଦନୁଯାୟୀ ପରାମର୍ଶ ଦେଇଥାଏ। ୨୦୧୯ରେ ଏହି ସଂସ୍ଥା ଦ୍ୱାରା ପ୍ରଦତ୍ତ ଚେତାବନୀ ଅନୁଯାୟୀ ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ୮୦ ଲକ୍ଷ ଜୀବ ପ୍ରଜାତି ମଧ୍ୟରୁ ପ୍ରାୟ ୧୦ ଲକ୍ଷ ବିପଦସଂକୁଳ ଅବସ୍ଥାରେ ଅଛନ୍ତି। ଭୂଭାଗର ୭୫%, ସାମୁଦ୍ରିକ ପରିବେଶର ୬୬% ଓ ଆର୍ଦ୍ରଭୂମିର ୮୫% ଆମେ ହରାଇସାରିଛୁ। ୨୦୩୦ ସୁଦ୍ଧା ଏଗୁଡ଼ିକ ମଧ୍ୟରୁ ଅନ୍ୟୂନ ୩୦%ର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ୨୦୨୨ରେ 'କୁନ୍‌ମିଙ୍ଗ-ମଣ୍ଟ୍ରିଲ୍ ଗ୍ଲୋବାଲ୍ ବାୟୋଡାଇଭସିଟି ଫ୍ରେମୱାର୍କ' ନାମରେ ଯେଉଁ ଚୂଡ଼ାନ୍ତ ରାଜିନାମା ହୋଇଥିଲା ତାହାକୁ ବିଧିବଦ୍ଧ ଭାବେ ଅନୁପାଳନ କରିବା ପାଇଁ ଆଇପିବିଇଏସ୍ ପରାମର୍ଶ ଦେଇଛି। ଏହି ସଂସ୍ଥାର ଆକଳନ ଅନୁଯାୟୀ ଶିଳ୍ପାୟନ ଓ ତଦ୍‌ଜନିତ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ବିଶ୍ୱରେ ପ୍ରତି ଦଶନ୍ଧିରେ ଜୈବ ବିବିଧତା ୨%ରୁ ୬% ପର୍ଯ୍ୟନ୍ତ ହ୍ରାସ ପାଇଚାଲିଛି। କେବଳ ସେତିକି ନୁହେଁ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଯେଉଁ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି ସେଥିଯୋଗୁଁ ଉତ୍ପାଦକତା ହ୍ରାସ ପାଇ ବିଶ୍ୱ ଜିଡିପି(ମୋଟ ଘରୋଇ ଉତ୍ପାଦ)ର ଅଧା ବା ୨୯ ଲକ୍ଷ କୋଟି ଡଲାରର ଅର୍ଥନୈତିକ କ୍ଷତି ସହିବାକୁ ପଡୁଛି। ଯଦି ଏହାକୁ ନିୟନ୍ତ୍ରଣ କରାଯାଇପାରିବ ତେବେ ୨୦୩୦ ସୁଦ୍ଧା ୪୦ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

ସେହିପରି ଜାତିସଂଘର ମରୁଡ଼ି ନିରାକରଣ ଅଭିଯାନ ବା ୟୁନାଇଟେଡ୍ ନେସନ୍ କନ୍‌ଭେନ୍‌ସନ୍ ଟୁ କମ୍ବାଟ୍ ଡେଜର୍ଟିଫିକେସନ୍(ୟୁଏନ୍‌ସିସିଡି)ର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ୧୦ ଲକ୍ଷ ବର୍ଗକିମି ଜମିର ଗୁଣାତ୍ମକ ଅବନତି ବା ଉତ୍ପାଦକତା ଅବକ୍ଷୟ ହୋଇଚାଲିଛି। ଏଥିଯୋଗୁଁ ମୃତ୍ତିକାର ଉତ୍ପାଦକତା ହ୍ରାସ ଓ ଧରାପୃଷ୍ଠର ଜୀବସତ୍ତା ଧାରଣ କ୍ଷମତା ସଂକୁଚିତ ହେଉଛି। ଚାଷଜମିରୁ କୀଟନାଶକ ଓ ରାସାୟନିକ ସାରର ଅବଶିଷ୍ଟାଂଶ କେନାଲ୍ ଓ ନଦୀ ଜଳ ଦେଇ ସମୁଦ୍ରରେ ମିଶିବା ଫଳରେ ସାମୁଦ୍ରିକ ପରିବେଶ ବିପନ୍ନ ହେବାରେ ଲାଗିଛି। ଜଳଜୀବ ଓ ବିବିଧତା ଗୁରୁତର ପ୍ରଭାବିତ ହୋଇଛି। ଜମିର ଉତ୍ପାଦକତା ହ୍ରାସ ସହିତ କାର୍ବନ ଧାରଣ କ୍ଷମତା ହ୍ରାସ ପାଇ ପରିବେଶ ବା ବାୟୁମଣ୍ଡଳକୁ ଅଧିକ କାର୍ବନ ନିର୍ଗତ ହେଉଛି। ଏହି ଧାରାରେ ଯଥାଶୀଘ୍ର ସୁଧାର ନ ଆସିଲେ ଅର୍ଥନୈତିକ କ୍ଷତି ସହିତ ଜୈବବିବିଧତା ହାନି, ଖାଦ୍ୟ ସୁରକ୍ଷା ବିପନ୍ନ, ଜଙ୍ଗଲ ଅବକ୍ଷୟ ସହିତ ବିଭିନ୍ନ ସଂକ୍ରାମକ ଓ ମହାମାରୀ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିଶେଷକରି ଦକ୍ଷିଣ ଏସିଆ, ଉତ୍ତର ଚୀନ୍, ଆମେରିକା, କାଲିଫର୍ଣ୍ଣିଆ ଓ ଭୂମଧ୍ୟସାଗରୀୟ ଅଞ୍ଚଳରେ ଜମି ଉତ୍ପାଦକତାର ଅବକ୍ଷୟଷ୍ଣୁ ଧାରା ଅଧିକ ଥିବାରୁ ସେହିସବୁ ଅଞ୍ଚଳ ଆଗାମୀ ଦିନରେ ଉତ୍କଟ ଅର୍ଥନୈତିକ-ସାମାଜିକ ସଙ୍କଟର ସମ୍ମୁଖୀନ ହେବ।

ନିକଟରେ ବ୍ରାଜିଲ୍‌ରେ ଅନୁଷ୍ଠିତ ଜି୨୦ ବୈଠକରେ ବିଶ୍ୱ ନେତୃତ୍ୱ ବିଶ୍ୱ କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି। ୨୦୩୦ ସୁଦ୍ଧା ବିଶ୍ୱକୁ ଖାଦ୍ୟ ନିରାପତ୍ତା ସମ୍ପନ୍ନ ଓ ପୁଷ୍ଟିଯୁକ୍ତ କରିବା ପାଇଁ ୨୦୧୫ରେ ୧୯୩ଟି ଜାତିସଂଘ ସଦସ୍ୟ ରାଷ୍ଟ୍ର ମିଳିତ ରାଜିନାମାରେ ସ୍ୱାକ୍ଷର କରି ନିରନ୍ତର ବିକାଶ ଲକ୍ଷ୍ୟରେ ୨୦୩୦ ସୁଦ୍ଧା ଏହା ହାସଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବର୍ତ୍ତମାନର ଅନୁମାନ ଅନୁଯାୟୀ ୨୦୩୦ ସୁଦ୍ଧା ବିଶ୍ୱରେ ୬୨୨ ନିୟୁତ ଲୋକ ଦୈନିକ ୨.୧୫ ଡଲାରରୁ କମ୍ ଉପାର୍ଜନ ବା ଅତିଶୟ ଦାରିଦ୍ର୍ୟ ସହିତ ଜୀବିକା ନିର୍ବାହ କରୁଥିବେ। କୋଭିଡ୍ ୧୯ ମହାମାରୀ ଏହି ଅଭିଯାନକୁ ଧୀମା କରିଦେଇଥିବାରୁ ଧାର୍ଯ୍ୟ ଅବଧି ଭିତରେ ଲକ୍ଷ୍ୟ ହାସଲ କରିବାକୁ ହେଲେ ଦାରିଦ୍ର୍ୟ ଓ କ୍ଷୁଧାମୁକ୍ତି ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏହି ଅଭିଯାନରେ ଭାରତ ସମେତ ୮୧ଟି ଦେଶ, ୨୬ଟି ଅନ୍ତର୍ଜାତୀୟ ସଂଗଠନ, ୯ଟି ଆର୍ଥିକ ସଂସ୍ଥା, ୩୧ଟି ଦାତବ୍ୟ ଅନୁଷ୍ଠାନ ମିଳିତ ହୋଇଛନ୍ତି। ଦାରିଦ୍ର୍ୟ ଦୂରୀକରଣ ଓ କ୍ଷୁଧା ନିବାରଣ ସହିତ ଆଇପିବିଇଏସ୍‌ର ପରାମର୍ଶ ଆଧାରରେ ଯୋଜନା ପ୍ରସ୍ତୁତ କରିବା ସେମାନଙ୍କ ଆଗରେ ବର୍ତ୍ତମାନର ମୁଖ୍ୟ ଆହ୍ୱାନ ରହିବ।

ଆଇପିବିଇଏସ୍‌ର ମଡେଲ୍ ଅନୁଯାୟୀ ବିଶ୍ୱ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଏବଂ ବୁଭୁକ୍ଷା ହ୍ରାସ ପାଇଁ କୃଷି ଉତ୍ପାଦକତା ହାରରେ ନିରନ୍ତର ବୃଦ୍ଧି ଆଣିବା ଜରୁରୀ। କିନ୍ତୁ କୃଷି ଉତ୍ପାଦକତାର ବେଗ ବୃଦ୍ଧି ପାଇଲେ ତାହାର ପ୍ରତିକୂଳ ପ୍ରଭାବ ଜଳସ୍ତର ହ୍ରାସ ଓ ମିଥେନ୍ ନିର୍ଗମନ, ଅଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ପରି ସମସ୍ୟା ସୃଷ୍ଟି କରିବ। ଅପରପକ୍ଷରେ କୃଷି ଉତ୍ପାଦକତା ହ୍ରାସ କଲେ କ୍ଷୁଧାମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟ ସୁଦୂରପରାହତ ହେବ। ସେହିପରି କେବଳ କୃଷି ଉପରେ ନିର୍ଭର କଲେ ଅର୍ଥନୀତିର ଚକ ବେଗଶୀଳ ହେବ ନାହିଁ। ତେଣୁ ଶିଳ୍ପାୟନ ମଧ୍ୟ ଆବଶ୍ୟକ। କିନ୍ତୁ ଶିଳ୍ପାୟନ ବଢ଼ିଲେ ତାହାର ପ୍ରଭାବ ପୁଣି ପରିବେଶ ପ୍ରଦୂଷଣ ଓ ବିଶ୍ୱ ତାପନ ଜରିଆରେ ଜମିର ଉତ୍ପାଦକତାକୁ ପ୍ରଭାବିତ କରିବ। ତେଣୁ ଏକ ବୃହତ୍ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଉପରୋକ୍ତ କାରକଗୁଡ଼ିକ ମଧ୍ୟରେ ସମତୁଲତା ରକ୍ଷା ବା ମଧ୍ୟମ ପନ୍ଥା ନିର୍ଣ୍ଣୟ ପାଇଁ ଆଇପିବିଇଏସ୍ ଯେଉଁ ପରାମର୍ଶ ଦେଇଛି ତାହା ହିଁ ଆଜିର ସମୟରେ ସର୍ବଶ୍ରେଷ୍ଠ ବିକଳ୍ପ। ●

## ଆଇନ-ଆତଙ୍କବାଦ: ଏକ ପୁରୋଦୃଷ୍ଟି

ଡ. ବିମଳ ଷଡ଼ଙ୍ଗୀ

ଯତୋ ଧର୍ମସ୍ତୋତୋ ଜୟଃ। ସମ୍ପୂର୍ଣ୍ଣ ମହାଭାରତରେ ଏଗାର ଥର ଉଲ୍ଲେଖ ଥିବା ଏହି ଶ୍ଳୋକଟି ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଧ୍ୟେୟ ବାକ୍ୟ ଭାବରେ ଗ୍ରହଣ କରାଯାଇଛି। ମୁଣ୍ଡକ ଉପନିଷଦରେ ଥିବା 'ସତ୍ୟମେବ ଜୟତେ' ନ୍ୟାୟାଳୟର ସର୍ବାଗ୍ରେ ରହିଛି। ଏହାସତ୍ତ୍ୱେ କେଉଁଠି ନା କେଉଁଠି ନାଗରିକଟିଏ (ପୁରୁଷ/ନାରୀ) ପ୍ରକୃତ ଓ ଠିକ୍ ସମୟରେ ନ୍ୟାୟ ପାଇବା ଆଜି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଇନ ବ୍ୟକ୍ତିକୁ ନ୍ୟାୟ ଦେବା ପାଇଁ ଉଦ୍ଦିଷ୍ଟ, ଭୟ ସୃଷ୍ଟି ପାଇଁ ନୁହେଁ। ଅପରପକ୍ଷରେ 'ଆଇନ-ଆତଙ୍କବାଦ' ଏପରି ଏକ ଶବ୍ଦ, ଯାହା ଆଇନର ଅପବ୍ୟବହାରକୁ ସୂଚାଇଥାଏ। ଏହାକୁ ମଧ୍ୟ ନୀତିବିରୁଦ୍ଧ ଓ ଅନ୍ୟାୟ ବୋଲି କୁହାଯାଏ। ଏଥିପାଇଁ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୪୯୮-କ(ଭାରତୀୟ ଦଣ୍ଡ ସଂହିତା-୮୬)କୁ ଦାୟୀ କରାଯାଉଛି।

ବିବାହକୁ ଲୋକମାନଙ୍କର ଏକ ପବିତ୍ର ମିଳନ ଭାବରେ ବିବେଚନା କରାଯାଏ। ଏହାଦ୍ୱାରା ସେମାନେ ସ୍ୱଧର୍ମ, ଦାୟିତ୍ୱ, ମୂଲ୍ୟବୋଧ ଓ କର୍ତ୍ତବ୍ୟକୁ ପାଳନ କରିପାରିବେ। ପରମ୍ପରା ଅନୁଯାୟୀ ବିବାହକୁ ପତ୍ନୀ-ପତିଙ୍କ ଜୀବନବ୍ୟାପୀ ଏକାଠି ଠିଆ ହେବା ପାଇଁ ଆଶ୍ୱାସନା ଓ ପ୍ରତିଶ୍ରୁତି ଭାବରେ ବିବେଚନା କରାଯାଏ। କିନ୍ତୁ କତିପୟ ସ୍ୱାର୍ଥାନ୍ୱେଷୀ ନାଗରିକ ଏହାର ସଂଜ୍ଞା ବଦଳାଇ ଦେଇଛନ୍ତି। ସେମାନଙ୍କ ପାଇଁ ବିବାହ ପ୍ରେମ, ଦାୟିତ୍ୱ, ସୁରକ୍ଷିତ ପରିବେଶ ନୁହେଁ, ବରଂ କେବଳ ଅର୍ଥର ଆବଶ୍ୟକତା ପୂରଣ ପାଇଁ ଏକ ମାଧ୍ୟମ। ଏକଦା ମହିଳାଙ୍କ ସୁରକ୍ଷା ପାଇଁ ପ୍ରଣୀତ ଏହି ଆଇନ ଦ୍ରୁତପରିବର୍ତ୍ତନଶୀଳ ଦୁନିଆରେ ପୁରୁଷ ନିର୍ଯାତନା ପାଇଁ ଏକ ଅସ୍ତ୍ର ଭାବରେ ଦୁରୁପଯୋଗ ହେଉଥିବା ଦେଖାଯାଉଛି। ଅପରପକ୍ଷରେ ଭାରତରେ ପତ୍ନୀଙ୍କ ଅତ୍ୟାଚାରରୁ ପୁରୁଷମାନଙ୍କୁ ସୁରକ୍ଷା ଦେବା କିମ୍ବା ସ୍ୱାମୀଙ୍କ ଭରଣପୋଷଣ ପାଇଁ କୌଣସି ଆଇନ ନାହିଁ।

ଆଜିକାଲି ପୁରୁଷ ଓ ମହିଳାଙ୍କ ସମାନତାକୁ ନେଇ ଅନେକ ଆଲୋଚନା ହେଉଛି। ଲିଙ୍ଗଗତ ନିର୍ବିଶେଷରେ ସମାନ ଅଧିକାର ପାଇଁ ଦାବି ହେଉଛି। ତେବେ ପତ୍ନୀଙ୍କ ନିର୍ଯାତନା ବିରୋଧରେ ଲଢ଼ିବା ପାଇଁ ପୁରୁଷଙ୍କୁ ସମାନ ଅଧିକାର ପ୍ରଦାନ କରିବାରେ ଆମେ କାହିଁକି ବିଫଳ ହେଉଛୁ? କିମ୍ବା ତାଙ୍କ ପରିବାର ପ୍ରତି ଅତ୍ୟାଚାରର ବିରୋଧ ପାଇଁ ପୁରୁଷମାନେ ଯେଉଁ ସ୍ୱର ଉତ୍ତୋଳନ କରିଛନ୍ତି ତାହା ଆମର ଆଇନ/ସମ୍ବିଧାନ ଦ୍ୱାରା କାହିଁକି ଶୁଣାଯାଉନାହିଁ? । ଆଇନ ଅନୁଯାୟୀ ଯୌତୁକ ଦେବା ଓ ଯୌତୁକ ମାଗିବା ସମାନ ଅପରାଧ। ତେବେ ଯୌତୁକ ଦେବା ପାଇଁ ମହିଳା ଏବଂ ତାଙ୍କ ପରିବାରକୁ କାହିଁକି ଆଇନ ଦ୍ୱାରା ପଚରାଉଚରା/ଦଣ୍ଡିତ କରାଯାଏ ନାହିଁ? ଅନେକ ସମୟରେ ନାଗରିକ (ପୁରୁଷ ବା ମହିଳା) ମାନେ ନିଜର ଅହଙ୍କାର ମାଧ୍ୟମରେ ନିଜ ବ୍ୟକ୍ତିତ୍ୱର ପରିଚୟ ଜାହିର କରିବା ପାଇଁ ଚେଷ୍ଟା କରିଥା'ନ୍ତି। ଏହି ଅହଙ୍କାରରୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମନାନ୍ତର ଓ ବିଭେଦ ଆରମ୍ଭ ହୋଇଥାଏ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଭାରତ ଗୋଟିଏ ପୁରୁଷକୈନ୍ଦ୍ରିକ ଦେଶ। ଏଠାରେ ମହିଳାଙ୍କ ଅପେକ୍ଷା ପୁରୁଷ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଉଥିଲା ଏବଂ କରାଯାଉଛି ମଧ୍ୟ। ମାତ୍ର ସମୟ ବଦଳିବା ସହିତ ଅନେକ ମହିଳା ସ୍ୱାବଲମ୍ବୀ ଓ ଶିକ୍ଷିତ ହେଲେଣି। ବିଭିନ୍ନ କ୍ଷେତ୍ରରେ ପୁରୁଷଙ୍କ ସହିତ ତାଳ ଦେଇ କର୍ମକ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କଲେଣି। ଆଧୁନିକ ସମାଜରେ ନାରୀ ସହିତ ପୁରୁଷ ସମାନ ବୋଲି ବିବେଚିତ, ଯାହା ସ୍ୱାଗତଯୋଗ୍ୟ। ମାତ୍ର ଏବେ ବି ପୁରୁଣା ଢାଞ୍ଚାରେ ଆମର ନ୍ୟାୟିକ ବ୍ୟବସ୍ଥା ବିଭିନ୍ନ ଧାରାରେ ପୁରୁଷଙ୍କୁ ଦୋଷୀ ବୋଲି ବିବେଚନା କରେ। ଆମେ ମନେରଖିବା ଉଚିତ ଯେ ନ୍ୟାୟ ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ। କାରଣ ସବୁ ମହିଳା ବା ସବୁ ପୁରୁଷ ଦୋଷୀ ହୋଇ ନ ଥା'ନ୍ତି। ଏହାର ଉଦାହରଣ ରୂପେ ନିକଟରେ ଘଟିଥିବା ପୁନେର ଜଣେ ଯୁବ ଇଞ୍ଜିନିୟର ଅତୁଲ ସୁଭାଷ (୩୪)ଙ୍କ ଆତ୍ମହତ୍ୟା ମାମଲାକୁ ନିଆଯାଇପାରେ, ଯାହା ଆଜି ସାରା ଭାରତକୁ ସ୍ତବ୍ଧ କରିଛି। ପତ୍ନୀ ନିକିତା ସିଂଘାଣିଆ, ଶାଶୂ ନିଶା ସିଂଘାଣିଆ ଓ ଶାଳକ ଅନୁରାଗ ସିଂଘାଣିଆ ସହିତ ତାଙ୍କ ମାମୁଙ୍କ ସମ୍ମିଳିତ ମାନସିକତା ନିର୍ଯାତନା ଏବଂ ଓକିଲାତିର ଖେଳ ଯୋଗୁଁ ଜଣେ ଉଦୀୟମାନ ଯୁବ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଇଞ୍ଜିନିୟରଙ୍କ ଜୀବନଦୀପ ସବୁଦିନ ପାଇଁ ଲିଭିଯାଇଛି। ଦୀର୍ଘ ୮୦ ମିନିଟର ଭିଡିଓ ଏବଂ ୨୪ ପୃଷ୍ଠାର ଅଭିଯୋଗପତ୍ରରେ ଆଇନଗତ ବ୍ୟବସ୍ଥାର ଅପବ୍ୟବହାର ସହିତ ଧାରା୪୯୮(କ) ସହିତ ଅନେକଗୁଡ଼ିଏ ଧାରାରେ ଜଣେ ସାଧାରଣ ବ୍ୟକ୍ତିର ଜୀବନ କିପରି ନଷ୍ଟ ହୋଇଛି, ତା'ର ବର୍ଣ୍ଣନା କରି ସବୁଦିନ ପାଇଁ ଜଣେ ପୁରୁଷ ଆଖି ବୁଜିଥିବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ଏହା ସାରା ଭାରତ ଏବଂ ନ୍ୟାୟିକ ବ୍ୟବସ୍ଥା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

ଭାରତୀୟ ଦଣ୍ଡବିଧି ଧାରା ୪୯୮(କ) ସୂଚୀତ କରେ ଯେ, ଯଦି ଜଣେ ମହିଳାଙ୍କ ପ୍ରତି ତାଙ୍କ ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିର୍ଦ୍ଦୟ ବ୍ୟବହାର ହୋଇଥାଏ ତେବେ ସମ୍ପୃକ୍ତ ସ୍ୱାମୀ ଓ ତାଙ୍କ ପରିବାରବର୍ଗ ଆଇନ ଅନୁସାରେ ଦଣ୍ଡିତ ହେବେ। ମହିଳାମାନଙ୍କୁ ଶାଶୂଘରେ ସୁରକ୍ଷା ଦେବା ପାଇଁ ୧୯୮୩ ମସିହାରେ ଏହି ଧାରା ଯୋଗ କରାଯାଇଥିଲା। ତଥାପି ଅନେକ ମତ ଦିଅନ୍ତି ଯେ କେତେକ କ୍ଷେତ୍ରରେ ମହିଳାମାନଙ୍କର ଅଯୌକ୍ତିକ ଦାବି ପୂରଣ ପାଇଁ ସ୍ୱାମୀ ଓ ସେମାନଙ୍କ ପରିବାର ବିରୁଦ୍ଧରେ ଏହି ଧାରାର ଅପବ୍ୟବହାର କରାଯାଏ। ଆମ ଦେଶରେ ନିକଟରେ ଘଟିଥିବା କେତୋଟି ଘଟଣାକୁ ଆମେ ଉଦାହରଣ ରୂପେ ନେଇପାରିବା।

ପତ୍ନୀଙ୍କ ଦ୍ୱାରା ଧାରା ୪୯୮(କ) ଅଧୀନରେ ସ୍ୱାମୀ ଓ ସେମାନଙ୍କ ପରିବାର ବିରୁଦ୍ଧରେ ହୋଇଥିବା ମାମଲାକୁ କଲିକତା ଉଚ୍ଚ ନ୍ୟାୟାଳୟ ବହୁ ତର୍ଜମା କରି ଖାରଜ କରିଦେଇଛନ୍ତି। ଏହି ମାମଲାର ଅଧ୍ୟକ୍ଷତା କରୁଥିବା ବିଚାରପତି ଶୁଭେନ୍ଦୁ ସାମନ୍ତ ମନ୍ତବ୍ୟ ଦେଇ କହିଥିଲେ ଯେ, 'ସମାଜରୁ ଯୌତୁକ ନିର୍ଯାତନାର ନିରାକରଣ ପାଇଁ ଧାରା ୪୯୮(କ) ର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏବେ ଦେଖାଯାଉଛି ଯେ, ଅନେକ କ୍ଷେତ୍ରରେ ଉକ୍ତ ବ୍ୟବସ୍ଥାର ଅପବ୍ୟବହାର କରାଯାଉଛି।' ବିଚାରପତି ଆହୁରି ମଧ୍ୟ କହିଥିଲେ ଯେ ବର୍ତ୍ତମାନର ଆପରାଧିକ ପ୍ରକ୍ରିୟା ପ୍ରକୃତ ନ୍ୟାୟ ପାଇଁ ଧାରା ୪୯୮(କ)ର ଉପଯୋଗ ଅପେକ୍ଷା ବ୍ୟକ୍ତିଗତ କ୍ରୋଧର ଓ ପ୍ରତିଶୋଧପରାୟଣତା ପାଇଁ ଉପଯୋଗ ହେଉଛି। ସେହିପରି ୨୦୧୨ରେ ବିବାହ କରିଥିବା ପୁନେର ଜଣେ ଆଇଟି ଇଞ୍ଜିନିୟରିଙ୍କ ସହିତ ତାଙ୍କ ପତ୍ନୀ ନିଷ୍ଠୁର ବ୍ୟବହାର କରୁଥିଲେ। ପତ୍ନୀଙ୍କର ତାହା ୨ୟ ବିବାହ ଥିଲା। ମହିଳାଙ୍କର ପ୍ରଥମ ବିବାହ ବିଚ୍ଛେଦ ପ୍ରକ୍ରିୟା ଆଇନତଃ ଚୂଡ଼ାନ୍ତ ହୋଇ ନ ଥିଲେ ମଧ୍ୟ ତାହା ସେ ଗୋପନ ରଖି ପୁନଃବିବାହ କରିଥିଲେ। ଏହାସତ୍ତ୍ୱେ ସେ ୨ୟ ସ୍ୱାମୀଙ୍କୁ ଖରାପ ବ୍ୟବହର କରୁଥିଲେ। ତେଣୁ ସେ ସଫ୍ଟୱେର ଇଞ୍ଜିନିୟର ଜଣକ ତାଙ୍କ ଓକିଲଙ୍କ ତରଫରୁ ପତ୍ନୀଙ୍କୁ ନୋଟିସ୍ ପଠାଇଥିଲେ ଯେ ଉକ୍ତ ମହିଳା ଆଇନତଃ ତାଙ୍କ ପତ୍ନୀ ନୁହନ୍ତି। ତେଣୁ ତାଙ୍କ ସହିତ ରହିବାକୁ ଚାହାନ୍ତି ନାହିଁ। ଏହାପରେ ସେ ମହିଳା ଜଣକ ପୁନେରେ ୨୦୧୭ରେ ସଫ୍ଟୱେର ଇଞ୍ଜିନିୟରଙ୍କ ବିରୁଦ୍ଧରେ ୪୯୮(କ) ଆଧାରରେ ମାମଲା ଦାୟର କରିଥିଲେ। ପ୍ରଥମ ଧାରା ୪୯୮(କ) ବଳବତ୍ତର ଥିବା ସମୟରେ ୨୦୨୧ରେ ସ୍ୱାମୀଙ୍କ ବିରୁଦ୍ଧରେ ଅନ୍ୟ ସ୍ଥାନରେ ଆଉ ଗୋଟିଏ ୪୯୮(କ) ଆଧାରରେ ଥାନାରେ ଏତଲା ଦେଇଥିଲେ। ତଦନୁସାରେ ପୁଲିସ ସମ୍ପୃକ୍ତ ଇଞ୍ଜିନିୟରଙ୍କ ବିରୁଦ୍ଧରେ ମକଦମା ଦାୟର କରିଥିଲା। ଅର୍ଥାତ୍ ଜଣେ ପୁରୁଷ ଉପରେ ଏକାଧିକ ୪୯୮(କ) ମାମଲା ଦାୟର ହୋଇପାରିବ। ଅପରପକ୍ଷରେ ମହିଳା ଜଣକ ପ୍ରଥମ ବିବାହ ଲୁଚାଇଥିଲେ ମଧ୍ୟ ତାଙ୍କ ଉପରେ କୌଣସି ମାମଲା ଦାଖଲ ହୋଇ ପାରିନଥିଲା। ଆଉ ଏକ ଘଟଣାରେ ପୁନେର ଏକ ପରିବାର ଅଦାଲତରେ ବାଲେଶ୍ୱରର ଜଣେ ମହିଳା ତାଙ୍କ ମା ଓ ବାପାଙ୍କ ପ୍ରରୋଚନାରେ ସ୍ୱାମୀଙ୍କ ବିରୋଧରେ ଧାରା ୪୯୮(କ) ଓ ଅନ୍ୟାନ୍ୟ ମିଥ୍ୟା ମାମଲା ଦାୟର କରି ପ୍ରାୟ ୧୫ ବର୍ଷ ଧରି ଆଇନ ଅଦାଲତୀ ନିର୍ଯାତନା ଦେଇ ଆସୁଛନ୍ତି।

ଯୌତୁକ ନିଷେଧ ଆଇନ, ଆଇପିସିର ଧାରା ୪୯୮(କ), ସିଆରପିସିର ଧାରା ୧୨୫ ମହିଳାଙ୍କ ସୁରକ୍ଷା ପାଇଁ ପ୍ରଣୀତ ହୋଇଥିଲା। କିନ୍ତୁ ଆଜି ଏହି ଧାରାଗୁଡ଼ିକ 'ଆଇନଗତ ଶୋଷଣ' ବା 'ଆଇନ-ଆତଙ୍କବାଦ' ରୂପେ ଅଭିହିତ ହେଉଛି। ନ୍ୟାୟିକ ବ୍ୟବସ୍ଥାରେ ପ୍ରକୃତ ସତ୍ୟର ପ୍ରମାଣଭିତ୍ତିକ ତଥ୍ୟ ଉନ୍ମୋଚନ ଓ ମିଥ୍ୟାର ଆଧାରକୁ ସମ୍ବେଦନଶୀଳ ଓ ଗଭୀରତାର ସହ ଅନୁଧ୍ୟାନ କରିବାର ଉପଯୁକ୍ତ ସମୟ ଆସିଯାଇଛି। ●

ମୋ: ୯୪୩୭୧୨୩୮୯୨

## କ୍ରୀଡ଼ା ରାଜଧାନୀ ଓଡ଼ିଶା

ଲିନାନନ୍ଦିତା ପରିଡ଼ା

ପୂର୍ବ ଭାରତର ପ୍ରମୁଖ ରାଜ୍ୟ ଓଡ଼ିଶା ଏବେ ସମଗ୍ର ଦେଶରେ କ୍ରୀଡ଼ା ରାଜଧାନୀ ରୂପେ ପରିଚିତ। ରାଜ୍ୟର କୋଣାନୁକୋଣରେ ଥିବା ଲୋକମାନେ ଓଡ଼ିଶାରେ ଆୟୋଜିତ ପ୍ରତିଟି ଖେଳ ଦେଖିବା ସହ ଉଭୟ ଭାରତ ଓ ବିଦେଶୀ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମ୍‌ରେ ତ୍ରିରଙ୍ଗା ଧରି ବିପୁଳ ସଂଖ୍ୟାରେ ଉପସ୍ଥିତ ରହିବାର ଲକ୍ଷ୍ୟ କରାଯାଏ। ତେଣୁ ଅନେକ ସମୟରେ ଭାରତୀୟ ଖେଳାଳିମାନେ ଏଠାରେ ଘରୋଇ ଦର୍ଶକଙ୍କ ଆଗରେ ଚମତ୍କାର ନୈପୁଣ୍ୟତା ପ୍ରଦର୍ଶନ କରି ରେକର୍ଡ଼ ସୃଷ୍ଟି କରିବାର ଉଦାହରଣ ରହିଛି। ଦର୍ଶକମାନଙ୍କ ଖୋଲା ସମର୍ଥନ ପାଇଁ ଅନେକ ବିଦେଶୀ ଖେଳାଳି ଆମ ଓଡ଼ିଶାକୁ ପ୍ରଶଂସା କରିବା ସହିତ ଅତିଥିମାନେ ଏଠାକାର ଆତିଥ୍ୟରେ ବେଶ୍ ଖୁସି ଥିବା ଲକ୍ଷ୍ୟ କରାଯାଏ। ତେଣୁ ବିଭିନ୍ନ ସମୟରେ ଆମ ରାଜ୍ୟ ଆନ୍ତର୍ଜାତିକ କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିଆସୁଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ଦୂରଦୃଷ୍ଟି ଯୋଗୁଁ ଏହା ସମ୍ଭବପର ହୋଇପାରିଥିବା ବେଳେ ଭାରତୀୟ ହକି ଦଳର ପ୍ରାୟୋଜକ ଭାବେ ଓଡ଼ିଶା ୨୦୩୬ ମସିହା ଅର୍ଥାତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତେବର୍ଷ ପୂର୍ତ୍ତି ଅବସରରେ କ୍ରୀଡ଼ା କ୍ଷେତ୍ରରେ ଅନେକ ଗୌରବମୟ ଅଧ୍ୟାୟ ଯୋଡ଼ି ପାରିବ। ହକିର ଏନ୍ତୁଡିଶାଳ କୁହାଯାଉଥିବା ଓଡ଼ିଶାରେ ପ୍ରଥମ ଥର ପାଇଁ ୨୦୧୮ ଏବଂ ୨୦୨୩ ମସିହାରେ ପୁରୁଷ ହକି ବିଶ୍ୱକପ ସଫଳତାର ସହ ଆୟୋଜନ କରାଯାଇଥିଲା। ସେହିପରି କନିଷ୍ଠ ଏଫ୍‌ଆଇଏଚ୍ ହକି ବିଶ୍ୱକପ, ପ୍ରୋ ଲିଗ୍, ଏଫ୍‌ଆଇଏଚ୍ ଅଲମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ଆୟୋଜନ ହୋଇଥିଲା। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାଠାରେ ଥିବା



ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ସମ୍ପୂର୍ଣ୍ଣ ଭାବେ ବିଶ୍ୱସ୍ତରୀୟ ହେବା ସହ ପୃଥିବୀ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି।

ବିଶ୍ୱର ଅନ୍ୟତମ ଲୋକପ୍ରିୟ ଖେଳ ହେଉଛି ଫୁଟବଲ୍। ଏହାର ବିଭିନ୍ନ ଆନ୍ତର୍ଜାତିକ ପ୍ରତିଯୋଗିତା ଆମ ରାଜ୍ୟରେ ଅନୁଷ୍ଠିତ ହେଉଛି। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଏବଂ ୨୦ ବର୍ଷରୁ କମ୍ ସାଫ ଚାମ୍ପିଅନସିପ୍ ଆମ ରାଜ୍ୟ ସଫଳତାର ସହ ଆୟୋଜନ କରି ଢେର୍ ପ୍ରଶଂସା ସାଉଁଟିଛି। ଏତଦ୍‌ବ୍ୟତୀତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ା, ଚେସ୍, ସନ୍ତରଣ, ରଗବୀ, ଏସିଆନ୍ ଦୌଡ଼କୁଦ ପ୍ରତିଯୋଗିତା ପରି ଅନେକ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ଓଡ଼ିଶାରେ ଦେଖିବାକୁ ମିଳିଥିଲା। ଏହା ନୂତନ ଯୁବପିଢ଼ିଙ୍କୁ କ୍ରୀଡ଼ା ପାଇଁ ଆକର୍ଷିତ କରିବାରେ ସଫଳ ହୋଇଛି।

ଜାତୀୟସ୍ତରରେ ଆୟୋଜନ ହେଉଥିବା ଫୁଟବଲ ଲିଗ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଫୁଟବଲ ଦଳ ଓଡ଼ିଶା ଏଫ୍‌ସି ପ୍ରତିନିଧିତ୍ୱ କରୁଥିବା ବେଳେ ଖୋ ଖୋ ପାଇଁ ଓଡ଼ିଶା ଜଗରନଟସ୍, ଲିଜେଣ୍ଡସ୍ ଲିଗ୍ କ୍ରିକେଟ ଦଳ ଭାବେ କୋଣାର୍କ ସୂର୍ଯ୍ୟାସ୍, ହକିରେ କଳିଙ୍ଗ ଲାନ୍ସର୍ସ ପ୍ରମୁଖ ଦଳ ଆମ ରାଜ୍ୟ ପାଇଁ ଅନେକ ଗୌରବ ଆଣିଛନ୍ତି। ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ବିଶ୍ୱର ସର୍ବାଧିକ ଦର୍ଶକ ବସିପାରୁଥିବା ଷ୍ଟାଡିୟମ୍ ଭାବେ ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଅଧିକାର କରିଛି। ଏଠାରେ ମାତ୍ର ୧୫ ମାସ ମଧ୍ୟରେ 'ଅଲମ୍ପିକ୍ କ୍ରୀଡ଼ାଗ୍ରାମ' ପରି ୨୨୫ ଟି ହକି ଗ୍ରାମ ନିର୍ମାଣ କରାଯାଇଥିଲା, ଯାହାକି ଓଡ଼ିଶାର ହକି ପ୍ରତି ଥିବା ଶ୍ରଦ୍ଧା, ଆନ୍ତରିକତା ଓ ନିଷ୍ଠାର ଅନନ୍ୟ ନିଦର୍ଶନ। ସେହିପରି ଆନ୍ତର୍ଜାତିକ ଫୁଟବଲ ମ୍ୟାଚ ପାଇଁ ଛଅଟି ଫିଫା ମାନ୍ୟତାପ୍ରାପ୍ତ ଷ୍ଟାଡିୟମ୍ ରାଜ୍ୟରେ ନିର୍ମାଣ ହୋଇସାରିଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଟେନିସ ସେଣ୍ଟର, କେନ୍ଦୁଝରଠାରେ ଥିବା ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ଇତ୍ୟାଦି ନୂଆ ନୂଆ ପ୍ରତିଭାବାନ ଖେଳାଳି ସୃଷ୍ଟି କରିବା ପାଇଁ ସୁବର୍ଣ୍ଣ ସୁଯୋଗ ଓ ଯୁଗର ଆରମ୍ଭ କରିଛି କହିଲେ ଠିକ୍ ହେବ। ରାଜ୍ୟର ପ୍ରତିଟି ଷ୍ଟାଡିୟମ୍ ନିର୍ମାଣ ପାଇଁ ସରକାରୀ ତତ୍ପରତା ପ୍ରକାଶ ପାଇବା ସହ ପାଖାପାଖି ନବେଟି ଇଣ୍ଡୋର୍ ଷ୍ଟାଡିୟମ ନିର୍ମାଣ ସରିଛି।

ଆଗରୁ ଓଡ଼ିଶାରେ କ୍ରୀଡ଼ା ଆୟୋଜନ ଦିବାସ୍ୱପ୍ନ ଥିଲା। ବାରବାଟି ଷ୍ଟାଡିୟମ୍‌ରେ କାଁ ଭାଁ କ୍ରିକେଟ ମ୍ୟାଚ ଆୟୋଜିତ ହେଉଥିବା ବେଳେ ଦର୍ଶକମାନେ ଏହାକୁ ଦେଖିବା ପାଇଁ ଚାତକ ପରି ଚାହିଁ ବସୁଥିଲେ। ସେହିପରି ଆଇପିଏଲ୍ ମୁକାବିଲା ବି ଏଠାରେ ମାତ୍ର ଦୁଇଟି ସିଜିନ୍‌ରେ ଆୟୋଜିତ ହୋଇଛି। କ୍ରିକେଟ ଆୟୋଜନରେ ଓଡ଼ିଶାରେ ପଛରେ ପଡ଼ିଥିଲେ ସୁଦ୍ଧା ଅନ୍ୟ କ୍ରୀଡ଼ା ପ୍ରତି ଦର୍ଶକଙ୍କ ପସନ୍ଦ ଓ ସମର୍ଥନ ଯୋଗୁଁ ସେଗୁଡ଼ିକର ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସଫଳ ଆୟୋଜନ ଓ ଭିତ୍ତିଭୂମି ରାଜ୍ୟ କ୍ରୀଡ଼ା ଇତିହାସକୁ ଗୌରବାନ୍ୱିତ କରିଛି। ●

ଭୁବନେଶ୍ୱର, ମୋ: ୭୦୦୮୩୯୬୩୬୦

## ପଞ୍ଚଅମୃତ-ପଞ୍ଚମହୌଷଧି

### ବେଦ-ବିଜ୍ଞାନ

ଓଜସ୍ୱିନୀ

ବୈଦିକ ପୂଜାବିଧି ଓ କର୍ମକାଣ୍ଡରେ ପଞ୍ଚାମୃତ ଏକ ଅପରିହାର୍ଯ୍ୟ ଆବଶ୍ୟକତା। କ୍ଷୀର, ଦହି, ମହୁ, ସର୍କରା(ଚିନି/ଗୁଡ଼/ନବାତ) ଓ ଘିଅକୁ ମିଶାଇ ପ୍ରସ୍ତୁତ ହୋଇଥାଏ ପଞ୍ଚାମୃତ। ପଞ୍ଚାମୃତ ବିନା ଶ୍ରୀବିଷ୍ଣୁଙ୍କ ପୂଜାର୍ଚ୍ଚନା ଅସମ୍ପୂର୍ଣ୍ଣ। ସେହିପରି ଜାତକରେ ଚନ୍ଦ୍ରଦୋଷରୁ ମୁକ୍ତି ପାଇଁ ପଞ୍ଚାମୃତରେ ରୁଦ୍ରାଭିଷେକ କରଣୀୟ ବୋଲି ଜ୍ୟୋତିଷଶାସ୍ତ୍ରରେ ଉଲ୍ଲେଖ ରହିଛି। ଭିନ୍ନଭିନ୍ନ ଅଭିଷ୍ଟ ସିଦ୍ଧି ଓ ବାଞ୍ଛିତ ଫଳପ୍ରାପ୍ତି ପାଇଁ ଭିନ୍ନଭିନ୍ନ ଦିବ୍ୟଦ୍ରବ୍ୟରେ ଶିବଲିଙ୍ଗରେ ଅଭିଷେକର ପ୍ରଥା ବୈଦିକ କର୍ମକାଣ୍ଡରେ ବର୍ଣ୍ଣିତ। ଯଥା - ପୟାଭିଷେକ, ପୀୟୂଷାଭିଷେକ, କ୍ଷୀରାଭିଷେକ, ଘୃତାଭିଷେକ, ଦଧ୍ୟାଭିଷେକ। ପଞ୍ଚାମୃତରେ ଶିବାଭିଷେକ କଲେ ଏହି ସମସ୍ତ ପୂଜାର୍ଚ୍ଚନାର ଫଳ ମିଳେ। ପଞ୍ଚାମୃତରେ ତୁଳସୀ ମଞ୍ଜରୀ ଓ ଗଙ୍ଗାଜଳ ମିଶାଇବାର ବିଧି ସପକ୍ଷରେ ମଧ୍ୟ କେତେକ ପଣ୍ଡିତ ମତ ଦେଇଥା'ନ୍ତି। ଦକ୍ଷିଣ ପାପୁଲିମଝିରେ ପଞ୍ଚାମୃତ ରଖି ତା' ତଳେ ବାମ ପାପୁଲି ରଖି ପଞ୍ଚାମୃତ ସେବନ କରିବା ଏବଂ ତା' ପରେ ଦକ୍ଷିଣ ହସ୍ତକୁ ମୁଣ୍ଡରେ ଲଗାଇବାର ବିଧି ରହିଛି। ଏହା ଧର୍ମବିଶ୍ୱାସ ଓ ଆସ୍ଥାର ପ୍ରସଙ୍ଗ। ପଞ୍ଚାମୃତରେ ପଞ୍ଚଗବ୍ୟର ପ୍ରଥମ ତିନିଟି ଉପାଦାନର ସମାହାର ହୋଇଥିବାରୁ ଏହା ଅତ୍ୟନ୍ତ ପବିତ୍ର। ତେଣୁ ତାହା ଭୂମି ଉପରେ କିମ୍ବା ପାଦରେ ପଡ଼ିବା ଉଚିତ ନୁହେଁ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି।

ପଞ୍ଚାମୃତ ସେବନ କରିବା ପଛରେ ଏହିସବୁ ଆଧ୍ୟାତ୍ମିକ କାରଣ ସମେତ କେତେକ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଆୟୁର୍ବିଜ୍ଞାନ ଅନୁସାରେ, ପଞ୍ଚାମୃତ ସେବନ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ। ସେଥିରେ ଥିବା କ୍ଷୀରରେ ଭିଟାମିନ୍ ବି-୧୨, ଭିଟାମିନ୍ ଡି ଓ କ୍ୟାଲ୍‌ସିୟମ୍ ଉପାଦାନ ଶରୀରକୁ ପୁଷ୍ଟି ଯୋଗାଇବା ସହ ଶରୀରର ବିଷାକ୍ତ ପ୍ରକ୍ରିୟାକୁ ନଷ୍ଟ କରେ। ମନକୁ ଶାନ୍ତ କରିବା ସହିତ ଅବସାଦ ଦୂର କରେ। ଦହିରେ ଥିବା ଆମିନୋ ଏସିଡ୍ ଓ ଏନ୍‌ଜାଇମ ଆଦି ଜୈବରସାୟନ ଉପାଦାନ ବୀଜାଣୁ ବିଘଟକ ରୂପେ କାର୍ଯ୍ୟକରେ। ଏହାଦ୍ୱାରା ପାଚନକ୍ରିୟା ସତ୍ୱର ଓ ସାବଲୀଳ ହୁଏ। ଏକାଗ୍ରତା ବୃଦ୍ଧି ସହିତ ଚର୍ମର ଔଜଲ୍ୟ ପ୍ରକଟିତ ହୁଏ। ମହୁ ଦ୍ୱାରା ଅତିରିକ୍ତ ଚର୍ବି ଓ ପିତ୍ତ ନାଶ ହୋଇଥାଏ। ପାପୁଲିରେ ରଖି ମହୁ ସେବନ ଦ୍ୱାରା ସ୍ନାୟୁତନ୍ତ୍ରୀ ସକ୍ରିୟ ହୋଇ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୁଏ। ସର୍କରା କାର୍ବୋହାଇଡ୍ରେଡ୍ ରୂପେ ଶରୀରକୋଷକୁ ଶକ୍ତି ଯୋଗାଇଥାଏ ଏବଂ ଆଳସ୍ୟ ଦୂର କରେ। ସ୍ୱରକୁ ମଧୁର କରିବା ସହିତ ଅନିଦ୍ରା ଦୂର କରିଥାଏ। ଘିଅରେ ଥିବା ଭିଟାମିନ୍ ଏ, ଭିଟାମିନ୍ ଡି, ଭିଟାମିନ୍ କେ, ଓମେଗା-୩, ଓମେଗା-୯ ଦ୍ୱାରା ଶରୀରକୁ ଶକ୍ତି ଓ ପୁଷ୍ଟି ମିଳେ ଓ ହାଡ଼ ଶକ୍ତ ହୋଇଥାଏ। ଦୃଷ୍ଟିଶକ୍ତିଜନିତ ସମସ୍ୟା ଦୂର ହୁଏ। ପ୍ରତିଦିନ ନିର୍ଦ୍ଦିଷ୍ଟ ପରିମାଣର ପଞ୍ଚାମୃତ ସେବନ କରିବା ଦ୍ୱାରା କର୍କଟ, ହୃଦ୍‌ଘାତ, କୋଷ୍ଠକାଠିନ୍ୟ, ଅବସାଦ, ଉଚ୍ଚ ରକ୍ତଚାପ ଆଦି ସମସ୍ୟା ଦୂର ହୁଏ ବୋଲି ଆୟୁର୍ବେଦରେ ବର୍ଣ୍ଣନା ରହିଛି। କିନ୍ତୁ ଏହା ନିର୍ଦ୍ଦିଷ୍ଟ ପରିମାପକ ଠାରୁ ଅଧିକ ହେଲେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ପଞ୍ଚାମୃତକୁ ସୂର୍ଯ୍ୟାସ୍ତ ପୂର୍ବରୁ ପ୍ରସ୍ତୁତ କରିବା ଏବଂ ସେବନ କରିବା ଉଚିତ ବୋଲି ଶାସ୍ତ୍ରରେ କୁହାଯାଇଛି। ଏହା ପଛରେ ମଧ୍ୟ ଏକ ବୈଜ୍ଞାନିକ କାରଣ ରହିଛି। କାରଣ ସୂର୍ଯ୍ୟାସ୍ତ ପରେ ପଞ୍ଚାମୃତର ଦ୍ରବ୍ୟମାନ ପରସ୍ପର ସହିତ ଏକ ରାସାୟନିକ ବିଷ ପ୍ରକ୍ରିୟା ସୃଷ୍ଟି କରିଥା'ନ୍ତି। ଏହାର ସେବନ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ତେଣୁ ପଞ୍ଚାମୃତ ସେବନକୁ ବୈଦିକ ଓ ବିଜ୍ଞାନ, ଉଭୟ ଦିଗରୁ ଉତ୍ତମ ବୋଲି କୁହାଯାଇଛି।

ପଞ୍ଚାମୃତ ଦ୍ୱାରା ପୂଜାଉପଚାର ମୁଖ୍ୟତଃ ହିନ୍ଦୁ ଓ ଜୈନ ଧର୍ମରେ ଅଧିକ ଦେଖିବାକୁ ମିଳେ। ଭାରତରେ ସ୍ଥଳବିଶେଷରେ ପଞ୍ଚାମୃତର ଉପାଦାନ ମଧ୍ୟ ଭିନ୍ନ ଥାଏ। ତାମିଲ୍‌ନାଡୁରେ 'ପଞ୍ଚମ୍ରିତମ୍' ନାମରେ ଏହା ବିଦିତ ଥିବା ବେଳେ ଏହା କଦଳୀ, ଘିଅ, ମହୁ, ଗୁଡ଼, ଗୁଜରାତି, ଖଜୁରା ଓ ମିଶ୍ରିରେ ପ୍ରସ୍ତୁତ ହୁଏ। କେରଳରେ ପ୍ରସ୍ତୁତ ପଞ୍ଚାମୃତରେ ନଡ଼ିଆ ଦାନା ଓ ଅଙ୍ଗୁର ମିଶାଯାଏ। ତାମିଲ୍‌ନାଡୁର ପାଲାନି ପର୍ବତ ସ୍ଥିତ ପାଲାନି ଧନଦାୟିତ୍ତପାନି ମନ୍ଦିରର ପଞ୍ଚାମୃତ ସ୍ୱତନ୍ତ୍ର ହୋଇଥିବାରୁ ଏହା ଜିଆଇ ମାନ୍ୟତା ପାଇଛି। ●

ମୋ: ୭୯୭୮୦୩୮୭୯୯

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଚିନ୍ତାରେ କମିସନରେଟ୍ ପୁଲିସ

ଭୁବନେଶ୍ୱର, ୧୯।୧୨(ସମିସ): ଗତବର୍ଷ ନଭେମ୍ବର ମାସ ସୁଦ୍ଧା ଦ୍ୱୈତନଗରୀରେ ୧୭ହଜାର ୬୭୫ଟି ମାମଲା ରୁଜୁ ହୋଇଥିଲା। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ୨୦ହଜାର ୧୯ଟି ମାମଲା ରୁଜୁ ହୋଇଛି। ଗତବର୍ଷ ତୁଳନାରେ ୨୩୪୪ଟି ମାମଲା ଅଧିକ ହୋଇଥିବାବେଳେ ଗୁରୁତର ଅପରାଧ ମାମଲା ସଂଖ୍ୟା ହ୍ରାସ ଘଟିଛି ବୋଲି ପୁଲିସ କମିସନର ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। କମିସନରେଟ୍ ପୁଲିସ ଅଞ୍ଚଳର ଅପରାଧ ନିୟନ୍ତ୍ରଣ ଓ ଅନୁସନ୍ଧାନ ସ୍ଥିତିରେ ସମୀକ୍ଷା କରି ପୁଲିସ କମିସନର ଏଭଳି ମତ ଦେଇଛନ୍ତି। କଟକ ଓ ଭୁବନେଶ୍ୱର ବା ଦ୍ୱୈତନଗରୀ ଥାନାଗୁଡ଼ିକରେ ମାମଲା ବଢୁଥିବାରୁ କମିସନରେଟ୍ ପୁଲିସ ଲାଗି ଅଡୁଆ ବଢୁଛି। ଥାନାଗୁଡ଼ିକରେ ମାମଲା ସଂଖ୍ୟା ବଢୁଥିବାରୁ ପୁଲିସ କର୍ମଚାରୀଙ୍କ ଉପରେ ଚାପ ପଡୁଛି। ବିଶେଷକରି ଗତ କିଛି ମାସ ମଧ୍ୟରେ ସହରରେ ଆଇନ୍‌ଶୃଙ୍ଖଳା ବିଗିଡ଼ିବା ସହ ଅଧିକ ସଂଖ୍ୟକ ମାମଲା ରୁଜୁ ହେଉଥିବା ଅଭିଯୋଗ ହୋଇଛି। ଏଥିସହ ମାର୍‌ପିଟ୍ ଓ ଗଣ୍ଡଗୋଳଜନିତ ମାମଲା ବଢ଼ିବା ସହ କଟକରେ ନାରୀ ନିର୍ଯାତନା ମାମଲା ସାମାନ୍ୟ ବୃଦ୍ଧି ଘଟିଥିବା କୁହାଯାଉଛି।

ପୁଲିସର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ୧୧ ମାସରେ ଦ୍ୱୈତନଗରୀରେ ୨୦ହଜାର ୧୯ଟି ମାମଲାରୁ ଭୁବନେଶ୍ୱରରେ ୧୩ହଜାର ୪୧୧ଟି ଓ କଟକରେ ୬ହଜାର ୬୦୮ଟି ମାମଲା ରୁଜୁ ହୋଇଛି। ଅନୁରୂପ ଭାବେ ୨୦୨୩ରେ ଦ୍ୱୈତନଗରୀରେ ୧୭ହଜାର ୬୭୫ଟି ମାମଲାରୁ ଭୁବନେଶ୍ୱରରେ ୧୦ହଜାର ୮୭୩ ମାମଲା ଓ କଟକରେ ୬୮୦୨ ମାମଲା ରୁଜୁ



**ଭୁବନେଶ୍ୱରରେ ୧୩ ହଜାର; କଟକରେ ୬୬୦୮**

**ରାଜଧାନୀରେ ବଢୁଛି; କଟକରେ କମୁଛି**

**ଗତବର୍ଷ ତୁଳନାରେ ବଢ଼ିଛି ମାମଲା**

ହୋଇଛି। ଏହି ତଥ୍ୟ ଦେଖିଲେ ଭୁବନେଶ୍ୱର ତୁଳନାରେ କଟକରେ ଅଧା ମାମଲା ରୁଜୁ କରାଯାଉଛି। କମିସନରେଟ୍ ପୁଲିସ ଅଧୀନରେ ଥିବା ପ୍ରାୟ ୪୫ଟି ମାମଲାରେ ଏହି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏନେଇ ପୁଲିସ କମିସନର ଦେବଦତ୍ତ ସିଂ କହିଛନ୍ତି, ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ କିଛି ମାତ୍ରାରେ ଅଭିଯୋଗ ବୃଦ୍ଧି ହୋଇଛି। ବିନା ବାଧାରେ ଅଭିଯୋଗ ଗ୍ରହଣ କରିବାକୁ ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଥାନାକୁ ଆସୁଥିବା ଅଭିଯୋଗକାରିଣୀଙ୍କୁ ଅତିଥି ହିସାବରେ ବ୍ୟବହାର କରାଯାଉଛି। ଅଭିଯୋଗକାରୀଙ୍କ କଥା ଶୁଣିବା ସହ ଅଭିଯୋଗପତ୍ର ଆଧାରରେ ମାମଲା ରୁଜୁ କରିବାକୁ କୁହାଯାଇଛି। ଗତ ବର୍ଷ ଅପେକ୍ଷା ଭୁବନେଶ୍ୱର ସହରାଞ୍ଚଳରେ ମାମଲା ବଢ଼ିଥିବାବେଳେ କଟକରେ କମିଛି ବା ସ୍ଥିର ରହିଛି। ମାର୍‌ପିଟ୍, ବିବାଦ ଓ ଝଗଡ଼ା ହେବାରୁ ଥାନାଗୁଡ଼ିକରେ ମିସ୍‌ଲାନିୟସ୍ ମାମଲାରେ ବୃଦ୍ଧି ହୋଇଛି। ଅନୁରୂପ ଭାବେ ଭୁବନେଶ୍ୱରରେ ହତ୍ୟା, ଦୁଷ୍କର୍ମ, ଛିନ୍‌ତାଇ, ରାହାଜାନୀ ଓ ଡକାୟତି ମାମଲା କ୍ରମଶଃ ହ୍ରାସ ହୋଇଛି। ସମାନ ଭାବେ ଏଭଳି ଗୁରୁତର ମାମଲାରେ ହ୍ରାସ ଦେଖାଦେଇଛି। ତେବେ କଟକରେ ଦୁଷ୍କର୍ମ ଛଡ଼ା ନାରୀ ନିର୍ଯାତନା ସମ୍ବନ୍ଧୀୟ ମାମଲା ସାମାନ୍ୟ ବୃଦ୍ଧି ଘଟିଛି। ଅପରାଧ ରୋକିବା ସହ ଅପରାଧ ହେବା ପରେ ଅନୁସନ୍ଧାନ କରି ଅପରାଧୀଙ୍କୁ ଦଣ୍ଡିତ କରିବାକୁ ଗୁରୁତ୍ୱ ଦିଆଯାଉଥିବା ପୁଲିସ କମିସନର ଶ୍ରୀ ସିଂ ସୂଚନା ଦେଇଛନ୍ତି।

ଗୁରୁବାର କମିସନରେଟ୍ ପୁଲିସ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପରାଧର ତଦନ୍ତ ଓ ନିୟନ୍ତ୍ରଣ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତଭାବେ ଆଲୋଚନା କରାଯାଇଛି। ଅପରାଧୀଙ୍କୁ ଦମନ ସହ ଅଭିଯୋଗକାରୀଙ୍କୁ ଭଲ ବ୍ୟବହାର ଦେଖାଇବା ପାଇଁ ବରିଷ୍ଠ ଅଧିକାରୀମାନେ ଗୁରୁମନ୍ତ୍ର ଦେଇଥିଲେ। ଦ୍ୱୈତନଗରୀରେ ଯେଉଁସବୁ ମାମଲା ବଢୁଛି, ସେ ଉପରେ ଅଧିକ ନଜର ରଖିବା ସହ ଅପରାଧୀଙ୍କୁ ସାବାଡ଼ କରିବାକୁ କୁହାଯାଉଛି। ଏହାକୁ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ସହ କମ୍ୟୁନିଟି ପୁଲିସିଂ ଓ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୁଲିସ କମିସନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପିନାକ୍ ମିଶ୍ର, କଟକ ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି, ଡିସିପି ମୁଖ୍ୟାଳୟଙ୍କ ସମେତ ଦ୍ୱୈତନଗରୀର ସମସ୍ତ ଥାନାଧିକାରୀ, ଏସିପି, ଅତିରିକ୍ତ ଡିସିପିମାନେ ଉପସ୍ଥିତ ଥିଲେ। ଏହି ଅବସରରେ 'ବସ୍ତିକୁ ଚାଲ' ଅଭିଯାନର ବହି ଲୋକାର୍ପିତ ହୋଇଥିଲା।

**୨୦୨୪ ନଭେମ୍ବର ୧୫ ସୁଦ୍ଧା ରିପୋର୍ଟ...**

| ଥାନା | ମାମଲା |
|---|---|
| ଏୟାରଫିଲ୍ଡ | ୩୭୭ |
| ଏୟାରପୋର୍ଟ | ୩୭୨ |
| ବଡ଼ଗଡ଼ | ୭୭୯ |
| ବାଲିଅନ୍ତା | ୬୧୨ |
| ବାଲିପାଟଣା | ୫୨୭ |
| ଭରତପୁର | ୮୨୫ |
| କ୍ୟାପିଟାଲ | ୬୧୯ |
| ଚନ୍ଦକା | ୪୧୦ |
| ତମାଣ୍ଡୋ | ୪୫୮ |
| ପାହାଳ | ୫୩୧ |
| ସହିଦନଗର | ୫୩୭ |
| ନନ୍ଦନକାନନ | ୩୫୮ |
| ନୂଆପଲ୍ଲୀ | ୭୫୪ |
| ଚନ୍ଦ୍ରଶେଖରପୁର | ୯୪୪ |
| ଧଉଳି | ୨୯୦ |
| ଇନ୍‌ଫୋସିଟି | ୫୯୫ |
| ଇନ୍‌ଫୋଭ୍ୟାଲି | ୩୩୦ |
| ଜଟଣୀ | ୫୧୨ |
| ଖଣ୍ଡଗିରି | ୮୭୬ |
| ଖାରବେଳନଗର | ୫୪୯ |
| ଲକ୍ଷ୍ମୀସାଗର | ୬୪୯ |
| ଲିଙ୍ଗରାଜ | ୩୨୫ |
| ମହିଳା | ୨୧୦ |
| ମୈତ୍ରୀବିହାର | ୫୬୦ |
| ମଞ୍ଚେଶ୍ୱର | ୬୯୨ |

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଟାଙ୍ଗୀ, ୧୯ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ଟାଙ୍ଗୀ ବିଦ୍ୟାପୀଠ ଖେଳପଡ଼ିଆରେ ବାର୍ଷିକ ଦୁଇଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଇକବାଲ ହୁସେନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଡିଓ ଶାଶ୍ୱତ କୁମାର ଜେନା ଯୋଗଦେଇଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦଘାଟନ ଦିବସରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ଦେବୀ ଯୋଗ ଦେଇଥିଲେ। ଦୁଇଦିବସୀୟ ପ୍ରତିଯୋଗିତାରେ କ୍ରୀଡ଼ା ପ୍ରଶିକ୍ଷକ ଶତ୍ରୁଘ୍ନ ସାହୁ, ଅନିଲ ମହାନ୍ତି ଓ ଅଧ୍ୟାପକ ଶରତ କୁମାର ଖୁଣ୍ଟିଆ ପରିଚାଳନା କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ତଥା ଅଧ୍ୟାପିକା ଡ. ବିଲକେଶ ପରବିନ ସହଯୋଗ କରିଥିଲେ। ଅଧ୍ୟାପକ ଅମୀୟ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଶରତ କର-ଅନିମା କର ଫାଉଣ୍ଡେସନ ପକ୍ଷରୁ ବୈରାଗୀ ମିଶ୍ରଙ୍କ ଜୟନ୍ତୀ



ମାହାଙ୍ଗା, ୧୯ ।୧୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଜନ୍ମମାଟି ଗୁଣ୍ଡୁପୁର ବରୁଣାଇ ପଡ଼ିଆ ପ୍ରାଙ୍ଗଣରେ ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ ସଂସ୍କାରକ ବୈରାଗୀ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରବୀନ୍ଦ୍ର ନାଥ କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଜ୍ୟୋତିର୍ବିଦ ରବୀନ୍ଦ୍ରନାଥ ପାଣି, ସମ୍ମାନିତ ଅତିଥିଭାବେ ସମାଜସେବୀ ପ୍ରଦୀପ୍ତ କର, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ମନୋରଞ୍ଜନ ବେହୁରା, ସମ୍ମାନିତ ବକ୍ତାଭାବେ କବି ପ୍ରଶାନ୍ତ କର, ଅତିଥିଭାବେ ପୂର୍ବତନ ସମିତିସଭ୍ୟ ରୁଦ୍ର ନାରାୟଣ ସିଂହ, ରାମଚନ୍ଦ୍ର ବେହେରା, ରାମଚନ୍ଦ୍ର ମହାପାତ୍ର, ସେକ ଅବଦୁଲ କୁଦୁସ ପ୍ରମୁଖ ମହାନ ସାରସ୍ୱତ ସାଧକ, ନୀତିନିଷ୍ଠ, ସ୍ୱଷ୍ଟବାଦୀ, ନିର୍ଭିକ ସଂଗ୍ରାମୀ ପୁରୁଷ ଥିଲେ ବୋଲି କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାଜସେବୀ କପିଳଚନ୍ଦ୍ର ରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସଂଯୋଜକ ଶୁଭେନ୍ଦୁ ସାମଲ ଧନ୍ୟବାଦ ଦେଇଥିଲେ। କାର୍ତ୍ତିକ ବେହାରୀ, ପ୍ରୀତିରଞ୍ଜନ ସାମଲ, ଅଜୟ ରାଉତ, ବିଭୂତି ସାହୁ, ମାଧବ ପଲେଇ, ସମଶେର ଖାଁଙ୍କ ସମେତ ବହୁ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ନିଶ୍ଚିନ୍ତକୋଇଲି, ୧୯।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କୁଟିଲୋ ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶିବାନନ୍ଦ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷା ସସ୍ମିତା ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଦିଲ୍ଲୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବିଜୟ ନାୟକ, ମହେଶ୍ୱର ରାଉତ, ଦୀପକ ରଞ୍ଜନ ରାଉତ, ଜ୍ୟୋତିକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରି ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ସଚେତନତାଧର୍ମୀ ନାଟକ ପରିବେଷଣ



କନ୍ଦରପୁର, ୧୯।୧୨(ସମିସ): ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟର ଦଶମ ପ୍ରତିଷ୍ଠା ଦିବସ ଅବସରରେ ସଚେତନତାଧର୍ମୀ ନାଟକ ବିମଳ ଓ ବିଷ୍ଣୁପ୍ରିୟା କାହାଣୀ ପରିବେଷଣ କରାଯାଇଛି। ଏହି ନାଟକଟି ଦର୍ଶକଙ୍କ ଖୁବ୍ ମନମୁଗ୍ଧ କରିଥିଲା। ବହୁବିଧ ସେବାରେ ବ୍ରତି ଏହି ଟ୍ରଷ୍ଟ ଅସହାୟ ଲୋକଙ୍କ ସେବା, କର୍କଟ ରୋଗୀଙ୍କୁ ସେବା ସହଯୋଗ, ରକ୍ତଦାନ ଶିବିର, ଅଙ୍ଗଦାନ ସଚେତନତା, ପରିବେଶ ସୁରକ୍ଷା, କମ୍ବଳ ଓ ଖାଦ୍ୟ ବଣ୍ଟନ, ନିୟମିତ ଏସସିବି କଟକ ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ରୋଗୀଙ୍କୁ ରକ୍ତ ଯୋଗାଇବାରେ ନିଜକୁ ସବୁବେଳେ ସାମିଲ କରିଆସିଛି। ଏହି ମହାନ୍ ଚିନ୍ତା ଚେତନା ଅନନ୍ୟ ଆଦର୍ଶରେ ଅନୁପ୍ରାଣିତ ସମାଜସେବୀ, ରକ୍ତଦାତା ଇଂ ବିମଳଚନ୍ଦ୍ର ଦାସ ବିସିଟିର

## କାରଖାନାରେ ପୂର୍ଣ୍ଣ ଆପାତକାଳୀନ ସୁରକ୍ଷା ଅଭ୍ୟାସ

ଚୌଦ୍ୱାର, ୧୯।୧୨(ସମିସ): କାରଖାନା ମଧ୍ୟରେ ଆପାତକାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଚୌଦ୍ୱାରସ୍ଥିତ ଇମ୍ଫା ଶିଳ୍ପ ଗୋଷ୍ଠୀ ଦ୍ୱାରା ଏକ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀରେ ଦୈନନ୍ଦିନ କାର୍ଯ୍ୟକ୍ରମ ଚାଲୁ ରହିଥିବା ସମୟରେ କୌଣସି ପ୍ରକାର ଆପାତକାଳୀନ ପରିସ୍ଥିତି ସୃଷ୍ଟି ହେଲେ ତାହାକୁ ରୋକିବା ପାଇଁ କେଉଁ ପ୍ରକାରର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେଥିନିମନ୍ତେ କାରଖାନା ପରିସରରେ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କଟକ ଶାଖାର ସହ ନିର୍ଦ୍ଦେଶକ ମନୋଜ ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା, ଚୌଦ୍ୱାର ଅଗ୍ନିଶମ କାର୍ଯ୍ୟାଳୟଅଧିକାରୀ ବିଷ୍ଣୁପ୍ରସାଦ ଦାସ ପ୍ରମୁଖ ଅତିଥି ଶିଳ୍ପାନୁଷ୍ଠାନ ଓ କାରଖାନାରେ ସୁରକ୍ଷା ଅବଲମ୍ବନ ଉପରେ ଗୁରୁତ୍ୱାରୋପ କରିଥିଲେ। ଇମ୍ଫାର ମାନବସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ନିକଟସ୍ଥ ଆରତୀ ଷ୍ଟିଲ, ଜେକେ ଲକ୍ଷ୍ମୀ ସିମେଣ୍ଟ ଏବଂ ଭାରତ ସିମେଣ୍ଟରୁ ଆସିଥିବା ଅଧିକାରୀଗଣ ମତାମତ ପ୍ରଦାନ କରିଥିଲେ।



## ବିଦ୍ୟାଳୟରେ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ



କିଶନନଗର, ୧୯।୧୨(ସମିସ): କିଶନନଗର ଅଞ୍ଚଳର ସର୍ବପୁରାତନ ଅଣସରକାରୀବିଦ୍ୟାଳୟଭାବେ ୧୯୮୪ରେ ସ୍ଥାପିତ ରାଜକୃଷ୍ଣ ଶିଶୁ ନିକେତନ, ଯାହାକି ଓଡ଼ିଶାର ପ୍ରଥମ ରାଜବନ୍ଦୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ନାମରେ ନାମିତ। ଡିସେମ୍ବର ୧୭ ତାରିଖରେ ତାଙ୍କ ପବିତ୍ର ଜନ୍ମ ତିଥିରେ ବିଦ୍ୟାଳୟରେ ଜୟନ୍ତୀ ଉତ୍ସବ ପାଳନ ହୋଇଯାଇଛି। ସକାଳେ ରାଜକୃଷ୍ଣ ଶିଶୁ ନିକେତନର ଅଧ୍ୟୟନରତ ଛାତ୍ର, ଛାତ୍ରୀମାନେ କିଶୋରନଗର ଥାନା ଠାରୁ ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହିତ ପ୍ରଭାତ ଫେରିରେ ବାହାରି ହାଟବଜାର ସ୍ଥିତ ରାଜକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ଭକ୍ତି ପୂର୍ଣ୍ଣ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ପରେ ପରେ ବିଦ୍ୟାଳୟରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଅଦୈତା ନନ୍ଦ, ମୁଖ୍ୟବକ୍ତା ଭାବେ ଡା. କିଶୋର ଚନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ ସାଧୁଚରଣ ଜେନା, ଛତ୍ରପତି ସିଂ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରଦୀପ୍ତ ଗୁଇଁ, ଉପସଭାପତି ରାଣାପ୍ରତାପ ବୋଷ, ସମ୍ପାଦକ ଚନ୍ଦନ ନନ୍ଦୀ, ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ବାରିକ, କୋଷାଧ୍ୟକ୍ଷ ଶରତଚନ୍ଦ୍ର ଜେନା, ଉପଦେଷ୍ଟା ସୀତାରାମ ପଣ୍ଡା, କିଶୋରନଗର ବିକାଶ ମଞ୍ଚ ସଭାପତି ସୟଦ ସାଜିଦ ଅଲ୍ଲୀ, ମହମ୍ମଦ ଅଶୋ ଅଲ୍ଲୀ, ରଞ୍ଜନ ରାଉତ, ରବୀନ୍ଦ୍ର ପଲେଇ, ଦୀପକ ମଣ୍ଡଳ, ପ୍ରଧାନ ଶିକ୍ଷୟିତ୍ରୀ ପୂଜାରୀ ଦାସ, ଗୁରୁମା ଶୁଭଲକ୍ଷ୍ମୀ ବେହେରା, ଗୁରୁମା ରୋନାଲିସା ବେହେରା, ପୂଜା ବାରିକ, ଗାୟତ୍ରୀ ବାରିକ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ସ୍ମୃତିସଭା

କନ୍ଦରପୁର, ୧୯ ।୧୨(ସମିସ): କର୍ମବୀର, ସ୍ୱାଧୀନତା ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ୬୩ତମ ମହାପ୍ରୟାଣ ଦିବସରେ ଇଂ ଗୁଣନିଧି ମହାନ୍ତି ସ୍ମୃତି କମିଟି ୪୨ ମୌଜା ତରଫରୁ ତାଙ୍କ ଜନ୍ମ ସ୍ଥାନ ଦେଉଳିଠାରେ ଭୀମଭୋଇ କମ୍ୟୁନିଟି ସେଣ୍ଟରରେ ପାଳିତ ହୋଇଯାଇଛି। କମିଟି ଅବାହକ ନାଟ୍ୟକାର ସନ୍ତୋଷ ପତିଙ୍କ ଆବାହନକ୍ରମେ ଅନୁଷ୍ଠିତ ସଭାରେ ଶରତ ରାୟ ସଭାପତିତ୍ୱ କରିଥିବା ସହ ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏହି ଅବସରରେ କମିଟିର ଆବାହକ ସନ୍ତୋଷ ପତି ଗୁଣନିଧି ମହାନ୍ତିଙ୍କ ତ୍ୟାଗପୂତ ଜୀବନ, ଦେଶସେବା, ସ୍ୱଦେଶୀ ଆନ୍ଦୋଳନ, ଭୂଦାନ ଆନ୍ଦୋଳନ ଯୋଗଦାନ ସହ ନିଜର ସର୍ବସ୍ୱ ଦେଶ ପାଇଁ ଦାନ କରିବା ଉପରେ ଆଲୋକପାତ କରିଥିଲେ। ବିଗତ ଦିନରେ ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା ଓ ସାଂସଦଙ୍କ ମାଧ୍ୟମରେ ଦଳମତ ନିର୍ବିଶେଷରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ସମ୍ମିଳିତ ଦସ୍ତଖତ ଜରିଆରେ ରାଜ୍ୟ ସଂସ୍କୃତି ବିଭାଗକୁ ଦାବି ଉପସ୍ଥାପନ କରାଯାଇଥିଲା। ଗୁଣନିଧି ମହାନ୍ତିଙ୍କ ଗ୍ରାମକୁ ସ୍ୱାଧୀନତା ସଂଗ୍ରାମୀ ଆନ୍ଦୋଳନ ଆଦର୍ଶ ଗ୍ରାମ ଘୋଷଣା ସହ ତାଙ୍କ ଜନ୍ମ ସ୍ଥାନରେ ସ୍ମୃତିସ୍ତମ୍ଭ ନିର୍ମାଣ ନିମନ୍ତେ ପୁଣି ଥରେ ଆଜିର କାର୍ଯ୍ୟକ୍ରମରେ ନିବେଦନ କରାଯାଇଥିଲା।

## ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



କନ୍ଦରପୁର, ୧୯।୧୨(ସମିସ): ୪୨ମୌଜା ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ସଂକୀର୍ତ୍ତନ ପ୍ରେମୀ ସ୍ୱର୍ଗତ ପୂର୍ଣ୍ଣାନନ୍ଦ କରଙ୍କ ୪୪ ତମ ଶ୍ରାଦ୍ଧ ଦିବସରେ ଗରିବ ଅସହାୟ ବ୍ୟକ୍ତି ବିଶେଷଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସ୍ୱର୍ଗତ ପୂର୍ଣ୍ଣାନନ୍ଦ କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ପୂର୍ଣ୍ଣାନନ୍ଦ କର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କର ନିଜ ଗ୍ରାମ ଶ୍ରୀରାମ, ଆଇତଲଙ୍ଗ ଏବଂ ବହଳପଡ଼ା ଗ୍ରାମର ଅସହାୟ ବ୍ୟକ୍ତି ବିଶେଷଙ୍କୁ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ଗୋଲକ ବିହାରୀ ପତି, କେଦାର ଚନ୍ଦ୍ର କର, ଉଦକୃଷ୍ଣ ଲେଙ୍କା, ପ୍ରମୋଦ ମହାପାତ୍ର, ହେମନ୍ତ ପାତ୍ର, ଅଶୋକ ତ୍ରିପାଠୀ, ନିକୁଞ୍ଜ ସ୍ୱାଇଁ ପ୍ରମୁଖ ସହେଯାଗ କରିଥିଲେ।

## ବଡ଼ବାରସିଂହ ଉଚ୍ଚ ବିଦ୍ୟାଳୟରେ ଶିଶୁ ଉତ୍ସବ



ବଡମ୍ବା, ୧୯ ।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବଡମ୍ବା ଶାଖା ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ୩୧ ତମ ଶିଶୁ ଉତ୍ସବ ଏହି ବ୍ଲକ ଅନ୍ତର୍ଗତ ବଡବାରସିଂହ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହେରାଙ୍କ ସଭାପତିତ୍ୱ ତଥା ସମ୍ପାଦକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତ୍ତଗଜ ସିଂହ, ଓଷ୍ଟାର ରାଜ୍ୟ ସମ୍ପାଦକ ବିଜୟ କୁମାର ଛତ୍ର, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗୁଳି ଚରଣ ସାହୁ, ସହଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, କଟକ ଜିଲ୍ଲା ଓଷ୍ଟା ସଭାପତି କାମରାଜ ସାହୁ, ବ୍ଲକ କାର୍ଯ୍ୟକାରୀ ସଭାପତି ସନାତନ ବେହେରା, ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ, ନରସିଂହପୁର ସମ୍ପାଦକ ସୁଗମ ପ୍ରସାଦ ଡାଳୁଆ ପ୍ରମୁଖ ଯୋଗଦେଇଥିଲେ। ୧୦ଟି ବିଭାଗରେ ଭାଗନେବାକୁ ଆସିଥିବା ବ୍ଲକର ୩୦ଟି ଉଚ୍ଚ ବିଦ୍ୟାଳୟର ୨୯୪ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରେରଣା ଯୋଗାଇଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ୧୦ଟି ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ବିଚାରକମାନେ ଜିଲ୍ଲାସ୍ତରକୁ ଚୟନ କରିଥିଲେ। ଉତ୍ସବ କମିଟିର ଅଧ୍ୟକ୍ଷ ପ୍ରାକ୍ତନ ଶିକ୍ଷକ ସନ୍ତୋଷ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ମାଧବଚନ୍ଦ୍ର ନାଏକ ଓ ଶୁଭଦ୍ରା ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ।

### ରାସ୍ତା କାର୍ଯ୍ୟ ଶେଷ ପରେ ବି ସଫା ହେଲାନି ଡଷ୍ଟ

## ନିଜସ୍ୱ ଉଦ୍ୟମରେ ସଫା କଲା ବଜାର କମିଟି

ମାହାଙ୍ଗା, ୧୯।୧୨(ସମିସ): ସରକାର କୋଟି କୋଟି ଟଙ୍କା ବିନିମୟରେ ରାସ୍ତା ଘାଟ ନିର୍ମାଣ କରୁଛନ୍ତି। ମାତ୍ର ଏହି ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ରାସ୍ତା ଶେଷ ପରେ ଏହା ଉପରେ ପଡ଼ିଥିବା ଡଷ୍ଟ, ବାଲି ଓ ଗୋଡ଼ି ସଫା କରିବାର ନିୟମ ଥିବା ବେଳେ ଏସବୁକୁ ଅଣଦେଖା କରି ଛାଡିଦେବା ଫଳରେ ବଜାର ଘାଟରେ

**କମିଟିର ବହୁ ଦାବି ପରେ ମଧ୍ୟ ଶୁଣିଲେନି ଠିକାଦାର**

ଥିବା ଦୋକାନୀ ଓ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ମାହାଙ୍ଗା ପୂର୍ତ୍ତ



ବିଭାଗ ଅଧୀନ ଛତିଆ-ସାଲେପୁର ରାସ୍ତା କଲ୍ୟାଣପୁର ବଜାରଠାରେ। ପ୍ରକାଶ ଯେ ମାହାଙ୍ଗା ବ୍ଲକ କାର୍ତ୍ତିକେଶ୍ୱର ବଜାର କମିଟି ପକ୍ଷରୁ ଆଜି କଲ୍ୟାଣପୁର ବଜାର ରାସ୍ତାରେ ଅତ୍ୟଧିକ ଧୂଳି ଉଡିବା ଯୋଗୁଁ ପାଣି ପମ୍ପ ଲଗେଇ ରାସ୍ତାକୁ ଚିକ୍କଣ ଭାବେ ସଫା କରିଛନ୍ତି କମିଟିର ସଦସ୍ୟମାନେ। ଛତିଆ ଠାରୁ ସାଲେପୁର ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ କଲ୍ୟାଣପୁର ବଜାରରେ ଥିବା ସମସ୍ତ ଦୋକାନ ଗୃହ, ଖାଦ୍ୟ ଦୋକାନରେ ଧୂଳି ପଡ଼ି ଖାଦ୍ୟ ନଷ୍ଟ ହେଉଛି। ରାସ୍ତାରେ ଗାଡ଼ି ଯିବା ଫଳରେ ଅତ୍ୟଧିକ ଧୂଳି ଉଡୁଛି, ଫଳରେ ଦୋକାନୀମାନେ ଅଣନିଃଶ୍ୱାସୀ ହେବା ସହ ଯାତ୍ରୀମାନେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାଦାରଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବି କୌଣସି ସୁଫଳ ମିଳୁ ନାହିଁ। ଏପରି ଅବସ୍ଥା ଦେଖି କାର୍ତ୍ତିକେଶ୍ୱର ବଜାର କମିଟିର ଉପସଭାପତି ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ବଜାର କମିଟିର ସଦସ୍ୟ ସରୋଜ ଦାସ, ସୁନିତ ଦାସ, ରମେଶ ବେହେରା, ପରମାନନ୍ଦ ସାହୁ, ପ୍ରକାଶ ବେହେରା, ସୁରେଶ ଖୁଣ୍ଟିଆ, ବଳରାମ ସାହୁ, ପ୍ରଭାକର ସାହୁ, ଅଫସାର ଟୁଲା, ତ୍ରିଲୋଚନ ସାହୁ, ଲଛମନ ସିହ୍ନା, କିଶୋର ଚନ୍ଦ୍ର ସାହୁ ସମେତ ଅନ୍ୟ ସଦସ୍ୟମାନେ ନିଜ ହାତରୁ ପଇସା ଆଦାୟ କରି ଏକ ପାଣି ମଟର ପମ୍ପ ଜରିଆରେ ରାସ୍ତାକୁ ଭଲ ଭାବରେ ସଫା କରିଥିବା ଦେଖାଯାଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା



**କଟକ,୧୯।୧୨(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ ଉରାଳୀ ଗ୍ରାମସ୍ଥିତ ଓଁ ମା ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟା ସିଦ୍ଧିଦାତ୍ରୀ ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ଉକ୍ତ କ୍ରୀଡା ଉତ୍ସବରେ ସହଯୋଗ କରିବା ପୂର୍ବକ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଚଳିତ ବର୍ଷ ଶିଶୁମାନଙ୍କ ମଧ୍ୟରେ ଦୌଡ଼, ଅଖାଡିଆଁ, ଦୌଡ଼ିଡିଆଁ ପରି ୧୦ ପ୍ରକାରର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏତତ୍ ବ୍ୟତୀତ ଅଭିଭାବିକାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଦୌଡ଼ ଆଦି ପ୍ରତିଯୋଗିତା କରାଯାଇଥିଲା।

## ଡ. ଗୋପୀନାଥ ସାହୁ ସ୍ମାରକୀ ବକ୍ତୃତା

**କଟକ,୧୯।୧୨(ସମିସ):** ଡ. ଗୋପୀନାଥ ସାହୁ ମେମୋରିଆଲ ଟ୍ରଷ୍ଟ, କଟକ ଏବଂ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ସହିତ ଧାନ ଗବେଷକ ସଂଘ ଦ୍ୱାରା ୩୩ତମ ଡ. ଗୋପୀନାଥ ସାହୁ ସ୍ମାରକୀ ବକ୍ତୃତା (ମେମୋରିଆଲ୍ ଲେକ୍‌ଚର୍ ) ଆୟୋଜିତ ହୋଇଯାଇଛି। ଧାନ ଗବେଷକ ସଂଘର ସଚିବ, ଡ. ଆନି ପୁନମ, ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଡ. ଗୋପୀନାଥ ସାହୁ ସ୍ମାରକ ଟ୍ରଷ୍ଟର ଅଧ୍ୟକ୍ଷ ଡ. ପିକେ ମହାପାତ୍ର, ମୁଖ୍ୟବକ୍ତା ଆଇସିଏଆର ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ନିର୍ଦ୍ଦେଶକ, ଡ. ଅମରେଶ କୁମାର ନାୟକ ଯୋଇଗଦେଇଥିଲେ। ଡ. ଅଞ୍ଜନୀ କୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ନାୟକ୍ "କୃଷି ୫.୦: ୫ଜି ଭିତ୍ତିକ ସ୍ମାର୍ଟ୍ କୃଷି' ବିଷୟରେ ଏକ ଆଲୋଚନାମୂଳକ ଭାଷଣ ଦେଇଥିଲେ। ଧାନ ଗବେଷକ ସଂଘର ଅଧ୍ୟକ୍ଷ, ଡ. ପିକେ. ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ବାସନ୍ତୀ ସାହୁ ଓ ପଙ୍କଜବାସିନୀ ମହାନ୍ତି ଉପସ୍ଥିତ ଥିଲେ। ଶେଷରେ, ଧାନ ଗବେଷକ ସଂଘର କୋଷାଧ୍ୟକ୍ଷ, ଡ. ପି. ସଂଘମିତ୍ରା ଧନ୍ୟବାଦ ଦେଇଥିଲେ।

## ଶ୍ରୀହରି ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ



**କଟକ,୧୯।୧୨(ସମିସ):** ବୁଧବାର ରାତିରେ କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶ୍ରୀହରି ଫାଉଣ୍ଡେସନ ପକ୍ଷରୁ ରାସ୍ତା କଡ଼ରେ ଶୋଇଥିବା, ନିରାଶ୍ରୟ ଲୋକଙ୍କୁ ପ୍ରଥମ ପର୍ଯ୍ୟାୟ କମ୍ବଳ ବଣ୍ଟନ କରାଯାଇଥିଲା। ବର୍ତ୍ତମାନ ସାରା ରାଜ୍ୟରେ ପ୍ରବଳ ଶୀତଲହରୀ ଜାରି ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗତକାଲି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ। ଆଗକୁ ମଧ୍ୟ ଏଭଳି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କଟକ,୧୯।୧୨(ସମିସ):** ସମାଜସେବୀ, ପରୋପକାରୀ ତଥା ଧର୍ମପ୍ରାଣା ମହିଳା ଖୁଲଣା ଦାସଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ହୋଇଥଲା। ସ୍ୱର୍ଗତାଃ ଦାସ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ବିୟୋଗ ଖବର ପାଇ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡକ୍ଟର ବି.ଆର୍. ଷଡ଼ଙ୍ଗୀ, ଡକ୍ଟର ସଞ୍ଜିତ୍ ପଟ୍ଟନାୟକ, ଡକ୍ଟର କୃପାସିନ୍ଧୁ ପଣ୍ଡା, ଡାକ୍ତର ରବିରଞ୍ଜନ ସାହୁ, ରାମପ୍ରସାଦ ରଥ, ଶ୍ରଦ୍ଧାନନ୍ଦ ଦାସ, ବିଷ୍ଣୁପଦ ଦାସସାମନ୍ତ, ଜତୀନ ବେହେରା, ଗଣେଶଚନ୍ଦ୍ର ବରାଇ, ଭୁପେଶ ବରାଇ, ରବି ପଟ୍ଟନାୟକ, ନାରାୟଣ ନାୟକ, ଗୋଲେଖ ବେହେରା ପ୍ରମୁଖ ବିଭିନ୍ନ ଅନୁଷ୍ଠାନର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଦେଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲୋ। ପୁରୀରେ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ ସଂପନ୍ନ ହୋଇଥିଲା। ବଡ଼ପୁଅ ରଞ୍ଜନ କୁମାର ଦାସ ମୁଖାଗ୍ନି ଦେଇଥିଲେ।

### ସିପିଆଇ(ଏମ୍) ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

# ସୁରେଶ ପାଣିଗ୍ରାହୀ ନୂତନ ରାଜ୍ୟ ସମ୍ପାଦକ ନିର୍ବାଚିତ

କଟକ,୧୯।୧୨(ସମିସ)




ତିନି ଦିନ ଧରି ବାରବାଟି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ସିପିଆଇ (ଏମ୍) ର ୨୩ତମ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏଥି ସହ ଆଗାମୀ ତିନି ବର୍ଷ ପାଇଁ ଏକ ୩୦ଜଣିଆ ରାଜ୍ୟ କମିଟି ନିର୍ବାଚିତ ହୋଇଛନ୍ତି। ବିଶିଷ୍ଟ କୃଷକ ନେତା ସୁରେଶ ପାଣିଗ୍ରାହୀ ନୂତନ ରାଜ୍ୟ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ମିଳନୀର ଶେଷ ଦିନରେ ବିଦାୟୀ ସଂପାଦକ ଅଳିକିଶୋର ପଟ୍ଟନାୟକ ଓ ପଲିଟ୍‌ବ୍ୟୁରୋ ସଭ୍ୟ ସୂର୍ଯ୍ୟକାନ୍ତ ମିଶ୍ର ଉଦ୍‌ବୋଧନ ଦେଇ ସାଂପ୍ରତିକ ପରିସ୍ଥିତିରେ ଜନସାଧାରଣଙ୍କ ଜୀବନଜୀବିକା ଅଧିକାର ତଥା ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଗଣଆନ୍ଦୋଳନକୁ ଶକ୍ତିଶାଳୀ କରିବା ସହିତ ପାର୍ଟିକୁ ସଂହତ ଓ ଶୋଷିତ କରିବା ପାଇଁ ଆହ୍ୱାନ କରିଥିଲେ। ଦୁଇଜଣ ବରିଷ୍ଠ ନେତା ଜନାର୍ଦ୍ଦନ ପତି ଓ ଜଗନ୍ନାଥ ମିଶ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ସିପିଆଇ(ଏମ) ର ରାଜ୍ୟ ସମ୍ମିଳନୀ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା ଉଦଘାଟନୀ ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଲୋକଙ୍କର ଏକ ପଟୁଆର କଟକ ରେଳ ଷ୍ଟେସନରୁ ବାହାରି ଐତିହାସିକ ବାଲିଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜନାର୍ଦ୍ଦନ ପତିଙ୍କ ଅଧ୍ୟକ୍ଷତାରେ ଖୋଲା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସମାବେଶରେ ରାଜସ୍ଥାନ ସିକରରୁ ନବନିର୍ବାଚିତ ସାଂସଦ କୃଷକ ନେତା ଆମରା ରାମ, ମୁଖ୍ୟ ବକ୍ତା ଭାବେ ପାର୍ଟିର ପଲିଟ ବ୍ୟୁରୋ ସଭ୍ୟ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ସାଂସଦ ନୀଳୋତ୍ପଳ ବସୁ, ପାର୍ଟିର ରାଜ୍ୟ ସଂପାଦକ ଅଳିକିଶୋର ପଟ୍ଟନାୟକ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମହିଳାନେତ୍ରୀ ପୁଷ୍ପା ଦାଶ, ସିପିଆଇର ରାଜ୍ୟ ସଂପାଦକ ଆପୀସ କାନୁନ୍‌ଗୋ, ସିପିଆଇ(ଏମଏଲ)ର ରାଜ୍ୟ ସଂପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାଡ଼ ବ୍ଲକର ରାଜ୍ୟ ସଂପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରର ଜନବିରୋଧୀ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜନାର୍ଦ୍ଦନ ପତି ପତାକା ଉତ୍ତୋଳନ କରିଥିଲେ। ଅଭ୍ୟର୍ଥନା କମିଟି ସଂପାଦକ ବଦ୍ରିନାରାୟଣ ଦାଶ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଗଣସମାବେଶ ପରେ 'ଗୌରବମୟ ଐତିହ୍ୟ : ପ୍ରେରଣାଦାୟୀ ଭବିଷ୍ୟତ' ଶୀର୍ଷକ ପ୍ରଦର୍ଶନୀକୁ ଡ. ସୂର୍ଯ୍ୟକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ।

ଦ୍ୱିତୀୟ ଦିନର ପ୍ରତିନିଧି ଅଧିବେଶନ ରାଜ୍ୟ ସଂପାଦକ ଅଳିକିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ପୁଷ୍ପା ଦାସ, ଜାହାଙ୍ଗିର ଅଲ୍ଲୀ, ବସନ୍ତ ମାଝୀ ଓ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିନରେ ଜନସାଧାରଣଙ୍କର ତଥା ଦେଶ ଓ ରାଜ୍ୟର ଜ୍ୱଳନ୍ତ ସମସ୍ୟା ଉପରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ସଂକ୍ରାନ୍ତ ସଚେତନତା



**ନିଶ୍ଚିନ୍ତକୋଇଲି,୧୯।୧୨(ସମିସ):** କଟକ ସଦର ଉପଖଣ୍ଡ ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ସଂଗଠନ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଆର୍ଥିକ ସାକ୍ଷରତା ଓ ଅର୍ନ୍ତଭୁକ୍ତିକରଣ ସଂକ୍ରାନ୍ତ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଶାସନ ପକ୍ଷରୁ ଏଡିଏସଓ ବାସନ୍ତୀ ହାଇବ୍ରୁରୁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କଟକ ସିଟି ଡାକ ଡିଭିଜନର ବରିଷ୍ଠ ନିରୀକ୍ଷକ ଅପରାଜିତ୍ ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ନିଶ୍ଚିନ୍ତକୋଇଲି ପୋଷ୍ଟମାଷ୍ଟର ହିମାଂଶୁ ଭୂଷଣ କର, ସନ୍ତୋଷ ରଥ, ସତ୍ୟନାରାୟଣ ରାଉତ, ପ୍ରସନ୍ନ ମିତ୍ର, ରଞ୍ଜନ ଦାସ, ଅତିରିକ୍ତ ବିଡିଓ ଅଶୋକ ମହାନ୍ତି, ଜିପିଓ ମନୋଜ ପଢିହାରୀ, କଟକ ସାଇବର ଥାନାର ଏସଆଇ ଲିଲି ସାହୁ, ସରପଞ୍ଚ ମଧୁସ୍ମିତା ରାଉତ ପ୍ରମୁଖ ଯୋଗଦେଇ ଆଲୋଚନା କରିବା ସହିତ ଅର୍ଥ ଜମା କଲା ପୂର୍ବରୁ ସଂସ୍ଥାର ବିଶ୍ୱାସନୀୟତା ଭଲ ଭାବେ ପରଖିବାକୁ ପରାମର୍ଶ ଦେଇଥିଲେ। ପୋଷ୍ଟାଲ ଏଜେଣ୍ଟ ବଂଶୀଧର ପରିଡ଼ା, ଚିତ୍ତରଞ୍ଜନ ପତି, ରଶ୍ମୀରଞ୍ଜନ ସାହୁ ଓ ଅଶୋକ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱପ୍ନ ଫାଉଣ୍ଡେସନର ସପ୍ତମ ପ୍ରତିଷ୍ଠା ଦିବସ



କଟକ,୧୯।୧୨(ସମିସ): କଟକ ସହରର ଅଗ୍ରଣୀ ସାମାଜିକ ସଂଗଠନ ସ୍ୱପ୍ନ ଫାଉଣ୍ଡେସନର ସପ୍ତମ ପ୍ରତିଷ୍ଠା ଦିବସ କଟକ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦୋଷ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରକାଶ ସେଠୀ ଯୋଗଦେଇ ଅନୁଷ୍ଠାନର ନିରନ୍ତର ସେବା କାର୍ଯ୍ୟ ନିମନ୍ତେ ପ୍ରଶଂସା କରିବା ସହ ସଭ୍ୟାସଭ୍ୟଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ନୃତ୍ୟ କଳାକାରମାନେ ନୃତ୍ୟ ପରିବେଷଣ କରିବା ସହ ବହୁ ଓଡ଼ିଶାର ସୁନାମଧନ୍ୟ ଗୀତିକାରମାନେ ଗୀତ ପରିବେଷଣ କରିଥିଲେ। ଗୀତିକାର ମଧୁଛନ୍ଦା ସାହୁ, ଇପ୍ସିତା ପତି, ଅଭିରାମ, ଚେଲସି, ମୋନାଲି ତାଙ୍କର ସୁମଧୁର କଣ୍ଠରେ କାର୍ଯ୍ୟକ୍ରମକୁ ମଧୁର କରିଥିଲେ। ସେହିପରି ହାସ୍ୟ ଅଭିନେତା ଗୁଲୁଆ ତାଙ୍କ ଅଭିନୟରେ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଥିଲେ। ନିହାର ରଞ୍ଜନ ଦାସଙ୍କ ଲିଖିତ "ସଂଘର୍ଷ' ନାମକ ଡ୍ରାମା ସ୍ୱପ୍ନ ଫାଉଣ୍ଡେସନ ପରିବାର ମେମ୍ବରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ଯାହା ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା। ସ୍ୱପ୍ନ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସୁଧାଂଶୁ ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ରାଜ୍ୟରେ କୋଣ ଅନୁକୋଣରେ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଥିବା ନେଇ ସଂଗଠନର ସଭାପତି କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସ୍ୱପ୍ନ ଫାଉଣ୍ଡେସନର ୬ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଦୃଷ୍ଟି ଓ ଶ୍ରବଣ ବାଧିତ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

**କଟକ,୧୯।୧୨(ସମିସ):** କଟକ ସିଡିଏ ସେକ୍ଟର-୧୦ସ୍ଥିତ ଦୃଷ୍ଟି ଓ ଶ୍ରବଣ ବାଧିତ ବିଦ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ସିଡିଏସି କୋଲକତାର ମିଳିତ ଆନୁକୂଲ୍ୟରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର କଟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ସିଡିଏସି ପକ୍ଷରୁ ରାଜ୍ୟ ସଂଯୋଜକ ସଞ୍ଜିବିତା ବାନାର୍ଜୀ, ପ୍ରଶିକ୍ଷକ ସୋମ ଖାନ ଓ କୁଣାଲ ଚନ୍ଦ୍ର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପସଚିବ ସନ୍ୟାସୀ ବେହେରା, ଏହି କାର୍ଯ୍ୟକ୍ରମକୁ ସ୍ୱାମୀ ଚିଦାନନ୍ଦ ଟ୍ରଷ୍ଟର ସମ୍ପାଦକ ସୁନୀଲ କୁମାର ସାହୁ, ଦୃଷ୍ଟି ଓ ଶ୍ରବଣ ବାଧିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ପରିଚାଳନା କରିଥିଲେ।

## ୨୧ରୁ ଆଇଲାଜ୍‌ର ଜାତୀୟ ସମ୍ମିଳନୀ

**କଟକ,୧୯।୧୨(ସମିସ):** ସ୍ଥାନୀୟ କଳା ବିକାଶ କେନ୍ଦ୍ରରେ ଆସନ୍ତା ୨୧ ଓ ୨୨ ତାରିଖରେ ସର୍ବଭାରତୀୟ ଆଇନଜୀବୀ ସଂଘ(ଆଇଲାଜ)ର ଦ୍ୱିତୀୟ ଜାତୀୟ ସମ୍ମିଳନୀ ଆୟୋଜନ ହେବ। ବାଦାମବାଡିର ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଅବସରରେ ସଂଘ ପକ୍ଷରୁ ଏ ବାବଦରେ ସୂଚନା ଦିଆଯାଇଛି। ସାଧାରଣ ଲୋକ ତଥା ସମ୍ବିଧାନର ସ୍ୱାର୍ଥ ରକ୍ଷା କରିବା ସମ୍ମିଳନୀର ଉଦ୍ଦେଶ୍ୟ। ଏହି ସଂଘ ୨୦୨୦ ମସିହାରେ ଗଠିତ ହୋଇଥିଲା। ଏହି ବୃତ୍ତିରେ ଜୀବିକା ନିର୍ବାହ ପାଇଁ ଆର୍ଥିକ ସୁରକ୍ଷା ଅନିଶ୍ଚିତତାର ସମ୍ମୁଖୀନ ହେଉଥିବା ଯୁବ ଓକିଲଙ୍କ ସମସ୍ୟା, ସର୍ବନିମ୍ନ ଆର୍ଥିକ ସିକ୍ୟୁରିଟି, ଆକ୍ରମଣକୁ ନିଶ୍ଚିତ କରିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟବସ୍ଥା ଅଭାବ। ଦୀର୍ଘ ଦିନର ମକଦ୍ଦମା ଯାହାକି ସାଧାରଣ ଲୋକଙ୍କୁ




ଠିକ୍ ସମୟରେ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୁଏ, ନ୍ୟାୟପାଳିକାକୁ ନିୟନ୍ତ୍ରଣ କରିବାକୁ କ୍ଷମତାରେ ଥିବା ରାଜନୈତିକ ଦଳର ପ୍ରୟାସ କାର୍ଯ୍ୟସୂଚୀ ଆଲୋଚନାରେ ମୁଖ୍ୟ ପ୍ରସଙ୍ଗ ହେବ। ସମାଜରେ ତଥା ଆଇନ ବ୍ୟବସ୍ଥାରେ ସମସ୍ତ ପ୍ରକାର ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଏହି ସମ୍ମିଳନୀରେ ସ୍ୱଷ୍ଟୀକରଣର ଆହ୍ୱାନ ହେବ। ଆଇନ ତଥା ଦେଶର ବିଭିନ୍ନ ରାଜ୍ୟରୁ ଓକିଲାତି କରୁଥିବା ଯୁବ ତଥା ଅଭିଜ୍ଞ ପ୍ରତିନିଧୀମାନେ ଏହି ସମ୍ମିଳନୀରେ ଯୋଗ ଦେବେ। ସମ୍ମିଳନୀରେ ଗୁରୁ ପ୍ରସାଦ ମହାନ୍ତି, ଅଗସ୍ତି କାନୁନଗୋ, ପ୍ରଶାନ୍ତ କୁମାର ଜେନା, ଧନୋଜ କୁମାର ସାହୁ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। ଆଲୋକ କୁମାର ନନ୍ଦ, ବିଜୟ କୁମାର ବେହେରା ,ପଞ୍ଚାନନ ସାହୁ, ରାଜେନ୍ଦ୍ର ଦାଶ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

## ଚୌଦ୍ୱାର-କଟକ ବିଜେଡିର ବନ୍ଧୁମିଳନ

**ଚୌଦ୍ୱାର,୧୯।୧୨(ସମିସ):** ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ କଟକ ଜିଲ୍ଲା ଉପସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ପ୍ରେମଚାନ୍ଦ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଦଳର ସଂଗଠନକୁ ମଜବୁତ କରିବା ସହିତ ଦଳରେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ଆଗାମୀ ଦିନରେ ଦଳର ପ୍ରତିଷ୍ଠା ଦିବସକୁ ସ୍ଥାନୀୟ ଟାଉନହଲରେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର କଟକ ଓ ଚୌଦ୍ୱାରର ବହୁ ନେତା ଯୋଗଦେଇ ଦଳକୁ କିଭଳି ଭାବେ ପୁନର୍ବାର ମଜବୁତ୍ କରିବା ସହିତ ରାଜ୍ୟର ଶାସନ ହାତକୁ ଫେରାଇ ଅଣାଯିବ ସେଥିନେଇ ଆଲୋଚନା କରି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କଟକ ମହାନଗର ସାଧାରଣ ସଂପାଦକ ତାପସ ମହାନ୍ତି, ମହାନଗର ଉପସଭାତି ବାବୁଲି ରଣା, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଲ ବେଉରା, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ଉପାଧ୍ୟକ୍ଷ ତଥା ବିଜେଡି କଟକ ଜିଲ୍ଲା ଉପସଭାପତି ଶୁଭେନ୍ଦୁ ସାମଲ, ଯୁବ ସଭାପତି ସାରଦା ରଞ୍ଜନ ପରିଜା, ଛାତ୍ର ସଭାପତି ଭରତ ସାହୁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ସମେତ ବହୁ ବିଜେଡି କାଉନସିଲର, ନାରୀନେତ୍ରୀ ଓ ପଞ୍ଚାୟତର ବହୁ କର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବିଧାନସଭା ପରିଦର୍ଶନ ପାଇଁ ବିଦ୍ୟାର୍ଥୀଙ୍କୁ ମିଳିବ ସୁଯୋଗ: ବାଚସ୍ପତି

କଟକ,୧୯।୧୨(ସମିସ)

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ



ବିଧାନସଭା ଅଧିବେଶନ ଚାଲିଥିବା ସମୟରେ ପର୍ଯ୍ୟାୟ କ୍ରମେ ଶହେ ଜଣ ଲେଖାଏଁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଦର୍ଶକ ଗ୍ୟାଲେରୀରେ ବସି କାର୍ଯ୍ୟକ୍ରମ ଦେଖିବା ପାଇଁ ସୁଯୋଗ ଦିଆଯିବ ବୋଲି ବାଚସ୍ପତି ସୁରମା ପାଢ଼ୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ ଉତ୍ସବରେ ଯୋଗଦେଇ ପ୍ରକାଶ କରିଛନ୍ତି। ଆଜି ବାରବାଟୀ ଷ୍ଟାଡିୟମ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଉଦଘାଟନ କରି ଶ୍ରୀମତୀ ପାଢ଼ୀ କହିଲେ ଯେ, ଛାତ୍ରମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସମ୍ପର୍କରେ ସେମାନେ ଅବଗତ ହେବା ଉଚିତ। ପିଲାଙ୍କ ମଧ୍ୟରେ ମଣିଷପଣିଆ ଜାଗ୍ରତ କରିବା ପାଇଁ ସେ ଶିକ୍ଷକ ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ ବିଦ୍ୟାର୍ଥୀମାନେ ହେଉଛନ୍ତି ରାଷ୍ଟ୍ରର ସମ୍ପତ୍ତି। ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଯାଇପାରିଲେ ରାଷ୍ଟ୍ର ସମୃଦ୍ଧ ହୋଇ ପାରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧକାରୀ ଡ. ସନ୍ତୋଷ କୁମାର ରାଉତ, ଚଳଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀତମ ଦାସ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ. ଜି.ଏସ. ପଟ୍ଟନାୟକ, ଅଧ୍ୟକ୍ଷ ଡ଼ ପ୍ରିୟଦର୍ଶୀ ନାୟକ, ସିବିଏସିର ଆଞ୍ଚଳିକ ଅଧିକାରୀ କେ ଶ୍ରୀନିବାସନ ପ୍ରମୁଖ ଭାଷଣ ଦେଇ ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପିଲାମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୨୫ ● ପାଉଣ୍ଡ ୧୦୭.୮୨
- ୟୁରୋ ୮୯.୪୫ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୦,୮୫୦ (ଭୁବନେଶ୍ୱର)
- ରୁପା : ୯୫,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୨୧୮.୦୦
- ନିଫ୍ଟି ୨୩,୯୫୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ରିଜର୍ଭ ବ୍ୟାଙ୍କ 'ରାଜ୍ୟର ଆର୍ଥିକ ସ୍ଥିତି ୨୦୨୪-୨୫ ବଜେଟ୍ ଅଧ୍ୟୟନ' ରିପୋର୍ଟ**

# ସବ୍‌ସିଡି ବାବଦ ଖର୍ଚ୍ଚ ବଢ଼ାଉଛନ୍ତି ରାଜ୍ୟ

ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗୁରୁବାର ସବ୍‌ସିଡି ବାବଦରେ ରାଜ୍ୟଗୁଡିକର ବୃଦ୍ଧି ପାଉଥିବା ବ୍ୟୟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି। ଏଭଳି ଖର୍ଚ୍ଚକୁ ଯୁକ୍ତିଯୁକ୍ତ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ କହିଛି। ରାଜ୍ୟଗୁଡିକ ସେମାନଙ୍କର ସବ୍‌ସିଡି ବାବଦରେ କରୁଥିବା ଖର୍ଚ୍ଚକୁ ନିୟନ୍ତ୍ରଣ ଏବଂ ଯୁକ୍ତିଯୁକ୍ତ କରିବା ଆବଶ୍ୟକ, ଯାହଦ୍ୱାରା ଏହିଭଳି ଖର୍ଚ୍ଚ ଉତ୍ପାଦନ କ୍ଷେତ୍ରରେ ହେଉଥିବା ଅଧିକ ବ୍ୟୟ ଉପରେ ପ୍ରଭାବ ପକାଇବ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏହାର ଏକ ରିପୋର୍ଟରେ କୁହାଯାଇଛି। ଦେଶରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗବେଷଣା ଏବଂ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଁ ସବ୍‌ସିଡି ଉପରେ ହୋଇଥିବା ଖର୍ଚ୍ଚର ତୁରନ୍ତ ସମୀକ୍ଷା ଆବଶ୍ୟକ। ଏହା ଅଧିକ ନିଯୁକ୍ତି ସୃଷ୍ଟି କରିବାରେ ଏବଂ ସ୍ଥାୟୀ ଭିତ୍ତିରେ ଦାରିଦ୍ର୍ୟ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଆର୍‌ବିଆଇ କହିଛି।

ରିଜର୍ଭ ବ୍ୟାଙ୍କ ଏହାର 'ରାଜ୍ୟର ଆର୍ଥିକ ସ୍ଥିତି: ୨୦୨୪-୨୫ ବଜେଟ୍‌ର ଅଧ୍ୟୟନ' ଶୀର୍ଷକ ରିପୋର୍ଟରେ ରାଜ୍ୟଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସବ୍‌ସିଡିରେ କୃଷି ଋଣ ଛାଡ, ମାଗଣା / ସବସିଡିଯୁକ୍ତ ସେବା (ଯଥା କୃଷି ଏବଂ ପରିବାରକୁ ବିଦ୍ୟୁତ୍, ପରିବହନ, ଗ୍ୟାସ୍ ସିଲିଣ୍ଡର) ଏବଂ କୃଷକ, ଯୁବକ ଏବଂ ମହିଳାଙ୍କୁ ନଗଦ ଅର୍ଥ ସ୍ଥାନାନ୍ତର ଆଦିକୁ ଅନ୍ତର୍ଭୁକ୍ତ କରାଯାଇଥିବା ପ୍ରସଙ୍ଗ ଉଠାଇଛି। ସବ୍‌ସିଡି ଯାହାକୁ ବେଳେବେଳେ ରାଜନୈତିକ ଆଲୋଚନାରେ 'ଫ୍ରିବିଜ୍' ବା ମାଗଣା ଉପହାର ବୋଲି କୁହାଯାଉଛି। ବିଜୟ ହାସଲ କରିବା ପାଇଁ ରାଜନୈତିକ ଦଳଗୁଡିକ ବିଶେଷ କରି ନିର୍ବାଚନ ପୂର୍ବରୁ ଏପରି 'ଫ୍ରିବିଜ୍'ର ସାହାର ନେଉଛନ୍ତି। ଅନେକ ରାଜ୍ୟ ମଧ୍ୟ କୃଷି ଋଣ ଛାଡ, କୃଷି ଏବଂ ପରିବାରକୁ ମାଗଣା ବିଦ୍ୟୁତ୍, ବେରୋଜଗାର ଯୁବକମାନଙ୍କୁ ଭତ୍ତା ଏବଂ ମହିଳାମାନଙ୍କୁ ଆର୍ଥିକ ସହାୟତା ଘୋଷଣା କରୁଛନ୍ତି। ଆରବିଆଇ ରିପୋର୍ଟରେ କୁହାଯାଇଛି ଯେ ଏହିପରି ଖର୍ଚ୍ଚ ଦ୍ୱାରା ରାଜ୍ୟଗୁଡିକ ନିକଟରେ ଉପଲବ୍ଧ ସଂସାଧନଗୁଡିକ ଶେଷ ହୋଇଯାଇପାରେ। ଏହା ଦେଶରେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ତଥା ଅର୍ଥନୈତିକ ଭିତ୍ତିଭୂମି ନିର୍ମାଣ କରିବାରେ ବାଧା ଉପୁଜାଇପାରେ। ଉଚ୍ଚ ଋଣ ଜିଡିପି ଅନୁପାତ, ବକେୟା ଗ୍ୟାରେଣ୍ଟି ଏବଂ ବଢ଼ିଚାଲିଥିବା ସବ୍‌ସିଡି ବୋଝ କାରଣରୁ ରାଜ୍ୟଗୁଡିକର ବିକାଶ ଏବଂ ପୁଞ୍ଜି ବ୍ୟୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।

**ଆରବିଆଇର ଚିନ୍ତା ପ୍ରକଟ**

**ଦେଖିଚାହିଁ ଖର୍ଚ୍ଚ କରିବାକୁ ପରାମର୍ଶ**

ଆରବିଆଇ ଯୁକ୍ତି ଦର୍ଶାଇଛି ଯେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗବେଷଣା ଏବଂ ବିକାଶ (ଆର ଆଣ୍ଡ ଡି) ଏବଂ ଗ୍ରାମୀଣ ଭିତ୍ତିଭୂମିରେ ପୁଞ୍ଜି ବିନିଯୋଗକୁ ବୃଦ୍ଧି କରିବା ପାଇଁ ସବ୍‌ସିଡି ଉପରେ ଖର୍ଚ୍ଚର ତ୍ୱରିତ ସମୀକ୍ଷା କରିବାର ଆବଶ୍ୟକତା ରହିଛି, ଯାହାଦ୍ୱାରା ସ୍ଥାୟୀଭାବେ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ଆରବିଆଇ କହିଛି ଯେ ସବ୍‌ସିଡି ଭାର ବଢ଼ିବା କାରଣରୁ ନୂଆ ଚାପ ସୃଷ୍ଟି ହେଉଛି, ଏଭଳି ପରିସ୍ଥିତିରେ ରାଜ୍ୟଗୁଡ଼ିକର ଆର୍ଥିକ ସମ୍ମିଶ୍ରଣକୁ ମଜବୁତ କରିବାର ଆବଶ୍ୟକତା ରହିଛି। ଆରବିଆଇ କହିଛି ଯେ କ୍ରମାଗତ ତିନି ବର୍ଷ (୨୦୨୧-୨୨ ରୁ ୨୦୨୩-୨୪) ପର୍ଯ୍ୟନ୍ତ ଜିଡିପିର ୩ ପ୍ରତିଶତ ମଧ୍ୟରେ ରଖିବା ଏବଂ ୨୦୨୨-୨୩ ଓ ୨୦୨୩-୨୪ରେ ରାଜସ୍ୱ ନିଅଣ୍ଟକୁ ଜିଡିପିର ୦.୨ ପ୍ରତିଶତକୁ ହ୍ରାସ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଆର୍ଥିକ ଏକୀକରଣ ଦିଗରେ ପ୍ରଶଂସନୀୟ ଅଗ୍ରଗତି ହୋଇଛି। ଆରବିଆଇ କହିଛି ଯେ ଏହା ରାଜ୍ୟମାନଙ୍କୁ ସେମାନଙ୍କର ପୁଞ୍ଜି ବ୍ୟୟ ବଢ଼ାଇବାରେ ଏବଂ ଖର୍ଚ୍ଚର ଗୁଣବତ୍ତା ଉନ୍ନତି କରିବାରେ ସହାୟକ ହୋଇଛି। ଏହାସହିତ ରାଜ୍ୟଗୁଡିକର ଋଣ ଜିଡିପି ଅନୁପାତ ୨୦୨୪-୨୫ ଆର୍ଥିକବର୍ଷରେ ପୂର୍ବ ବର୍ଷର ୨୮.୫ରୁ ୨୮.୮ ପ୍ରତିଶତକୁ ବୃଦ୍ଧି ଘଟିବା ଆଶଙ୍କା କରାଯାଉଥିବା ରିପୋର୍ଟରେ କୁହାଯାଇଛି।



**ଭାଙ୍ଗିଲା ୫୦ ବର୍ଷର ରେକର୍ଡ**

# ୩ୟ ଥର ସୁଧ ହାର କମାଇଲା ଫେଡେରାଲ ରିଜର୍ଭ



**ସୁଧହାରରେ ୦.୨୫% ହ୍ରାସ**

**ଆମେରିକା ସେୟାର ବଜାର ଖସିଲା**

ଫେଡେରାଲ ରିଜର୍ଭର ସୁଧ ହାର ଉପରେ ଏହା ଶେଷ ବୈଠକ ଥିଲା। ଫେଡ୍‌ର ସୁଧହାର ଘୋଷଣା ପରେ ଆମେରିକାର ଷ୍ଟକ ବଜାରରେ ବହୁ ମାତ୍ରାରେ ହ୍ରାସ ଘଟିଛି। -ଚିପ୍ ଇଣ୍ଡେକ୍ସ ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆଲ୍ ଆଭରେଜ୍ ୧୧୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି। ଘଟିଛି। ଟ୍ରେଡରମାନେ ଅନୁଭବ କରୁଛନ୍ତି ଯେ ଆମେରିକାରେ ସୁଧ ହାର ଆସନ୍ତା କିଛି ବର୍ଷ ପାଇଁ ଉଚ୍ଚ ସ୍ତରରେ ରହିବ।

ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି)

ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ଏହାର ପ୍ରମୁଖ ସୁଧ ହାରରେ ହ୍ରାସ ଷଗଶଷଣା କରିଛି। ବ୍ୟାଙ୍କ ସୁଧ ହାର ରେ ୦.୨୫% ହ୍ରାସ କରିଛି, ହେଲେ ଆଗାମୀ ଦିନରେ ସୁଧହାର ହ୍ରାସରେ ମନ୍ଥର ଗତି ଆପଣାଇବା ନେଇ ସଙ୍କେତ ଦେଇଛି। ଏହାର ପ୍ରଭାବରେ ଆମେରିକାର ଷ୍ଟକ୍ ବଜାରରେ ଏକ ବଡ ହ୍ରାସ ଦେଖିବାକୁ ମିଳିଛି। ଫେଡ୍ ଲଗାତାର ତୃତୀୟ ଥର ପାଇଁ ସୁଧ ହାରରେ ଏହି ହ୍ରାସ କରିଛି। ବ୍ୟାଙ୍କ କହିଛି ଯେ ସାମ୍ପ୍ରତିକ ସୂଚକାଙ୍କରୁ ଜଣାପଡିଛି ଯେ ଅର୍ଥନୈତିକ କାର୍ଯ୍ୟକଳାପ ଦ୍ରୁତ ବେଗରେ ଆଗେଇଚାଲିଛି, କିନ୍ତୁ ମୁଦ୍ରାସ୍ଫୀତି କିଛି ମାତ୍ରାରେ ବୃଦ୍ଧି ପାଇଛି। ସେପ୍ଟେମ୍ବରରେ ଚାରିଥର ତୁଳନାରେ ଆସନ୍ତା ବର୍ଷ ମାତ୍ର ଦୁଇଥର ୦.୨୫% ସୁଧହାର ହ୍ରାସ କରିବାକୁ ଫେଡେରାଲ ରିଜର୍ଭ ସଙ୍କେତ ଦେଇଛି। ଏହା ଆମେରିକାର ଷ୍ଟକ୍ ମାର୍କେଟରେ ଏକ ବିରାଟ ହ୍ରାସ ଘଟାଇଲା କିନ୍ତୁ ଆମେରିକାର ଟ୍ରେଜେରୀ ଇଲ୍ଡରେ ବୃଦ୍ଧି ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରୋମ ପାୱେଲ କହିଛନ୍ତି ଯେ ମୁଦ୍ରାସ୍ଫୀତି ହ୍ରାସ ପାଇଛି କିନ୍ତୁ ଏହା ୨% ଲକ୍ଷ୍ୟଠାରୁ ଅଧିକ ରହିଛି। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପୂର୍ବରୁ

**● ଥମୁନି ଭାରତୀୟ ସେୟାର ବଜାରରେ ହ୍ରାସ ଧାରା**

## ୪ ଦିନରେ ସେନ୍‌ସେକ୍ସରେ ୨୯୦୦ ପଏଣ୍ଟ ହ୍ରାସ

ମୁମ୍ବଇ,୧୯।୧୨(ଏଜେନ୍ସି): ଘରୋଇ ସେୟାର ବଜାରରେ ହ୍ରାସ ଧମିବାର ନାମ ଧରୁନାହିଁ। ନିବେଶକଙ୍କ ମୁହଁରେ ନିରାଶାର ଛାଇ। ଧରାଶାୟୀ ହେଉଛି ସେୟାର ବଜାର। କିଛି ଦିନ ହେବ ବଜାର କାରବାରରେ ଲାଗିଯାଇଛି ଗ୍ରହଣ। ଯାହା ଫଳରେ କ୍ରମାଗତ ଭାବେ ୪ ଦିନ ଧରି ଘରୋଇ ପୁଞ୍ଜି ବଜାରରେ ଦେଖିବାକୁ ମିଳିଛି ନିରୁତ୍ସାହ। ଗୁରୁବାର ମଧ୍ୟ ସେନ୍‌ସେକ୍ସରେ ୯୬୦ରୁ ଅଧିକ ପଏଣ୍ଟ ହ୍ରାସି ଘଟିଥିବା ଜଣାଯାଇଛି। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୪୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। କ୍ରମାଗତ ଭାବେ ୪ ଦିନରେ ସେନ୍‌ସେକ୍ସରେ ୨୯୦୦ ପଏଣ୍ଟର ଅଧିକ ହ୍ରାସ ହୋଇଛି। ଏହାଫଳରେ ନିବଶେକମାନେ ୯.୬୫ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

ଗୁରୁବାର ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ଏହାର ପ୍ରମୁଖ ସୁଧ ହାରରେ ୦.୨୫% ହ୍ରାସ ଘଟାଇବାର ପ୍ରଭାବ ଘରୋଇ ପୁଞ୍ଜି ବଜାର ଉପରେ ପଡିଛି। ଏହାପୂର୍ବରୁ ଫେଡେରାଲ ରିଜର୍ଭ ସୁଧ ହାରରେ କମ୍ ହ୍ରାସ କରିବା ବୋଲି ନିବେଶକମାନେ ଆଶାଙ୍କାରେ ଥିଲେ। ଏହି ଆଶଙ୍କା ସତ ହେବା ପରେ ସେୟାର ବଜାରରେ ବଡ଼ ଧରରର ହ୍ରାସ ଘଟିଥିଲା। ଏହାଫଳ,ରେ ଗୁରୁବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୯୬୪.୧୫ ପଏଣ୍ଟ ବା ୧.୨୦ ପ୍ରତିଶତ ହ୍ରାସ ଘଟି ୭୯,.୨୧୮.୦୫ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୪୬ ପଏଣ୍ଟ ହ୍ରାସ ଘିଛି।




କ୍ରମାଗତ ୧୦ମ ଦିନ ପାଇଁ ସୂଚକାଙ୍କରେ ହ୍ରାସ ଘଟିଛି। ୧୯୭୪ ପରଠାରୁ ପ୍ରଥମ ଥର ପାଇଁ ଇଣ୍ଡେକ୍ସରେ ଏଭଳି ହ୍ରାସ ଦେଖାଯାଇଛି।

**ସୁଧହାର ହ୍ରାସ ପରେ ଡଲାର ରାଜୁତି**

# ରସାତଳକୁ ଯାଉଛି ଘରୋଇ ମୁଦ୍ରା



ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି)

ଦୁର୍ବଳ ହେବାରେ ଲାଗିଛି ଘରୋଇ ମୁଦ୍ରା 'ଟଙ୍କା'। ବର୍ତ୍ତମାନ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ରେକର୍ଡ ୮୫ ଟଙ୍କା ସ୍ତର ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଗୁରୁବାର କାରବାର ପ୍ରାରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୮ ପଇସା ହ୍ରାସ ଘଟି ୮୫.୦୮ ଟଙ୍କାରେ କାରବାର ଶେଷ କରିଥିଲା। ବୁଧବାର ଏହା ୮୪.୯୬ ଟଙ୍କାରେ ବନ୍ଦ ହୋଇଥିଲା।

**ଟଙ୍କା ମୂଲ୍ୟ ୮୫ ସ୍ତର ଟପିଲା**

ବିଦେଶୀ ମୁଦ୍ରା ବ୍ୟବସାୟୀଙ୍କ ଅନୁଯାୟୀ ଡଲାରର ଅଧିକ ଚାହିଦା ପରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ରେକର୍ଡ ସର୍ବନିମ୍ନ ୮୫.୦୮ ଟଙ୍କା ସ୍ତରକୁ ଖସିଆସିଛି। ଆଜି ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାର ହ୍ରାସ କରିବା ପରେ ଡଲାର ନୂଆ ଜୀବନ ହାସଲ କରିଛି। ଡଲାର ସୂଚକାଙ୍କ ୧୦୮.୦୬ ସ୍ତରରେ ପହଞ୍ଚିଛି। ଡଲାରର ଏହି ରାଜୁତି ପ୍ରଭାବରେ ଘରୋଇ ମୁଦ୍ରା ସର୍ବକାଳୀନ ନିମ୍ନ ସ୍ତରକୁ ଖସିଆସିଛି। ବିଦେଶୀ ମୁଦ୍ରା ବ୍ୟବସାୟୀମାନେ କହିଛନ୍ତି ଯେ ଆମଦାନୀକାରୀ ତଥା ବିଦେଶୀ ବ୍ୟାଙ୍କଗୁଡିକ ନିକଟରେ ଡଲାର ଚାହିଦା ବଢ଼ିବା, ବିଦେଶୀ ପାଣ୍ଠିର ପ୍ରବାହ ଏବଂ ଘରୋଇ ଇକ୍ୱିଟିରେ ମାନ୍ଦା ଧାରା ନିବେଶକଙ୍କ ଭାବନାକୁ ପ୍ରଭାବିତ କରିଛି। କାବରାରରେ ଡଲାର ସୂଚକାଙ୍କରେ ୧.୨୩ ପ୍ରତିଶତ ବୃଦ୍ଧି ହୋଇ ୧୦୮.୨୭ରେ ପହଞ୍ଚିଛି, ଯାହାକି ୨୦୨୨ ନଭେମ୍ବର ୧୧ ପରଠାରୁ ସର୍ବୋଚ୍ଚ ସ୍ତର।

ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଦୁର୍ବଳ ହେବାର ପ୍ରଭାବ ଦେଶର ପ୍ରତ୍ୟେକଟି କ୍ଷେତ୍ରରେ ଅନୁଭୂତ ହେବ। ପ୍ରଥମତଃ ଏଥିଯୋଗୁ ଦେଶକୁ ଆମଦାନୀ ମହଙ୍ଗା ହେବ। ବିଶେଷ କରି ଯାଦେଶର ତୈଳ ଆମଦାନୀ ବିଲ୍ ବଢ଼ିଯିବ। ଏହାର ପ୍ରଭାବ ସିଧାସଳଖ ଭାବେ ମଦ୍ରାସ୍ଫୀତି ଉପରେ ପଡିବ। ତେଣୁ ଆଗକୁ ଖାଉଟିଙ୍କୁ ବଡ଼ ଧରଣର ମହଙ୍ଗା ମାଡ଼ର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ପଡିବ।

# ଉତ୍କଳ ହ୍ୟୁଣ୍ଡାଇ ପକ୍ଷରୁ ଏଣ୍ଡ ଅଫ୍ ସିଜନ୍ ସେଲ୍




ଭୁବନେଶ୍ୱର,୧୯।୧୨(ସମିସ): ଉତ୍କଳ ହ୍ୟୁଣ୍ଡାଇ ପକ୍ଷରୁ ଏଣ୍ଡ ଅଫ୍ ସିଜନ୍ ସେଲ୍ ଘୋଷଣା କରାଯାଇଛି। ଏହି ଅବସରରେ ଶୋ ' ରୁମ୍ ପକ୍ଷରୁ ୟୁନିଟ୍-୪ ସ୍ଥିତ ଗଙ୍ଗନଗରଠାରେ ୪ ଦିନିଆ ମେଗା କାର କାର୍ନିଭାଲ୍ ଆୟୋଜନ କରାଯାଇଛି। ଏହି କାର କାର୍ନିଭାଲ୍ ଚଳିତମାସ ୧୯ରୁ ୨୨ ପର୍ଯ୍ୟନ୍ତ ଚାଲିବ। ଏଥିରେ ଉତ୍କଳ ହ୍ୟୁଣ୍ଡାଇ ପକ୍ଷରୁ ହ୍ୟୁଣ୍ଡାଇ ଉତ୍ପାଦଗୁଡିକୁ ପ୍ରଦର୍ଶନ କରାଯାଇଛି, ଯାହା ପୂର୍ବରୁ କେବେ ମଧ୍ୟ ହୋଇ ନ ଥିଲା। ଏଥିରେ ଏମିତି କିଛି ସିଲେକ୍ଟ ମଡେଲ ରହିଛି ଯେଉଁଗୁଡିକ ଅତିରିକ୍ତ ଏବଂ ଆକର୍ଷକ ମୂଲ୍ୟ ସହ ଉପଲବ୍ଧ। ଯେଉଁମାନେ ନୂଆ କାର କିଣିବାକୁ ଚାହୁଁଛନ୍ତି ସେମାନେ ନିଶ୍ଚିତ ଭାବେ ଉତ୍କଳ ହ୍ୟୁଣ୍ଡାଇର ଏହି ମେଗା କାର କାର୍ନିଭାଲ୍ ପରିଦର୍ଶନ କରିବେ ବୋଲି ଶୋ' ରୁମ୍ ପକ୍ଷରୁ କୁହାଯାଇଛି।

# ଓସ୍‌ମି ପକ୍ଷରୁ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧୯।୧୨(ସମିସ): ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ଜାତୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠାନ (ଏନ୍‌ଆଇ -ଏମ୍‌ଏସ୍‌ଏମ୍‌ଇ)ର ମିଳିତ ସହଯୋଗରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଓସ୍‌ମି) ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ବ୍ୟବସାୟରେ ଅଭିବୃଦ୍ଧି ଓ ଆଶାବାଦ ଉପରେ ଆନ୍ତର୍ଜାତିକ ସମ୍ମିଳନୀ: ଏକ ବିଶ୍ୱ ସ୍ତରୀୟ ପ୍ରସଙ୍ଗ (ଜିଓଏମ୍‌ଏସ୍‌ଏମଇବି-୨୦୨୪) ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଭାରତ ତଥା ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଇଣ୍ଡୋନେସିଆର ୟୁନିଭର୍ସିଟି ଆମ୍ ଜୟ ଯୋଗ୍ୟକର୍ତାର ଆସୋସିଏଟ୍ ପ୍ରଫେସର ଡ. ବୁଦି ସୁପ୍ରାପ୍ତୋ, ଷ୍ଟାରାଜିନ୍ ର ସିଇଓ ତଥା ଦକ୍ଷିଣ କୋରିଆର କୋରିଆ ଆମଦାନୀକାରୀ ସଂଘ (କୋଇମା)ର ସଦସ୍ୟ ୟୁଜିନ ହାନ୍, ଆଇଇଡିଏସ୍, କଟକର ଏମ୍‌ଏସ୍‌ଏମ୍‌ଇ ଡିଏଫଓ ପି.କେ.ଗୁପ୍ତା, ଓସ୍‌ମେ ଓମେନ୍ ୱିଙ୍ଗ୍ ର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି, ଏନ୍‌ଆଇ - ଏମ୍‌ଏସ୍‌ଏମ୍‌ଇର ଏସ୍‌ଇଇର ନିର୍ଦ୍ଦେଶକ ଡ. ଶ୍ରୀକାନ୍ତ ଶର୍ମା, ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ୍‌ବି) କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ପ୍ରମୋଦ କୁମାର ବିଜୟବର୍ଗିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଓସ୍‌ମେର ମହାସଚିବ ସାତ୍ୱିକ ସ୍ୱାଇଁ ସଂଯୋଜନା କରିଥିଲେ। ଏହି ଅବସରରେ ଡ. ବୁଡି ସୁପ୍ରାପ୍ଟୋ ଏକ ଦୃଢ଼ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମ ସୃଷ୍ଟି କରିବାରେ ଇଣ୍ଡୋନେସିଆର ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ଭାରତ ଓ ଇଣ୍ଡୋନେସିଆ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସମାନ ଆହ୍ୱାନ ଓ ସୁଯୋଗ ରଖୁଛନ୍ତି ବୋଲି କହିଥିଲେ।



# କୋଲକାତାରେ ଇନ୍‌ଫୋସିସ୍‌ର ନୂତନ ଅତ୍ୟାଧୁନିକ ଡେଭଲପ୍‌ମେଣ୍ଟ ସେଣ୍ଟର

କୋଲକାତା,୧୯।୧୨(ଏଜେନ୍ସି): ପରବର୍ତ୍ତୀ ପିଢିର ଡିଜିଟାଲ ସେବା ସମୂହ ଏବଂ କନ୍ସଲଟିଂରେ ଏକ ବିଶ୍ୱସ୍ତରରେ ଅଗ୍ରଣୀ କମ୍ପାନୀ ଇନ୍‌ଫୋସିସ୍ ପଶ୍ଚିମବଙ୍ଗର କଲକାତାଠାରେ ଏହାର ନୂତନ ୩୨୦,୦୦୦ ବର୍ଗଫୁଟର ଡେଭଲପମେଣ୍ଟ ସେଣ୍ଟର (ଡିସି) ଖୋଲିଛି। ୪୨୬ କୋଟି ଟଙ୍କା ନିବେଶରେ ଖୋଲାଯାଇଥିବା ଏହି ସର୍ବାଧୁନିକ ଡେଭଲପମେଣ୍ଟ ସେଣ୍ଟରରେ ୪,୦୦୦ରୁ ଅଧିକ କର୍ମଚାରୀଙ୍କୁ ସ୍ଥାନ ଦେବାକୁ ଡିଜାଇନ କରାଯାଇଛି। ଏହି ସେଣ୍ଟରର କର୍ମଚାରୀଙ୍କୁ ଅଧିକ ନମନୀୟତା ଯୋଗାଇଦେବା ସହିତ ସେମାନଙ୍କୁ କ୍ଲାଉଡ, ଏଆଇ ଏବଂ ଡିଜିଟାଲ ଆଦି ସର୍ବାଧୁନିକ ପ୍ରଯୁକ୍ତିରେ ବିନିର୍ମାଣ, ଲଜିଷ୍ଟିକ୍ସ, ଆର୍ଥିକ ସେବା, ଶକ୍ତି ଓ ୟୁଟିଲିଟି ଆଦି ବହୁବିଧ ବର୍ଗର ଶିଳ୍ପରେ କାର୍ଯ୍ୟ କରିବାକୁ ସମର୍ଥ କରାଇବ। ଡେଭଲପମେଣ୍ଟ ସେଣ୍ଟରକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟାମାନଙ୍କ ମଧ୍ୟରେ ବାବୁଲ ସୁପ୍ରିୟୋ, ମିନିଷ୍ଟର-ଇନ୍-ଚାର୍ଜ, ସୂଚନା ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ୍ସ ଏବଂ ସରକାରୀ ଉଦ୍ୟୋଗ ଓ ଶିଳ୍ପ ପୁନଃନିର୍ମାଣ ବିଭାଗ, ସୁଜିତ ବୋଷ, ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଅଗ୍ନିଶମ ଓ ଜରୁରୀକାଳୀନ ସେବା, ଡ.ଅମିତ ମିତ୍ର, ମୁଖ୍ୟମନ୍ତ୍ରୀଙ୍କ ଏବଂ ଅର୍ଥ ବିଭାଗର ପ୍ରମୁଖ ପରାମର୍ଶଦାତା ,ଇନ୍‌ଫୋସିସ୍‌ର ପ୍ରତିନିଧିମଣ୍ଡଳୀ ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।

**ବାଲାଂଦେଶର ବଡ଼ ଅଭିଯୋଗ**

# ବିଦ୍ୟୁତ୍ ବୁଝାମଣା ଚୁକ୍ତି ଉଲ୍ଲଂଘନ କରିଛି ଆଦାନୀ ଗ୍ରୁପ

ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି)

ଆମେରିକାରେ ଲାଞ୍ଚ ଅଭିଯୋଗରେ ଫସି ରହିଥିବା ଆଦାନୀ ଗ୍ରୁପର ସମସ୍ୟା ବଢ଼ିବାରେ ଲାଗିଛି। ବାଂଲାଦେଶର ଅନ୍ତରୀଣ ସରକାର ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀଙ୍କ କମ୍ପାନୀ ଆଦାନୀ ପାୱାରକୁ କୋଟି କୋଟି ଟଙ୍କା ମୂଲ୍ୟର ବିଦ୍ୟୁତ୍ ଚୁକ୍ତିନାମା ଉଲ୍ଲଂଘନ କରିଥିବା ଅଭିଯୋଗ କରିଛନ୍ତି।

ଗୁରୁବାର ଏ ସମ୍ପର୍କିତ ପ୍ରକାଶିତ ଏକ ରିପୋର୍ଟରେ ରଏଟର୍ସ ଦାବି କରିଛି ଯେ ଏହି ଚୁକ୍ତିନାମା ଅନୁଯାୟୀ ଭାରତରେ ଆଦାନୀ ଗ୍ରୁପ ଯେଉଁ ପାୱାର ପ୍ଲାଣ୍ଟ ସ୍ଥାପନ କରିଛି, କମ୍ପାନୀ ସେଥିପାଇଁ ଭାରତ ସରକାରଙ୍କଠାରୁ ଟିକସ ସୁବିଧା ନେଉଛି। ହେଲେ ଆଦାନୀ ପାୱାର ଏହି ସୁବିଧା ବାଂଲାଦେଶକୁ ହସ୍ତାନ୍ତର କରୁନାହିଁ। ବାଂଲାଦେଶର ଶେଖ ହସିନା ସରକାର ବିଦ୍ୟୁତ୍ କ୍ରୟ ପାଇଁ ୨୦୧୭ ରେ ଆଦାନୀ ପାୱାର ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିନାମା ଅନୁଯାୟୀ, ଆଦାନୀ ପାୱାର ଝାଡଖଣ୍ଡର ପାୱାର ପ୍ଲାଣ୍ଟରୁ ବାଂଲାଦେଶକୁ ବିଦ୍ୟୁତ୍ ଯୋଗାଣ କରୁଛି। ରଏଟର୍ସ ରିପୋର୍ଟ ଅନୁଯାୟୀ ବାଂଲାଦେଶ ଏହି ଚୁକ୍ତିନାମାକୁ ପୁନ ଆଲୋଚନା କରିବାକୁ ଚାହୁଁଛି। ରିପୋର୍ଟ ଅନୁଯାୟୀ, ଅନ୍ୟ ପ୍ଲାଣ୍ଟ ତୁଳନାରେ ଏହି କାରଖାନାରୁ ପ୍ରାପ୍ତ ବିଦ୍ୟୁତ୍ ବହୁତ ମହଙ୍ଗା। ଅପରପକ୍ଷେ ଆଦାନୀ ଗ୍ରୁପ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ୨୦୧୯ରେ ଭାରତ ସରକାର ଆଦାନୀଙ୍କ ଏହି ପାୱାର ପ୍ଲାଣ୍ଟକୁ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍)ର ଅଂଶ ଭାବରେ ଘୋଷଣା କରିଥିଲେ। ଏହାପରେ, ଏହି ପ୍ଲାଣ୍ଟ ଆୟକର ସମେତ ଅନ୍ୟାନ୍ୟ ଟିକସରେ ଛାଡ କରିବାର ଲାଭ ପାଇଲା। ଚୁକ୍ତିନାମା ଅନୁଯାୟୀ, ଏହି ସୂଚନା ବାଂଲାଦେଶକୁ ଦିଆଯିବ ଏବଂ ଟିକସ ଛାଡରୁ ଲାଭ ବାଂଲାଦେଶକୁ ହସ୍ତାନ୍ତର କରାଯିବ।

ଏଥିରେ ବାଂଲାଦେଶ ଆଦାନୀ ଗ୍ରୁପକୁ ଚୁକ୍ତି ଅନୁଯାୟୀ ଲାଭ ସ୍ଥାନାନ୍ତର କରିବାକୁ କହିଥିଲା, କିନ୍ତୁ ଆଦାନୀ ପାୱାର ତାହା କରିନଥିଲେ।




**ଭାରତଠାରୁ ନେଉଥିବା ରିଆତି ଲାଭ ବାଲାଂଦେଶକୁ ଦେଉନାହିଁ**

## ପୁରୁଷ ହକି ଇଣ୍ଡିଆ ଲିଗ୍ ୨୮ରୁ

# କଳିଙ୍ଗ ଲାନ୍ସର୍ସର ଜର୍ସି, ମାସ୍କଟ ଉନ୍ମୋଚିତ



ଭୁବନେଶ୍ୱର, ୧୯ ।୧୨(ସମିସ): ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଷଷ୍ଠ ସଂସ୍କରଣ ପାଇଁ ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ଜର୍ସି, ଆନ୍ଥେମ ଓ ମାସ୍କଟ 'ଜିତ୍' ଉନ୍ମୋଚିତ ହୋଇଛି। ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦଳର ଖେଳାଳିମାନଙ୍କ ଉପସ୍ଥିତିରେ ଏହି ଉନ୍ମୋଚନ ପ୍ରକ୍ରିୟାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ବେଦାନ୍ତ ଆଲୁମିନିୟମର ସିଇଓ ସୁନୀଲ ଗୁପ୍ତା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ପୁରୁଷବର୍ଗର ଏହି ଲିଗ୍‌ର ଫେବୃଆରୀ ୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

### ଜର୍ସିରେ ରହିଛି ରାଜ୍ୟ କଳା, ସଂସ୍କୃତି, ଐତିହ୍ୟର ଝଲକ

ଏହି ଜର୍ସିରେ ନୀଳ ଏବଂ ସବୁଜ ରଙ୍ଗର ମିଶ୍ରଣ ରହିଥିବା ବେଳେ ଏଥିରେ କମଳା ଓ ଧଳା ରଙ୍ଗ ମଧ୍ୟ ସ୍ଥାନିତ ହୋଇଛି। ଜର୍ସିରେ ଓଡ଼ିଶାର ଇତିହାସ, ବଳିଷ୍ଠ କଳା, ସଂସ୍କୃତି, ଐତିହ୍ୟ ଓ ଭୂଗୋଳ ସହିତ ଭବିଷ୍ୟତର ଆକାଂକ୍ଷା ମଧ୍ୟ ପ୍ରତିଫଳିତ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରାକୃତିକ ଶୋଭାରାଜି ଓ ପ୍ରଗତିକୁ ମଧ୍ୟରେ ଦର୍ଶାଇବାକୁ ପ୍ରୟାସ କରାଯାଇଛି। କୋଣାର୍କ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିରକୁ ସମ୍ମାନ ଜଣାଇ ଏଥିରେ କୋଣାର୍କର ଚକ୍ରକୁ ମଧ୍ୟ ସ୍ଥାନ ଦିଆଯାଇଛି। ରାଜ୍ୟର ପାରମ୍ପରିକ କଳାର ଝଲକ ମଧ୍ୟ ଏଥିରେ ରହିଛି। ଉତ୍ତର ଓଡ଼ିଶାର ଛଉ ନୃତ୍ୟ, ଦକ୍ଷିଣ ଓଡ଼ିଶାର ଘୁମରା ନାଚର ନମୁନା ସହ ପଶ୍ଚିମ ଓଡ଼ିଶାର ସମୃଦ୍ଧ ବୟନ କଳା ସମ୍ବଲପୁରୀ ଡିଜାଇନ୍‌ର ମଧ୍ୟ ଝଲକ ଏଥିରେ ଦେଖିବାକୁ ମିଳିଛି। ଜର୍ସିର ଡିଜାଇନ୍‌ରେ ଦଳର ପ୍ରାୟୋଜକ ବେଦାନ୍ତର ପ୍ରତିବଦ୍ଧତା ଦେଖିବାକୁ ମିଳିଛି। ନିମ୍ନଭାଗରେ ଥିବା ପତ୍ରାକୃତି ଡେଉର ପ୍ରତିଛବି ବେଦାନ୍ତର ଲୋଗୋରୁ ଅନୁପ୍ରାଣିତ ହୋଇଛି। ଏହା ଅଭିବୃଦ୍ଧି, ଇତିହାସ, କଳା ଏବଂ ନିରନ୍ତରତାର ମିଶ୍ରଣକୁ ଦର୍ଶାଉଛି। ଉପର ଭାଗରେ ତରଙ୍ଗାୟିତ ମହାନଦୀକୁ ସ୍ଥାନିତ କରାଯାଇଛି। ହୀରାକୁଦ ବନ୍ଧ ସହ ଡେଲଟା ଭଳି ରାଜ୍ୟର ଭୌଗଳିକ ଜୀବନଧାରା ଏବଂ ସମୁଦ୍ର ସହ ନିବିଡତାକୁ ଦର୍ଶାଉଛି।

### ଋତୁରାଜ ଗାଇଛନ୍ତି ଆନ୍ଥେମ 'ଜଜ୍‌ବା କି ଜିତ୍'

ଟିମ୍ ମାସ୍କଟ 'ଜିତ୍'ର ମଧ୍ୟ ଉନ୍ମୋଚିତ ହୋଇଛି। ସେହିପରି ଲାନ୍ସର ଆନ୍ଥେମ ବା ସଙ୍ଗୀତ 'ଜଜବା କି ଜିତ୍' ମଧ୍ୟ ଉନ୍ମୋଚିତ ହୋଇଛି ଓ ଏହା କଠିନ ପରିଶ୍ରମ ଓ ଅଧ୍ୟବସାୟକୁ ପ୍ରଦର୍ଶିତ କରୁଛି। ଏହି ଗୀତକୁ ଓଡ଼ିଆ ଗାୟକ ଋତୁରାଜ ମହାନ୍ତି ଗାନ କରିଛନ୍ତି ଓ ଏହା ବେଶ୍ ଉପଭୋଗ୍ୟ ହୋଇଛି।

### ଲାନ୍ସର୍ସ ଥରେ ଚାମ୍ପିଅନ, ରନର୍ସଅପ୍ ହୋଇଛି

ହକି ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ବେଳେ ଲାନ୍ସର ଏଥର ୨୦୧୭ର ସଫଳତାକୁ ଦୋହରାଇବ ବୋଲି ଆଶା କରାଯାଉଛି। ଲାନ୍ସର ଏହି ବର୍ଷ ଫାଇନାଲରେ ଦବଙ୍ଗ ମୁମ୍ବାଇକୁ ପରାସ୍ତ କରି ପ୍ରଥମଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ସେହିପରି ୨୦୧୬ରେ ଲାନ୍ସର୍ସ ରନର୍ସଅପ୍ ହୋଇଥିଲା।

## ତାରକା ଖଚିତ ସୁରମା'ର ପ୍ରସ୍ତୁତି ଶିବିର

ଚଣ୍ଡିଗଡ଼, ୧୯ ।୧୨ (ଏଜେନ୍ସି): ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ପୁଣିଥରେ ଫ୍ରାଞ୍ଚାଇଜଭିତ୍ତିକ ହକି ପ୍ରତିଯୋଗିତା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ପ୍ରତ୍ୟାବର୍ତ୍ତନ କରିଛି। ଡିସେମ୍ବର ୨୮ ରୁ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଚ୍ଆଇଏଲ୍‌ର ୬ଷ୍ଠ ସଂସ୍କରଣ ଖେଳାଯିବ। ଏଥିଲାଗି ପଞ୍ଜାବଭିତ୍ତିକ ଦଳ ସୋରମା ହକି କ୍ଲବ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ଦୁଇଥରର ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ତଥା ଭାରତୀୟ ଦଳର ଅଧିନାୟକ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଚଣ୍ଡିଗଡ଼ ସେକ୍ଟର ୪୨ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସୋରମା ଦଳର ପ୍ରସ୍ତୁତି ଚାଲିଛି।



ହର୍‌ମନପ୍ରୀତ୍‌ଙ୍କ ବ୍ୟତୀତ ଦଳରେ ବିବେକ ସାଗର ପ୍ରସାଦ, ଗୁର୍‌ଜାନ୍ତ ସିଂହ, ମନିନ୍ଦର ସିଂହ, ସୁନିତ ଲାକ୍ରା, ଏଚ୍‌ଏସ୍ ମୋହିତଙ୍କ ଭଳି ଜାତୀୟ ଦଳର ଖେଳାଳି ଶିବିରରେ ଉପସ୍ଥିତ ରହିଛନ୍ତି। ସେହିଭଳି ଅନ୍ତର୍ଜାତୀୟ ତାରକାଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଡ୍ରାଗ୍ ଫ୍ଲିକର ସ୍ପେଶାଲିଷ୍ଟ ଜେରେମୀ ହେୱାର୍ଡ, ବେଲ୍‌ଜିୟମର ନିକୋଲସ ପୋନସେଲେଟ, ଭିକ୍ଟର ୱେଗନେଜ, ଗୋଲ୍‌ରକ୍ଷକ ଭିନସେଣ୍ଟ ଭାନାଶ୍ଚ ପ୍ରମୁଖ କ୍ୟାମ୍ପରେ ଇତିମଧ୍ୟରେ ଯୋଗଦେଇସାରିଛନ୍ତି। ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂହ ସୋରମା ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ଡିସେମ୍ବର ୨୯ ରେ ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ଖେଳି ସୋରମା ଦଳ ଏଚ୍ଆଇଏଲ୍‌ରେ ଅଭିଯାନ ଆରମ୍ଭ କରିବ।

■ ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ

## କେରଳଠାରୁ ହାରିଲା ଓଡ଼ିଶା

କଟକ, ୧୯।୧୨(ସମିସ): ୭୮ତମ ବରିଷ୍ଠ ପୁରୁଷ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ହାଇଦ୍ରାବାଦ୍‌ରେ ଜାରି ରହିଛି। ଡେକାନ ଏରେନାରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୦-୨ ଗୋଲରେ କେରଳଠାରୁ ପରାସ୍ତ ହୋଇଛି। ଖେଳର ଉଭୟାର୍ଦ୍ଧରେ ବିଜୟୀ କେରଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲା। ୪୧ତମ ମିନିଟରେ ମହମ୍ମଦ ଅସଜଲ ଏବଂ ୫୪ତମ ମିନିଟରେ ନସୀବ ରେହମାନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫାଇନାଲ ରାଉଣ୍ଡରେ ଓଡ଼ିଶା ନିକଟରେ ଆଉ ୨ଟି ମ୍ୟାଚ୍ ବାକି ରହିଛି। ୨୨ ତାରିଖରେ ତାମିଲନାଡୁ ଏବଂ ୨୪ ତାରିଖରେ ମେଘାଳୟ ବିପକ୍ଷରେ ମ୍ୟାଚ୍ ଅଛି।

## ବିଶ୍ୱ ପେଙ୍କାକ୍ ସିଲଟ୍‌ରେ ଓଡ଼ିଶାରୁ ୬

ଭୁବନେଶ୍ୱର, ୧୯ ।୧୨ (ସମିସ): ପଞ୍ଚମ ବିଶ୍ୱ ସବ୍-ଜୁନିଅର ଓ ଜୁନିଅର ଏବଂ ୨୦ତମ ସିନିଅର ପେଙ୍କାକ୍ ସିଲଟ୍ ଚାମ୍ପିଅନସିପ୍ ଆବୁଧାବିରେ ଆରମ୍ଭ ହୋଇଯାଇଛି। ଏଥିରେ ଜାତୀୟ ଦଳରୁ ଓଡ଼ିଶାର ୬ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ଦୀପାଂଶୁ ବାମେଲ, ଅଂଶୁମାନ ଭୋମିକ, ଶରତ ଦାସ, ଅବଦୁଲ ସୋଫିଆନ ଓ ଭିଦିତ ଗୁପ୍ତା। ସେହିଭଳି ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ରେଫରୀ ଭାବେ ପରିଚାଳନା ଲାଗି ପ୍ରେମ ସିଂ ଧାପ୍ପା ମନୋନୀତ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ଉପଦେଷ୍ଟା ସୁମନ ମୋଦି ଓ ଖୋର୍ଦ୍ଧା ସଂଘର ସମ୍ପାଦକ ଜିତେନ୍ଦ୍ର ରାଉତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ ରାଜ୍ୟ ବାସ୍କେଟବଲ

## ପୁରୁଷ ବର୍ଗର କ୍ୱାର୍ଟର ଲାଇନଅପ୍ ଚୂଡ଼ାନ୍ତ

କଟକ, ୧୯।୧୨(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୬୫ତମ ରାଜ୍ୟ ବାସ୍କେଟବଲ ଚାମ୍ପିଅନସିପ୍ ଖେଳାଯାଉଛି। ପ୍ରତିଯୋଗିତାର ପୁରୁଷ ବର୍ଗର କ୍ୱାର୍ଟର ଫାଇନାଲ ଲାଇନଅପ ଚୂଡ଼ାନ୍ତ ହୋଇଛି। ରୋଭର୍ସ କ୍ଲବ, ବିଏଏ, କିଟ୍, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, ବିବିଏ ଏବଂ ରାୟଗଡ଼ା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବା ସହ ମହିଳା ବର୍ଗର ସୁପରଲିଗ୍ ଆରମ୍ଭ ହେବ। ଆଜି ଖେଳାଯାଇଥିବା ଲିଗ ମ୍ୟାଚ ଗୁଡିକରେ ବିଏଏ ୪୯-୩୨ ପଏଣ୍ଟରେ ସୋଆକୁ, ବିବିଏ ୫୨-୪୬ ପଏଣ୍ଟରେ ମାରୱାଡି କ୍ଲବକୁ, କିଟ ୬୩-୨୯ ପଏଣ୍ଟରେ ବଲାଙ୍ଗୀରକୁ, ରାୟଗଡ଼ା ୪୪-୩୫ ପଏଣ୍ଟରେ ଢେଙ୍କାନାଳକୁ, ପୁରୀ ୭୦-୪୬ ପଏଣ୍ଟରେ ସୁନ୍ଦରଗଡ଼କୁ, ସୁପ୍ରିମ ୪୪-୩୭ ପଏଣ୍ଟରେ ସମ୍ବଲପୁରକୁ ହରାଇଥିଲା।

■ ଦ୍ୱିତୀୟ ଏକଦିବସୀୟ

## ଆଫଗାନିସ୍ତାନର ରେକର୍ଡ ବିଜୟ

ହରାରେ, ୧୯ ।୧୨ (ଏଜେନ୍ସି): ଏଠାରେ ଗୁରୁବାର ଅନୁଷ୍ଠିତ ୨ୟ ଏକଦିବସୀୟ ମ୍ୟାଚ୍‌ରେ ଭ୍ରମଣକାରୀ ଆଫଗାନିସ୍ତାନ ରେକର୍ଡ ୨୩୨ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ଏଥିସହ ଆଫଗାନିସ୍ତାନ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଜିମ୍ବାୱେ ଅଧିନାୟକ କ୍ରେଗ ଏର୍ଭିନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ଦୁଇ ଓପନର୍ ସେଦିକୁଲ୍ଲା ଅଟାଲ୍ ଓ ଅବଦୁଲ ମଲିକଙ୍କ ଦମ୍‌ଦାର ଚମତ୍କାର ପ୍ରଦର୍ଶନ ବଳରେ ପ୍ରଥମ ୱିକେଟ୍ ଭାଗୀଦାରିରେ ୧୯୧ ରନ ଉଠାଇଥିଲା। ଫଳରେ ଦଳ ୫୦ ଓଭରରେ ୬ ୱିକେଟ୍ ହରାଇ ୨୮୬ ରନର ସମ୍ମାନଜନକ ସ୍କୋର କରିଥିଲା। ଏକଦିବସୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରି ସେଦିକୁଲ୍ଲା ୧୦୬ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ସେହିଭଳି ଅବଦୁଲ ୮୪ ରନ କରି ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସମତୁଲ୍ଲା ଶାହିଦି ୨୯ ରନ କରି ଅପରାଜିତ ରହିଥିଲେ। ଜିମ୍ବାୱେ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ନ୍ୟୁମାନ ନ୍ୟାମହୁରି ୩ ଓ ଟ୍ରେଭର ଗ୍ୱାଣ୍ଡୁ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଆଫଗାନିସ୍ତାନର ବୋଲିଂକୁ ଉଚିତ୍ ମୁକାବିଲା କରି ନ ପାରି ଘରୋଇ ଜିମ୍ବାୱେ ଶୋଚନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୫ ଓଭରରେ ମାତ୍ର ୫୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୨୩୨ ରନରେ ଜିତିଥିବା ଆଫଗାନିସ୍ତାନ ଏହି ଫର୍ମାଟ୍‌ରେ ରେକର୍ଡ ସର୍ବବୃହତ୍ ବିଜୟ ଲାଭ କରିଛି। ପୂର୍ବରୁ ଆଫଗାନିସ୍ତାନ ଦକ୍ଷିଣ ଆଫ୍ରିକାକୁ ୧୭୭ ରନରେ ହରାଇଥିଲା।

**ଏଫ୍‌ଆଇଏଚ୍ ର‍୍ୟାଙ୍କିଙ୍ଗ୍**

## ପଞ୍ଚମ ସ୍ଥାନରେ ରହି ବର୍ଷ ଶେଷ କଲା ଭାରତ



ନୂଆଦିଲ୍ଲୀ, ୧୯ ।୧୨ (ଏଜେନ୍ସି): ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ସଦ୍ୟ ପ୍ରକାଶିତ ର‍୍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ଦଳ ୫ମ ସ୍ଥାନରେ ରହି ବର୍ଷ ଶେଷ କରିଛି। ହରମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ଚଳିତ ବର୍ଷ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲା। ଫଳରେ ୧୯୭୨ ମ୍ୟୁନିକ ଅଲିମ୍ପିକ୍ସ ପରେ କ୍ରମାଗତ ଦୁଇଟି ଅଲିମ୍ପିକ୍ସରେ ପଦକ ବିଜୟୀ ହେବାର ସୌଭାଗ୍ୟ ଲାଭ କରିଥିଲା।

ଅଲିମ୍ପିକ୍ସ ଚାମ୍ପିଅନ ନେଦରଲାଣ୍ଡସ ପୁରୁଷ ହକି ଦଳ ୩୨୬୭ ପଏଣ୍ଟ ସହ ତାଲିକାର ଶୀର୍ଷ ସ୍ଥାନରେ ରହି ବର୍ଷ ୨୦୨୪ ଶେଷ କରିଛି। ସେହିଭଳି ଇଂଲଣ୍ଡ (୩୧୩୯ ପଏଣ୍ଟ) ଓ ବେଲ୍‌ଜିୟମ (୩୧୨୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ଜର୍ମାନୀ ୨ଟି ପାହାଚ ତଳକୁ ଖସି ୪ର୍ଥ ସ୍ଥାନ ଲାଭ କରିଛି। ଚଳିତ ପ୍ରୋ-ଲିଗ୍ ସିଜନରେ ନୈରାଶ୍ୟଜନକ ଆରମ୍ଭ କରିବା ଜର୍ମାନୀ ପାଇଁ ମହଙ୍ଗା ପଡ଼ିଛି। ସେହିଭଳି ଆଠଥରର ଅଲିମ୍ପିକ୍ସ ଚାମ୍ପିଅନ ଭାରତ ବର୍ତ୍ତମାନ ୨୯୫୫ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ (୨୮୧୪), ଆର୍ଜେଣ୍ଟିନା (୨୬୨୨), ସ୍ପେନ (୨୫୭୦), ଫ୍ରାନ୍ସ (୨୧୧୬) ଓ ଆୟର୍ଲାଣ୍ଡ (୨୧୧୨) ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି।

### ମହିଳା ର‍୍ୟାଙ୍କିଙ୍ଗ୍‌ରେ ଭାରତ ୯ମ

ସେହିଭଳି ଭାରତୀୟ ମହିଳା ହକି ଦଳ ବିଶ୍ୱ ମାନ୍ୟତାରେ ୯ମ ସ୍ଥାନରେ ରହିଛି। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ନେଦରଲାଣ୍ଡସ ୩୬୮୯ ପଏଣ୍ଟ ସହ ମହିଳା ର‍୍ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନରେ ରହି ବର୍ଷ ଶେଷ କରିଛି। ଆର୍ଜେଣ୍ଟିନା, ବେଲ୍‌ଜିୟମ, ଜର୍ମାନୀ ଓ ଅଷ୍ଟ୍ରେଲିଆ ପରବର୍ତ୍ତୀ ୪ଟି ସ୍ଥାନରେ ରହିଛନ୍ତି।

## ଦିନକ ପରେ ବିଜୟ ହଜାରେ ଟ୍ରଫି: ଏଥର ଭଲ ଖେଳିବ ଓଡ଼ିଶା

 କଟକ, ୧୯।୧୨(ସମିସ): ଶନିବାର ଠାରୁ ଆରମ୍ଭ ହେବ ବିଜୟ ହଜାରେ ଟ୍ରଫି। ବିସିସିଆଇର ଏକଦିବସୀୟ ଏହି ଘରୋଇ ଟୁର୍ଣ୍ଣାମେଣ୍ଟକୁ ଆଉ ଗୋଟିଏ ଦିନ ବାକି। ତେବେ ଟୁର୍ଣ୍ଣାମେଣ୍ଟର ପ୍ରଥମ ତିନୋଟି ମ୍ୟାଚ୍ ନିମନ୍ତେ ଘୋଷିତ ରାଜ୍ୟ ଦଳ ଆଜି ଜୟପୁର ଅଭିମୁଖେ ଯାତ୍ରା କରିଛି। ଦଳର ନେତୃତ୍ୱ ନେଉଛନ୍ତି ୨୬ ବର୍ଷୀୟ ଡାହାଣହାତୀ ବ୍ୟାଟର ସନ୍ଦୀପ ପଟ୍ଟନାୟକ। ପ୍ରଥମଥର ବରିଷ୍ଠ ଦଳର ନେତୃତ୍ୱ ଗ୍ରହଣ କରିଥିବା ସନ୍ଦୀପଙ୍କ ଉପରେ ରାଜ୍ୟ ଦଳର ଭରସା ରହିଛି। ଏଲିଟ ଗ୍ରୁପ-ଏରେ ଓଡ଼ିଶା ସ୍ଥାନ ପାଇଥିବା ବେଳେ ପ୍ରଥମ ଲିଗ୍‌ରେ ଦର୍ଶନ ମିଶାଲଙ୍କ ନେତୃତ୍ୱାଧୀନ ଗୋଆକୁ ଭେଟିବ।

ଲିଗ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଓଡ଼ିଶା ଜୟପୁରରେ ଖେଳିବ। ଲିଷ୍ଟ-ଏ ଫର୍ମାଟରେ ଗୋଆ ବିପକ୍ଷରେ ଓଡ଼ିଶାର ପ୍ରଦର୍ଶନ ଭଲ ରହିଛି। ୨୦୧୪ରେ ଏହି ଦୁଇ ଦଳ ଶେଷ ଥର ମୁହାଁମୁହିଁ ହୋଇଥିଲେ। ମାତ୍ର ୧ରନରେ ଓଡ଼ିଶା ବିଜୟଲାଭ କରିଥିଲା। ନୂଆ ଅଧିନାୟକ ସନ୍ଦୀପଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହି ଧାରା ବଜାୟ ରଖିବ ବୋଲି ଅନୁମାନ କରାଯାଉଛି। ତେବେ ଜୟପୁର ଯାତ୍ରା କରିଥିବା ରାଜ୍ୟ ଦଳରେ ୫ଜଣ ନବାଗତଙ୍କୁ ସାମିଲ କରାଯାଇଛି। ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ଚଳିତ ଥର ବିସିସିଆଇର ସମସ୍ତ ଘରୋଇ ଟୁର୍ଣ୍ଣାମେଣ୍ଟରେ ପଦାର୍ପଣ କରିଛନ୍ତି। ପୂର୍ବରୁ ପ୍ରଥମଶ୍ରେଣୀ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ଦଳରେ ସୁଯୋଗ ପାଇଥିଲେ। ଏବେ ଏକଦିବସୀୟ ଫର୍ମାଟରେ ମଧ୍ୟ ସ୍ଥାନ ଜାହିର କରିଛନ୍ତି।



ବିଜୟ ହଜାରେ ଟ୍ରଫିରେ ଅନ୍ୟ ୪ ନବାଗତ ଭାବେ ତାପସ ଦାସ, ସୁମିତ ଶର୍ମା, ଜାମଲା ଭଞ୍ଜନ ମହାପାତ୍ର ଏବଂ ଅନୀଲ ପରିଡ଼ା ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ରାଜ୍ୟ ଦଳରୁ ବାଦ୍ ପଡ଼ିଥିବା ରାଜେଶ ଧୂପରଙ୍କୁ ପ୍ରତ୍ୟାବର୍ତ୍ତନ ସୁଯୋଗ ମିଳିଛି। ଗୋଟିଏ ସଂସ୍କରଣର ବ୍ୟବଧାନ ପରେ ସ୍ପିନ ଅଲରାଉଣ୍ଡର ତଥା ରାଜସ୍ଥାନ ରୟାଲ୍ସ ଦଳରୁ ପ୍ରତିନିଧିତ୍ୱ କରିଥିବା ଅଭିଷେକ ରାଉତ ପୁର୍ନବାର ରାଜ୍ୟ ଦଳକୁ ଫେରିଛନ୍ତି।

## ଜାତୀୟ ମହିଳା ଫୁଟ୍‌ବଲ ସେମିଫାଇନାଲ୍‌ରେ ଓଡ଼ିଶା



କଟକ, ୧୯।୧୨(ସମିସ): ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ ଜିଜାବାଇ ଟ୍ରଫିରେ ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ୨୧ ତାରିଖରେ ଛତିଶଗଡ଼ର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ହେବାକୁ ଥିବା ସେମି ମୁକାବିଲାରେ ଅନ୍ତର୍ଜାତୀୟ ତାରକା ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ହରିୟାଣାକୁ ଭେଟିବ।

ଲିଗ ପର୍ଯ୍ୟାୟରେ ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଟୁର୍ଣ୍ଣାମେଣ୍ଟ ପ୍ରାରମ୍ଭରୁ ଚମତ୍କାର ପ୍ରଦର୍ଶନ କରିଥିଲା। ମୋଟ ୪ଟି ଲିଗ୍ ମ୍ୟାଚ୍‌ରୁ ୨ଟି ବିଜୟ, ଗୋଟିଏ ଲେଖାଏ ପରାଜୟ ଏବଂ ଅମୀମାଂସିତ ଫଳାଫଳ ସହ ଦଳ ୭ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ପ୍ରଥମ ଲିଗ୍‌ରେ ମହାରାଷ୍ଟ୍ରକୁ ୨-୦ରେ ହରାଇ ଓଡ଼ିଶା ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପଡୋଶୀ ରାଜ୍ୟ ଝାଡଖଣ୍ଡକୁ ୪-୦ରେ ହରାଇଥିଲା। ମାତ୍ର ୩ୟ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ମ୍ୟାଚ୍‌ରେ ମଣିପୁର ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ୪ର୍ଥ ତଥା ଅନ୍ତିମ ଲିଗ୍ ଗତ ୧୬ ତାରିଖରେ ଖେଳିଥିଲା ଓଡ଼ିଶା। ତାମିଲନାଡୁ ବିପକ୍ଷ ଏହି ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା।

**ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ୍**

## ଆଜି ସେମିରେ କଳିଙ୍ଗ ସ୍ପୋର୍ଟିଂ-ପପୁଲାର କ୍ଲବ

ଯାଁଳା, ୧୯।୧୨(ସମିସ): ରାଧାଚରଣପୁର ଖେଳ ପଡ଼ିଆରେ ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ୨୬ତମ ଶବର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ମ୍ୟାଚ୍‌ରେ କଳିଙ୍ଗ ସ୍ପୋର୍ଟିଂ (ଭୁବନେଶ୍ୱର) ୨-୦ ଗୋଲ୍‌ରେ ଏକେ କ୍ଲବ୍ (ଅନୁଗୋଳ)କୁ ପରାସ୍ତ କରି ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଏଥିରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧର ୧୦ ମିନିଟ୍‌ରେ କଳିଙ୍ଗ ସ୍ପୋର୍ଟିଂ ଦଳର ମନୋଜ ସ୍ୱାଇଁ ଗୋଟିଏ ଗୋଲ୍ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ୫ ମିନିଟ୍ ପରେ ବିକାଶ ନାଏକଙ୍କ ଗୋଲ୍ କଳିଙ୍ଗ ସ୍ପୋର୍ଟିଂର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲା। ବଳକା ସମୟରେ କୌଣସି ଗୋଲ୍ ନ ହେବାରୁ କଳିଙ୍ଗ ସ୍ପୋର୍ଟିଂ ୨-୦ରେ ବିଜୟୀ ହୋଇ ସେମିରେ ସ୍ଥାନ ପକ୍କା କରିଛି। ବିଦେଶୀ ନାଏକ, ପ୍ରଫୁଲ୍ଲ ବେହେରା, ଗିରିଶ ଜାନି ଓ ଆନନ୍ଦ ନାଏକ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ କଳିଙ୍ଗ ସ୍ପୋର୍ଟିଂ (ଭୁବନେଶ୍ୱର) ଓ ପପୁଲାର କ୍ଲବ୍ (ଢେଙ୍କାନାଳ) ପରସ୍ପରକୁ ଭେଟିବେ।

# ମହିଳା ଟି-୨୦ ସିରିଜ୍ ଜିତିଲା ଭାରତ

ମୁମ୍ବାଇ, ୧୯।୧୨(ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ଘରୋଇ ଭାରତ ଦମ୍‌ଦାର ପ୍ରଦର୍ଶନ କରି ୬୦ ରନରେ ବୃହତ୍ ବିଜୟ ହାସଲ କରିଛି। ସ୍ଥାନୀୟ ଡି ୱାଇ ପାଟିଲ ସ୍ପୋର୍ଟ୍ସ ଏକାଡେମୀରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୪ ୱିକେଟ ହରାଇ ୨୧୭ ରନ ସଂଗ୍ରହ କରିଛି। ଜବାବରେ ୱେଷ୍ଟଇଣ୍ଡିଜ ୯ ୱିକେଟ ହରାଇ ୧୫୭ ରନରେ ସୀମିତ ରହିଥିଲା। ଏଥିସହ ଭାରତ ୨-୧ରେ ସିରିଜ ହାତେଇ ନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୪୯ ରନରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୯ ୱିକେଟରେ ବିଜୟୀ ହୋଇଥିଲା। ସ୍ମୃତି ମନ୍ଧାନା ସିରିଜର ଓ ରିଚା ଘୋଷ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ତରଫରୁ ଚିନେଲେ ହେନେରୀ ସର୍ବାଧିକ ୪୩, ଡିଏଣ୍ଡ୍ରା ଡଟିନ ୨୫, ଅଧିନାୟିକା ହେଲି ମାଥ୍ୟୁସ୍ ୨୨, ଶେରମାଇନ କ୍ୟାମ୍ପବେଲ ୧୭, କିଆନା ଜୋସେଫ୍ ୧୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବାମହାତୀ ସ୍ପିନର ରାଧା ଯାଦବ ସର୍ବାଧିକ ୪, ରେଣୁକା ସିଂ, ସଞ୍ଜୀବନ ସଜନା, ତିତାସ ସିଧୁ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

**ୱେଷ୍ଟଇଣ୍ଡିଜ ୬୦ ରନରେ ପରାସ୍ତ**

### ମନ୍ଧାନା, ରିଚାଙ୍କ ଦ୍ରୁତ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ଅଧିନାୟିକା ତଥା ଓପନର ସ୍ମୃତି ମନ୍ଧାନା ୪୭ ବଲରୁ ୧୩ ଚୌକା ଓ ୧ ଛକା ସହ ୭୭ ଓ ୱିକେଟରକ୍ଷକ ବ୍ୟାଟର ରିଚା ଘୋଷ ୨୧ ବଲରୁ ୩ ଚୌକା ଓ ୫ ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଜେମିମା ରୋଡ୍ରିଗ୍ରେଜ ୩୯ ରନକରି ଆଉଟ ହୋଇଥିଲେ। ରାଘବୀ ବିଷ୍ଟ ୩୧ ଓ ସଜୀବନ ସଞ୍ଜନା ୪ ରନକରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ବୋଲିଂରେ ଚିନେଲେ ହେନେରୀ, ଡିଏଣ୍ଡ୍ରା ଡଟିନ, ଆଲିୟା ଆଲେଇନ୍ ଓ ଅଫି ଫ୍ଲେଚର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ହାଇବ୍ରିଡ୍ ମଡେଲରେ ଚାମ୍ପିଅନ୍ସ ଟ୍ରଫି

**ଆଇସିସି ଟୁର୍ଣ୍ଣାମେଣ୍ଟ ନିରପେକ୍ଷ କେନ୍ଦ୍ରରେ ଖେଳିବେ ଭାରତ ଓ ପାକିସ୍ତାନ**




ନୂଆଦିଲ୍ଲୀ, ୧୯।୧୨(ଏଜେନ୍ସି): ପାକିସ୍ତାନରେ ଆସନ୍ତାବର୍ଷ ଆୟୋଜିତ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ତାହାର ଆଶୁ ସମାଧାନ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପାକିସ୍ତାନ ଯିବାକୁ ଭାରତ ସରକାର ମନାକରିଦେବା ପରେ ଏହାର ଆୟୋଜନକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। କିନ୍ତୁ ଆଇସିସି ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ପରେ ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲରେ ଖେଳାଯିବ ବୋଲି ସ୍ଥିର କରାଯାଇଛି। ହାଇବ୍ରିଡ୍ ମଡେଲ ଅର୍ଥ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବ ନାହିଁ ଭାରତ। ଏକ ନିରପେକ୍ଷ କେନ୍ଦ୍ରରେ ଭାରତର ମ୍ୟାଚ୍ ଗୁଡିକ ଖେଳାଯିବ। ଭାରତ ଯଦି ନକ୍‌ଆଉଟ କିମ୍ବା ଫାଇନାଲକୁ ଉନ୍ନୀତ ହୁଏ, ତେବେ ଏହା ମଧ୍ୟ ନିରପେକ୍ଷ କେନ୍ଦ୍ରରେ ଖେଳାଯିବ ବୋଲି ନିଷ୍ପତ୍ତି ହୋଇଛି। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟର ବହୁପ୍ରତୀକ୍ଷିତ ଖେଳସୂଚୀ ଘୋଷଣା କରାଯାଇନାହିଁ। ଏହା ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ଆଇସିସି ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

କିନ୍ତୁ ପାକିସ୍ତାନ ଯିବାକୁ ଭାରତ ମନାକରିବା ପରେ ଭାରତରେ ମଧ୍ୟ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପାକିସ୍ତାନ ଆସିବ ନାହିଁ। ଏହି ସର୍ତ୍ତରେ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିଛି। ୨୦୨୪ରୁ ୨୦୨୭ ମଧ୍ୟରେ ଉଭୟ ଦେଶରେ ଖେଳାଯିବାକୁ ଥିବା ଆଇସିସି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲରେ ଖେଳାଯିବ। ଏହାର ଅର୍ଥ ଯେଉଁ ଦେଶରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ, ଅନ୍ୟ ଦେଶ ନିରପେକ୍ଷ କେନ୍ଦ୍ରରେ ତାହାର ମ୍ୟାଚ୍ ଗୁଡ଼ିକ ଖେଳିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ, ବିସିସିଆଇ ଓ ଆଇସିସି ମଧ୍ୟରେ ବୁଝାମଣା ହୋଇଛି। ୨୦୨୪ରୁ ୨୦୨୭ ମଧ୍ୟରେ ପାକିସ୍ତାନରେ ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ, ମହିଳା ବିଶ୍ୱକପ୍, ଭାରତ ଓ ଶ୍ରୀଲଙ୍କା ୨୦୨୬ରେ ମିଳିତଭାବେ ଆୟୋଜନ କରିବାକୁ ଥିବା ଟି-୨୦ ବିଶ୍ୱକପ୍ ସାମିଲ ରହିଛି। ଆଇସିସି ବୋର୍ଡ ପକ୍ଷରୁ ଏହା ନିଷ୍ପତ୍ତି ହୋଇଛି ଓ ଯେଉଁ ଦେଶ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବ ସେହି ଦେଶ ନିରପେକ୍ଷ ଭେନ୍ୟୁ ଚୂଡାନ୍ତ କରିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି। ଆସନ୍ତାବର୍ଷ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫିରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ପାକିସ୍ତାନ ଅଂଶଗ୍ରହଣ କରିବେ।

# ମେଲ୍‌ବୋର୍ଣ୍ଣ ବିମାନବନ୍ଦରରେ କୋହଲିଙ୍କ ପାଟିତୁଣ୍ଡ



ମେଲବୋର୍ଣ୍ଣ, ୧୯।୧୨(ଏଜେନ୍ସି): ନିଜର ଥଣ୍ଡା ମିଜାଜ ଲାଗି ସମର୍ଥକ ଓ ସାଥି ଖେଳାଳିଙ୍କ ମଧ୍ୟରେ ବେଶ ଆଦୃତ ହୋଇଥିବା ଭାରତର ତାରକା କ୍ରିକେଟ ଖେଳାଳି ବିରାଟ କୋହଲି ଆଜି ବା ବୁଧବାର ମେଲବୋର୍ଣ୍ଣ ବିମାନ ବନ୍ଦରରେ ପାଟିତୁର୍ଣ୍ଣ କରିବା ଦେଖାଯାଇଛି। ସେ ଜଣେ କ୍ୟାମେରାମ୍ୟାନ୍‌ଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହାର କାରଣ ଥିଲା ଉକ୍ତ କ୍ୟାମେରାମ୍ୟାନ ବିମାନବନ୍ଦରରେ ଫଟୋ ଉଠାଇଥିଲାବେଳେ କୋହଲି ତାଙ୍କ ପରିବାର ସହ ହୋଟେଲରୁମ୍‌କୁ ଯାଉଥିଲେ। ଏହି ଘଟଣା ତାଙ୍କୁ କ୍ଷୁବ୍ଧ କରିଥିଲା। ବିନା ଅନୁମତିରେ ତାଙ୍କ ପରିବାର ସଦସ୍ୟଙ୍କ କୌଣସି ଫଟୋ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବାକୁ ସେ ଆଦୌ ବରଦାସ୍ତ କରୁନାହାନ୍ତି। ମୋର ଟିକେ ବ୍ୟକ୍ତିଗତ ଗୋପନୀୟତା ଦରକାର ବୋଲି କୋହଲି ଯୁକ୍ତିତର୍କ ବେଳେ କହିଥିଲେ। ସେ ଦୁଇଥର ଏପରି କରିବା ଫଳରେ ବିମାନବନ୍ଦରରେ ଏକ ସରଗରମ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ରେକର୍ଡିଂ କରୁଥିବା ସଂସ୍ଥାର ବରିଷ୍ଠ ଅଧିକାରୀ କୋହଲିଙ୍କ ପରିବାର ସଦସ୍ୟଙ୍କର କିଛି ରେକର୍ଡିଂ କରୁନାହାନ୍ତି କିମ୍ବା ଫଟୋ ଉଠାଇନାହାନ୍ତି ବୋଲି ଆସି କହିବା ପରେ ସେ ଶାନ୍ତ ହୋଇଥିଲେ। କୋହଲିଙ୍କର ଏହା ଭୁଲବୁଝାମଣା ଓ ଏଥିଲାଗି ସେ ବ୍ୟସ୍ତ ହେବେ ନାହିଁ ବୋଲି କର୍ମକର୍ତ୍ତାଜଣଙ୍କ କହିଥିଲେ। ଏହା ପରେ ସେ ବିମାନବନ୍ଦର ଛାଡ଼ିବା ବେଳକୁ ଉକ୍ତ କର୍ମକର୍ତ୍ତା ଓ କ୍ୟାମେରାମ୍ୟାନ୍‌ଙ୍କ ସହ ହାତ ମିଳାଇ ଯାଇଥିଲେ। କୋହଲି ତାଙ୍କ ପିଲାମାନଙ୍କର ଗୋପନୀୟତାକୁ ଗୁରୁତ୍ୱ ଦେଉଛନ୍ତି।

ଅଷ୍ଟ୍ରେଲିଆ ଗସ୍ତରେ ଥିବା କୋହଲି ବର୍ଡର-ଗାଭାସ୍କର ଟେଷ୍ଟର ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ ମଧ୍ୟ ସେ ଖେଳିଥିବା ଅନ୍ୟ ୪ଟି ଇନିଂସରେ ମାତ୍ର ୨୬ ରନ୍ କରିଛନ୍ତି। ଫର୍ମକୁ ନେଇ ସେ ଚିନ୍ତିତ ଥିଲାବେଳେ ଏଭଳି ଘଟଣା ଦେଖିବାକୁ ମିଳିଛି।

### ଭାରତ ଛାଡ଼ି ଲଣ୍ଡନରେ ବସବାସ କରିବେ

ବିରାଟ କୋହଲି, ପତ୍ନୀ ଅନୁଷ୍କା ଶର୍ମା ଦୁଇ ସନ୍ତାନ ଭାମିକା ଓ ଅକାୟ ଭାରତ ଛାଡ଼ି ଲଣ୍ଡନରେ ବସବାସ କରିବେ। ଏ ସମ୍ପର୍କରେ ତାଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମା ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଅବସର ପରେ ସେ ଓ ତାଙ୍କ ପରିବାର ଲଣ୍ଡନରେ ରହିବେ, କିନ୍ତୁ ଏହାର କାରଣ ସମ୍ପର୍କରେ ସେ କିଛି କହିନାହାନ୍ତି। ଆଜିକାଲି ସେ ଅଧିକାଂଶ ସମୟ ଲଣ୍ଡନରେ ରହୁଛନ୍ତି। ଏପରିକି ନିକଟରେ ଅର୍ଥାତ ଫେବୃଆରୀ ୧୫ରେ ତାଙ୍କର ଦ୍ୱିତୀୟ ସନ୍ତାନ ତଥା ପୁତ୍ର ଅକାୟ ଲଣ୍ଡନରେ ଜନ୍ମଗ୍ରହଣ କରିଥିଲା। ସେଠାରେ କୋହଲିଙ୍କର ଘର ଓ ବ୍ୟବସାୟ ରହିଛି। ଏ ସମ୍ପର୍କରେ ରାଜକୁମାର ସୂଚନା ଦେଇଥିଲେ ମଧ୍ୟ କୋହଲି, ଅନୁସ୍କା କିମ୍ବା ଅନ୍ୟ କେହି କିଛି ସୂଚନା ଦେଇ ନାହାନ୍ତି।

## ଫେବ୍ରୁଆରୀ ୬ରୁ ଡବ୍ଲ୍ୟୁପିଏଲ୍ ସିଜନ-୩ !

ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ଆଇପିଏଲ୍ ଢାଞ୍ଚାରେ ଭାରତରେ ଅନୁଷ୍ଠିତ ହେଉଥିବା ୱମେନ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୩ୟ ସଂସ୍କରଣ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଖେଳାଯାଇପାରେ। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ ଡବ୍ଲ୍ୟୁପିଏଲ୍-୩ ଫେବ୍ରୁଆରୀ ୯ରୁ ଆରମ୍ଭ ହେବ। ମାର୍ଚ୍ଚ ୯ରେ ଫାଇନାଲ ଖେଳାଯିବାକୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯୋଜନା କରୁଛି। ଡବ୍ଲ୍ୟୁପିଏଲ୍‌ର ଗତ ଖେଳାଳି ନିଲାମୀ ସମୟରେ ଫେବ୍ରୁଆରୀ ୬ରୁ ତୃତୀୟ ସିଜନ ଆରମ୍ଭ କରିବା ନେଇ ବିସିସିଆଇ ସମସ୍ତ ଫ୍ରାଞ୍ଚାଇଜକୁ ସୂଚନା ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ବିସିସିଆଇ ପକ୍ଷରୁ ଅଫିସିଆଲି ଏନେଇ କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ଦିଆଯାଇନାହିଁ। ଅପରପକ୍ଷରେ ଲକ୍ଷ୍ନୌ ଓ ଅହମ୍ମଦାବାଦ ଏଥର ଆୟୋଜନ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।

# ମଣିପୁରକୁ ୧୦ ୱିକେଟରେ ହରାଇଲା ଓଡ଼ିଶା


ଅସୀମ ବରାଡ


କ୍ରିଷ୍ଟା ସାସ୍‌ମଲ


ରାଜ ଯାଦବ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

କଟକ, ୧୯।୧୨(ସମିସ): ଗ୍ୱାଲିୟରର କ୍ୟାପ୍ଟେନ ରୁପ ସିଂହ ଷ୍ଟାଡିୟମରେ ଖେଳାଯାଉଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ମଣିପୁର ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ସହଜ ବିଜୟ ହାସଲ କରିଛି। ରାଜ ଯାଦବଙ୍କ ୫ ୱିକେଟ ସଫଳତା ବଳରେ ଓଡ଼ିଶା ୧୦ ୱିକେଟରେ ଜିତିଛି। ୩ୟ ଲିଗ୍‌ରୁ ୨ୟ ବିଜୟ ସହ ଓଡ଼ିଶା ୧୪ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ବି ଟେବଲର ୨ୟ ସ୍ଥାନକୁ ଉନ୍ନୀତ ହୋଇଛି। ଲିଗ ପର୍ଯ୍ୟାୟରେ ଆଉ ୨ଟି ମ୍ୟାଚ୍ ବାକି ରହିଛି। ଆସନ୍ତା ୨୨ରେ ୪ର୍ଥ ଲିଗ୍‌ରେ ଦଳ ହରିୟାଣାକୁ ଭେଟିବ।

ମଣିପୁରର ପ୍ରଥମ ପାଳି ୨୬୮ ରନରେ ସୀମିତ ରହିବା ପରେ ବୁଧବାର ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ୱିକେଟ ହରାଇ ୩୨୪ରନ କରିଥିଲା। ଇନିଂସ ଅଗ୍ରଣୀ ପଏଣ୍ଟ ଦଳ ନିଶ୍ଚିତ କରି ସାରିଥିଲା। ଅସୀମ ବରାଡ ୫୮ରନ ଏବଂ ଚନ୍ଦିପ ସିଂହ ରିଆର ୮ରନରେ ଅପରାଜିତ ଥିଲେ। ଆଜି ୪୨ରନରେ ଅବଶିଷ୍ଟ ୩ ୱିକେଟ ହରାଇବା ସହ ଓଡ଼ିଶା ପ୍ରଥମ ଇନିଂସରେ ୩୬୬ରନରେ କରିଥିଲା। ଅସୀମ ୭୩ରନରେ ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ଦଳକୁ ୯୮ରନର ଅଗ୍ରଣୀ ମିଳିଥିଲା। ତେବେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ମଣିପୁର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୨୮ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ତରଫରୁ ରାଜ ଯାଦବ ୩୦ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିଲେ। କୌସ୍ତିକ ମହାନ୍ତି ୩ଟି ଏବଂ ସ୍ୱାଗତ ମିଶ୍ର ୨ଟି ୱିକେଟ ବାଣ୍ଟି ନେଇଥିଲେ। ଓଡ଼ିଶା ସମ୍ମୁଖରେ ମାତ୍ର ୩୦ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ କୌଣସି ୱିକେଟ ନହରାଇ ଓଡ଼ିଶା ବିଜୟୀ ହୋଇଛି।

# ଷ୍ଟେଟ-ଏ ଟ୍ରଫି: ମଧ୍ୟପ୍ରଦେଶ ଠାରୁ ଓଡ଼ିଶା ପରାସ୍ତ

କଟକ, ୧୯।୧୨(ସମିସ): ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିର ଲିଗ ପର୍ଯ୍ୟାୟରେ ଓଡ଼ିଶା ଦ୍ୱିତୀୟ ପରାଜୟ ହାସଲ କରିଛି। ରାୟପୁର ଆରଡିସିଏ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ୩ୟ ଲିଗ୍‌ରେ ଦଳ ୧୩୬ରନରେ ମଧ୍ୟପ୍ରଦେଶ ଠାରୁ ହାରିଛି। ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ଡି ଟେବଲର ୫ମ ସ୍ଥାନରେ ରହିଛି। ୨୧ ତାରିଖରେ ଝାଡଖଣ୍ଡ ବିପକ୍ଷରେ ୪ର୍ଥ ମ୍ୟାଚ୍ ଖେଳିବ। ମଧ୍ୟପ୍ରଦେଶ ଅଧିନାୟକ ଚଞ୍ଚଳ ରାଥୋଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର ଶିବାଙ୍ଗ କୁମାର ୧୦ରନରେ ଆଉଟ ହୋଇଥିଲେ। ଅନ୍ୟତମ ଓପନର ତଥା ୱିକେଟ କିପର ବିକାଶ ଶର୍ମା ଏବଂ ଅଧିନାୟକ ଚଞ୍ଚଳ ଦ୍ୱିତୀୟ ୱିକେଟରେ ୨୧୩ରନର ଭାଗୀଦାରି ସୃଷ୍ଟି କରିଥିଲେ। ଉଭୟ ଏଠାରେ ଶତକୀୟ ପାଳି ଖେଳିଥିଲେ। ବିକାଶ ୧୦୯ରନ ଏବଂ ଚଞ୍ଚଳ ୧୨୩ରନ କରିଥିଲେ। ମଧ୍ୟପ୍ରଦେଶ ସମସ୍ତ ୱିକେଟ ହରାଇ ୩୩୮ ରନ କରିଥିଲା। ଓଡ଼ିଶା ତରଫରୁ ବିମଳ କୁମାର ଏବଂ ଉଦୟ ଜଟ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୩୩୯ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଓଡ଼ିଶା ୨୦୨ରନରେ ଅଲଆଉଟ ହୋଇଥିଲା। ପାନକଳ ଶଶାଙ୍କ ସର୍ବାଧିକ ୫୩ରନ କରିଥିଲେ। ଅଧିନାୟକ ସାୱନ ପହରିୟା ୩୧ରନ, ଦିନେଶ ମାଝୀ ୩୪ରନ, ବିନାୟକ ସାହୁ ୩୧ରନ ସଂଗ୍ରହ କରିଥିଲେ। ବିଜୟୀ ମଧ୍ୟପ୍ରଦେଶର ଅଧୀର ପ୍ରତାପ ସିଂହ ୩୩ରନ ବ୍ୟୟରେ ୬ଟି ୱିକେଟ ଅକ୍ତିଆର କରି ଦଳ ଜିତାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।



## ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ | ଏନ୍‌ଗୁଏନ, ଫେଡେରୋଭ୍ ଆଗୁଆ

ଭୁବନେଶ୍ୱର, ୧୯।୧୨(ସମିସ): ଭିଏତନାମର ଫିଡେମାଷ୍ଟର ଏନ୍‌ଗୁଏନ କ୍ୱକ୍ ହାଏ ଓ ବେଲାରୁଷର ଗ୍ରାଣ୍ଡମାଷ୍ଟର ଆଲେକ୍ସେଇ ଫେଡେରୋଭ ଏଠାରେ ଚାଲିଥିବା ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ ମହୋତ୍ସବରେ କାଟାଗୋରୀ-ଏ'ରେ ଅଗ୍ରଣୀ ରହିଛନ୍ତି। ୬ଷ୍ଠ ରାଉଣ୍ଡ ଶେଷରେ ଉଭୟ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ୫ଜଣ ଭାରତୀୟଙ୍କ ସମେତ ୭ଜଣ ଖେଳାଳି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଟପ୍-୨୦ରେ ଜଣେ ମାତ୍ର ଓଡ଼ିଆ ଖେଳାଳି ଅଛନ୍ତି। ସମ୍ବିତ ପଣ୍ଡା ଅନ୍ୟ ୧୨ଜଣଙ୍କ ସହ ୪.୫ ପଏଣ୍ଟ ସଂଗ୍ରହ କରିଥିଲେ ମଧ୍ୟ ବୁକୋଲଜ୍‌ରେ ୧୭ତମ ସ୍ଥାନରେ ରହିଛନ୍ତି। ଅନ୍ୟ ଓଡ଼ିଆଙ୍କ ମଧ୍ୟରେ ଶ୍ରୀଅଂଶ ଦାସ ୪ ପଏଣ୍ଟ ସହ ୩୯ତମ, ରାଜେଶ ନାୟକ ୩.୫ ପଏଣ୍ଟ ସହ ୪୩ତମ, ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ହର୍ଷିତ ରଞ୍ଜନ ସାହୁ ୪୮ତମ, ପ୍ରିଅଂଶ ଦାସ ୪୯ତମ, ନୀଲସୁ ପଟ୍ଟନାୟକ ୫୦ତମ ସ୍ଥାନରେ ରହିଛନ୍ତି। ଅଲ୍ ଓଡ଼ିଶା ଚେସ୍ ସଂଘ ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କ୍ୟାମ୍ପସ-୨ରେ ଚାଲିଥିବା ଏହି ପ୍ରତିଯୋଗିତାର 'ସି' କାଟାଗୋରୀ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇଛି।

# ଅଶ୍ୱିନଙ୍କ ଅବସରକୁ ନେଇ ଜୋର୍‌ଦାର ଚର୍ଚ୍ଚା



ଚେନ୍ନଇ, ୧୯।୧୨(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରୁ ହଠାତ ଅବସର ଘୋଷଣା କରିଥିବା ଭାରତୀୟ କିମ୍ବଦନ୍ତୀ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଗୁରୁବାର ସ୍ୱଦେଶ ଫେରିଆସିଛନ୍ତି। ଚେନ୍ନଇରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ପରେ ସେ ନିଜ ପରିବାର ସହ ଘରକୁ ଚାଲିଯାଇଥିଲେ। କିନ୍ତୁ ବ୍ରିସ୍‌ବେନ୍‌ରେ ଗତକାଲି ତୃତୀୟ ଟେଷ୍ଟ ଶେଷ ହେବା ପରେ ଅଶ୍ୱିନ ହଠାତ୍ ଅବସର ନେବାକୁ ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେ କାହିଁକି ଅବସର ନେଲେ ଓ ସିରିଜ୍ ଅଧାରୁ କାହିଁକି ସ୍ୱଦେଶ ଫେରିଲେ ତାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି।

ଏବେ ଭାରତୀୟ କ୍ରିକେଟ ଦଳ ବର୍ଡର-ଗାଭାସ୍କର ଟ୍ରଫି ଖେଳିବା ଲାଗି ଅଷ୍ଟ୍ରେଲିଆରେ ଗସ୍ତରେ ଅଛି। ସିରିଜ୍‌ର ୩ଟି ମ୍ୟାଚ୍ ଶେଷ ହୋଇଥିଲେ ମଧ୍ୟ ସେ ଗୋଟିଏ ମ୍ୟାଚ୍‌ରେ ଖେଳିବା ସୁଯୋଗ ପାଇଛନ୍ତି। ଆଡିଲେଡ୍‌ରେ ଖେଳାଯାଇଥିବା ଦିବାରାତ୍ର ଟେଷ୍ଟରେ ଭାରତ ୧୦ ୱିକେଟରେ ହାରିଥିଲାବେଳେ ଅଶ୍ୱିନ ଏହି ଟେଷ୍ଟ ଖେଳିଥିଲେ। ଏଠାରେ ସେ ମାତ୍ର ଗୋଟିଏ ୱିକେଟ ପାଇଥିଲାବେଳେ ଆଦୌ ପ୍ରଭାବ ପକାଇ ପାରି ନ ଥିଲେ। ତୃତୀୟ ଟେଷ୍ଟରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳି ନ ଥିଲା। ଭାଇରାଲ ହେଉଥିବା ଭିଡିଓ ଅନୁଯାୟୀ ଏହି ଟେଷ୍ଟ ସିରିଜ୍‌ରେ ଯଦି ତାଙ୍କର ଆବଶ୍ୟକତା ନାହିଁ ତେବେ ତାଙ୍କୁ ସ୍ୱଦେଶ ଫେରିବାକୁ ଅନୁମତି ଦିଆଯାଉ ବୋଲି ରୋହିତଙ୍କୁ ଅଶ୍ୱିନ କହୁଥିବା ଶୁଣାଯାଉଛି। କିନ୍ତୁ ଏଥିରେ କେତେ ସତ୍ୟତା ରହିଛି ତାହାର କିଛି ସୂଚନା ମିଳୁନାହିଁ। ଅନ୍ୟପକ୍ଷରେ ସିରିଜ୍ ଅଧାରୁ ଜଣେ ବରିଷ୍ଠ ଖେଳାଳି ସ୍ୱଦେଶ ଫେରିବା ଘଟଣାକୁ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ତୀବ୍ର ସମାଲୋଚନା କରିଛନ୍ତି। ସେ ଆଉ ୨ଟି ଟେଷ୍ଟ ଲାଗି ଦଳ ସହ ରହିଥିଲେ କିଛି କ୍ଷତି ହୋଇଥାନ୍ତା କି ବୋଲି ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଭାରତୀୟ ଖେଳାଳିମାନେ ଅଶ୍ୱିନଙ୍କ ଅବସରକୁ ନେଇ ଆଦୌ ଚିନ୍ତା କରୁନାହାନ୍ତି। ଗତ କିଛି ବର୍ଷ ହେଲା ତାଙ୍କର ସେପରି ଆଉ ଫର୍ମ ନାହିଁ। ଏହି ସିରିଜ୍ ପୂର୍ବରୁ ଘରୋଇ ମାଟିରେ ନ୍ୟୁଜିଲାଣ୍ଡର ସ୍ପିନରମାନେ ଭାରତରେ କମାଲ ଦେଖାଇଥିଲାବେଳେ ଅଶ୍ୱିନ ପୂରା ଫେଲ ମାରିଥିଲେ। ଯାହା ଫଳରେ ତାଙ୍କର କ୍ୱାଲିଟି କ୍ରିକେଟ ଶେଷ ହୋଇଯାଇଛି ବୋଲି ଆଲୋଚନା ହେଉଥିଲା। ବିଶେଷ କରି ତାଙ୍କ ଅନୁପସ୍ଥିତି ଭାରତୀୟ ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସାଥୀ ଖେଳାଳିମାନେ ଆଶା କରୁଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ୩ଟି ମ୍ୟାଚ୍ ଶେଷ ହୋଇଛି। ଏହି ମ୍ୟାଚ୍ ପରେ ଉଭୟ ଦଳ ୧-୧ରେ ବରାବର ସ୍ଥିତିରେ ରହି ମେଲବୋର୍ଣ୍ଣରେ ଚତୁର୍ଥ ଟେଷ୍ଟ ଖେଳିବାକୁ ଯାଉଛନ୍ତି। ମେଲବୋର୍ଣ୍ଣରେ ପିଚ୍ ସ୍ପିନରଙ୍କୁ ସୁହାଇଥାଏ। ଅଶ୍ୱିନଙ୍କ ସ୍ଥାନ ପୂରଣ ଲାଗି ନିଜ ରାଜ୍ୟର ୱାଶିଂଟନ ସୁନ୍ଦର ପ୍ରସ୍ତୁତ ଅଛନ୍ତି।

ଟେଷ୍ଟ କ୍ରିକେଟରେ ଭାରତ ଲାଗି ୫୩୭ଟି ୱିକେଟ ନେଇ ଦ୍ୱିତୀୟ ସର୍ବାଧିକ ୱିକେଟ ହାସଲକାରୀ ଭାବେ ବିବେଚିତ ହେଉଛନ୍ତି। ତାଙ୍କଠାରୁ ଅଧିକ ୱିକେଟ ଅନୀଲ କୁମ୍ବଲେ ୬୧୯ଟି ନେଇଛନ୍ତି। ଅଶ୍ୱିନ ମଧ୍ୟ ଜଣେ ଉପଯୋଗୀ ଅଲରାଉଣ୍ଡର ଥିଲେ।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଆସିଷ୍ଟାଣ୍ଟ ମ୍ୟାନେଜର (ସେଲ୍ସ) | ଏମ୍.ବି.ଏ. ଡିଗ୍ରୀ ସହିତ ୩ ରୁ ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୨ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS